

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ◆ISSUE-59 ◆SUNDAY ◆23 AUGUST 2026 ◆PAGE-12+4 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୫୯ ◆ରବିବାର ◆୨୩ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨+୪(ସିନ୍ଦୂରା) ◆ଟ.୭.୦୦


# ଅନ୍ଧାରରେ ଦେଶର ଶିକ୍ଷା ଓ ଶିକ୍ଷିତଙ୍କ ଭବିଷ୍ୟତ

## 'ନିଟ୍' ଯୁବପିଢ଼ିଙ୍କୁ ଚାକିରି ନାହିଁ କି ତାଲିମ ନାହିଁ

### 'ନିତି' ଆୟୋଗର ରିପୋର୍ଟ

### ଶିକ୍ଷା-ନିଯୁକ୍ତିଠାରୁ ଦୂରରେ ଦେଶର ୮.୭ କୋଟି ଯୁବକ

### ଚାକିରି ପାଇଁ ଯୋଗ୍ୟ ନୁହନ୍ତି ଭାରତୀୟ ଗ୍ରାଜୁଏଟ୍



■ ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଭାରତ ଏବେ ପୂର୍ବାପେକ୍ଷା ଅଧିକ ସ୍ନାତକ ସୃଷ୍ଟି କରୁଛି। ଏହା ସଫଳତା ବଦଳରେ ସଙ୍କଟର ଉତ୍ସ ପାଲଟିଛି। ସ୍ନାତକ ଡିଗ୍ରୀ ଛାତ୍ରଛାତ୍ରୀମାନଙ୍କୁ ଚାକିରି ବଜାର ପାଇଁ ପ୍ରସ୍ତୁତ କରିବାରେ ବିଫଳ ହେଉଛି। ଅର୍ଥାତ୍, ସେମାନେ ଚାକିରି ପାଇବାରେ ଅସମର୍ଥ। ଏହି ଯୁବବର୍ଗ ହାସଲ କରିଥିବା ଡିଗ୍ରୀ ଅର୍ଥହୀନ। 'ନିତି' ଆୟୋଗର ଏକ ସଦ୍ୟତମ ନୂତନ ଗବେଷଣାତ୍ମକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟରେ ଡିଗ୍ରୀ ମାଧ୍ୟମରେ ଅର୍ଜନ କରାଯାଇଥିବା ଦକ୍ଷତା ଏବଂ ଚାକିରି ବଜାରର ଆବଶ୍ୟକତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅସନ୍ତୁଳନ ପ୍ରକାଶ ପାଇଛି। ଏହାର ଅର୍ଥ ହେଉଛି ଦେଶରେ ଯୁବବର୍ଗଙ୍କୁ ପ୍ରଦାନ କରାଯାଉଥିବା ସ୍ନାତକ ଡିଗ୍ରୀ ସେମାନଙ୍କୁ ଚାକିରିଟିଏ ପ୍ରଦାନ କରିବାରେ ଅସମର୍ଥ। ଦେଶର ୮ କୋଟି ୭୦ ଲକ୍ଷ ଯୁବକ ନା ପାଠପଢୁଛନ୍ତି, କି ଚାକିରି କରୁଛନ୍ତି। ଏମାନେ ଶିକ୍ଷା କିମ୍ବା ନିଯୁକ୍ତିଠାରୁ ବାହାରେ ରହିଛନ୍ତି। ୭୮ତମ ପର୍ଯ୍ୟାୟ ▶ପୃଷ୍ଠା-୭

### ପୁଣି ବିବାଦରେ ଏନ୍‌ଟିଏ

## କପି ପାଇଁ ବିଜୁଳି କାଟ୍!

### ସେପ୍ଟେମ୍ବର ୧ରେ ସାନି ଆୟୁଷ ପରୀକ୍ଷା

■ ଜୟପୁର, ୨୨।୮ (ଏଜେନ୍ସି): ପ୍ରଥମେ ନିଟ୍ ଏବଂ ପରେ ନେଟ୍ ପରୀକ୍ଷାରେ ବିଭ୍ରାଟ ଯୋଗୁଁ ବିବାଦରେ ଥିବା ଏନ୍‌ଟିଏ (ନେସନାଲ ଟେଷ୍ଟିଂ ଏଜେନ୍ସି) ଆଜି ପୁଣି ଫେଲ୍ ମାରିଛି। ଏହି ସଂସ୍ଥା ଦ୍ୱାରା ପରିଚାଳିତ ଆୟୁଷ ପରୀକ୍ଷାରେ ପୁଣି ବିଭ୍ରାଟ ସୃଷ୍ଟି ହୋଇଛି। ଫଳରେ ପରୀକ୍ଷା ବାତିଲ କରାଯାଇ ପୁନଃପରୀକ୍ଷା ପାଇଁ ନୂଆ ତାରିଖ ଘୋଷଣା କରାଯାଇଛି। ଆଜି ସାରାଦେଶରେ ଅଲ୍ ଇଣ୍ଡିଆ ଆୟୁଷ ପୋଷ୍ଟ ଗ୍ରାଜୁଏଟ୍ ପ୍ରବେଶିକା ପରୀକ୍ଷା (ଏଆଇଏପିଜିଇଟି) ଅନୁଷ୍ଠିତ ହୋଇଥିଲା। ▶ପୃଷ୍ଠା-୭

### ସଫାସଫା ମନା କରିଦେଲେ ଗଣଶିକ୍ଷା ମନ୍ତ୍ରୀ

## ଏବେ କୌଣସି ନିଯୁକ୍ତି ନାହିଁ

### ମନ୍ତ୍ରୀଙ୍କ ନାସ୍ତିବାଣୀ ବଦଳାଇଲା ଆନ୍ଦୋଳନ ମୋଡ଼

### ଅନଶନ ଆରମ୍ଭ କଲେ ଶିକ୍ଷକ ନିଯୁକ୍ତି ଆଶାୟୀ

■ ଭୁବନେଶ୍ୱର, ୨୨।୮ (ସମିସ): ଏବେ କୌଣସି ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ନାହିଁ। ପ୍ରକ୍ରିୟା ଜାରି ରହିଛି; ଠିକଣା ସମୟରେ ନିଯୁକ୍ତି ବାହାରିବ। କେବେ ନିଯୁକ୍ତି ହେବ ସେନେଇ ସରକାର କିଛି କହିପାରିବେ ନାହିଁ। ଗତକାଲି ଅର୍ଥାତ୍ ଶୁକ୍ରବାର ଦିନ ଧାରଣାରତ ଶିକ୍ଷକ ଆଶାୟୀ ସଂଘର ଏକ ପ୍ରତିନିଧି ଦଳ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସାକ୍ଷାତ କରି ଆଲୋଚନା କରିବା ସମୟରେ ମନ୍ତ୍ରୀ ଏପରି ନାସ୍ତିବାଣୀ ଶୁଣାଇଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଏପରିକି ଅଲଗା ଚାକିରି କରୁ ନାହାନ୍ତି; କେବଳ ଶିକ୍ଷକ ଚାକିରି ପାଇଁ କାହିଁକି ଅପେକ୍ଷା କରିଛନ୍ତି ବୋଲି ମନ୍ତ୍ରୀ ପ୍ରଶ୍ନ କରିଥିବା ଅଭିଯୋଗ ହୋଇଛି।

ଆଶାୟୀଙ୍କ ୫ ଜଣିଆ ପ୍ରତିନିଧି ମଣ୍ଡଳୀରେ ସ୍ୱାଗତ ଦାସ, ରିତେଶ ବେହେରା, ବାଦଲ ବିଶ୍ୱାଳ, ଉତ୍ତମ ମେହେର୍ ପ୍ରମୁଖ ଲୋକସେବା ଭବନରେ ଗଣଶିକ୍ଷା ▶ପୃଷ୍ଠା-୭


ନନ୍ଦିଘୋଷ | ସକାଳ THE SAKALA

Presenting Sponsor
SIKSHA 'O' ANUSANDHAN

ଓଡ଼ିଶା ଅଭ୍ୟୁଦୟ
Looking back, moving forward
Odisha Abhyudaya Conclave

Supported by
vedanta aluminium
MCL
SAI INTERNATIONAL SCHOOL
SAI International Residential School
STALWART



Chief Guest
**Dr. Hari Babu Kambhampati**
Hon'ble Governor
Odisha

25th (Tuesday) & 26th (Wednesday)
August 2026

Conclave Starts : 10.30 AM

Venue : Railway Auditorium,
Rail Vihar, Chandrasekharpur, Bhubaneswar

**25th August 2026**

SESSION-1
Topic - Odisha's Road to Prosperity – Years of Transformation



Sj. Jaydev Jena, Former Minister & Sr. Congress Leader
Sj. Suresh Pujari, Minister, Revenue and Disaster Management
Sj. Bhrugu Baxipatra, Sr. General Secretary, BJD

SESSION-2
Topic - Naveen Patnaik – A Statesman Beyond Politics



Sj. Prafulla Ch. Ghadai, Former Minister & Sr. Politician
Sj. Suresh Kumar Routray, Former Minister & Sr. Congress leader
Sj. Prahalad Singh, Columnist
Sj. Kedar Mishra, Editor, Writer & Sr. Journalist

SESSION-3
Topic - Odisha – Emerging Education Hub



Prof. Ajay Pattanaik, Former Dean SIS JNU & Educationist
Dr. Sanjeeb Rout, Founder Chairperson, C.V. Raman Global University
Sj. Satyabrata Minaketan, Chairman, ODM Educational Group

SESSION-4
Topic - Empowering Women



Smt. Sulochana Das, Mayor, BMC
Smt. Sofia Firdous, MLA, Cuttack Barabati
Smt. Sruti Mohapatra, Founder CEO Swabhiman

**26th August 2026**

SESSION-1
Topic - Multi-Party vs. Bi-Party System




Prof. Manoj Kumar Jha, MP, Rajya Sabha, RJD
Sj. Sandosh Kumar P., MP, Rajya Sabha, CPI
Smt. Aparajita Sarangi, MP, Bhubaneswar, BJP
Sj. Arun Kumar Sahoo, Former Minister & MLA, BJD

SESSION-2
Topic - Odisha: Sports Powerhouse



Sj. Ranjeeb Biswal, Cricket Administrator & Former MP
Sj. Sambit Mohapatra, Sr. Journalist
Smt. Anuradha Biswal, Olympian
Smt. Minati Mohapatra, Cyclist & Arjuna Awardee

SESSION-3
Topic - Odisha's Disaster Shield – Disaster Management Model



Dr. Mrutyunjay Mohapatra, Director General of Meteorology, India Meteorological Department
Sj. Pradipta Kumar Mohapatra, Retd. IAS, Ex-Additional Chief Secretary, Govt. of Odisha
Sj. Bibhuti Bhusan Gadanayak, Disaster Risk Management Expert & UN Consultant

SESSION-4
Topic - Odisha's Roadmap for 2036



Sj. Bhakta Charan Das, President, Odisha Pradesh Congress Comittee
Sj. Debi Prasad Mishra, Former Minister & Sr. Vice President, BJD
Sj. Pradeep Kumar Purohit, MP, Bargarh, BJP

## ଜାତିସଂଘର ପ୍ରଥମ ମହିଳା ମୁଖ୍ୟ ହେବା ସମ୍ଭାବନା

ନ୍ୟୁୟର୍କ, ୨୨।୮ (ଏଜେନ୍ସି): ଜାତିସଂଘର ପରବର୍ତ୍ତୀ ମହାସଚିବ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଚାଲିଥିବା ଅନୌପଚାରିକ ଭୋଟ୍ ଦୌଡ଼ରେ ଗୁଏନାର କାରୋଲିନ୍ ରୋଡ୍ରିଗେଜ୍-ବର୍କେଟ୍ ପ୍ରଥମ ସ୍ଥାନରେ ଥିବାବେଳେ କୋଷ୍ଟାରିକାର ରେବେକା ଗ୍ରାଇନସ୍ପାନ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଜାତିସଂଘର ୮୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଜଣେ ମହିଳା ମହାସଚିବ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ବର୍ତ୍ତମାନର ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ କାର୍ଯ୍ୟକାଳ ୨୦୨୬ ମସିହା ଡିସେମ୍ବର ୩୧ ତାରିଖରେ ଶେଷ ହେଉଛି। ବର୍ତ୍ତମାନ ମୋଟ ୮ ଜଣ ପ୍ରାର୍ଥୀ ଦୌଡ଼ରେ ଥିବାବେଳେ ସେଥିମଧ୍ୟରୁ ୫ ଜଣ ମହିଳା ଅଛନ୍ତି। ନିରାପତ୍ତା ପରିଷଦର ୧୫ ଜଣ ସଦସ୍ୟ ଏବଂ ପାଞ୍ଚଟି ସ୍ଥାୟୀ ରାଷ୍ଟ୍ରଙ୍କ ସମର୍ଥନ ଏହି ପଦବୀ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ। ଜାତିସଂଘ ମହାସଚିବ ସିଧାସଳଖ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ନାହିଁ। ପ୍ରଥମେ ନିରାପତ୍ତା ପରିଷଦରେ ଗୁପ୍ତ ମତଦାନ କରାଯାଇ ପ୍ରାର୍ଥୀମାନଙ୍କୁ ସମର୍ଥନ ଅଣାଯାଏ ଏବଂ ଶେଷରେ ସାଧାରଣ ସଭା ଏହାକୁ ଅନୁମୋଦନ କରେ। ଆମେରିକା, ରୁଷ, ଚୀନ୍, ବ୍ରିଟେନ୍ ଏବଂ ଫ୍ରାନ୍ସ ଭଳି ସ୍ଥାୟୀ ରାଷ୍ଟ୍ରମାନଙ୍କର ଭିଟୋ କ୍ଷମତା ଥିବାରୁ ସେମାନଙ୍କର ବିରୋଧ ନକରିବା ନିହାତି ଆବଶ୍ୟକ। ୨୦୦୬ ମସିହାରେ ଭାରତୀୟ ସାଂସଦ ଶଶୀ ଥରୁର ମଧ୍ୟ ଏହି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ବିକାଶଶୀଳ ଦେଶଗୁଡ଼ିକର ପ୍ରଭାବ ଏବଂ ଆଞ୍ଚଳିକ ଭାରସାମ୍ୟ ରକ୍ଷା କରିବା ପାଇଁ ଏଥର ଜାତିସଂଘକୁ ଜଣେ ମହିଳା ମୁଖ୍ୟ ମିଳିବାର ପ୍ରବଳ ସମ୍ଭାବନା ରହିଛି।


## ପାକିସ୍ତାନର ଆତଙ୍କବାଦୀ ତାଲିକାରେ ସାମ୍ବାଦିକ

ଇସ୍‌ଲାମାବାଦ, ୨୨।୮ (ଏଜେନ୍ସି): ପିଓକେରେ ଚାଲିଥିବା ଆନ୍ଦୋଳନ ଏବଂ ସେନା ଦମନଲୀଳାକୁ କଭର୍ କରିଥିବା ଜଣାଶୁଣା ସାମ୍ବାଦିକ ଦାନିଶ ଇର୍ଶାଦଙ୍କୁ ପାକିସ୍ତାନ ସରକାର ଆତଙ୍କବାଦୀ ତାଲିକାରେ ସାମିଲ କରିଛନ୍ତି। ବିନା କୌଣସି କୋର୍ଟ ନିର୍ଦ୍ଦେଶ କିମ୍ବା ଆଇନଗତ ମାମଲାରେ ତାଙ୍କୁ 'ଚତୁର୍ଥ କ୍ରମସୂଚୀ' ଆତଙ୍କବାଦୀ ତାଲିକାରେ ରଖାଯାଇଥିବା ବେଳେ ଏହାଦ୍ୱାରା ତାଙ୍କର



ବ୍ୟାଙ୍କଖାତା ଏବଂ ଗସ୍ତ ଉପରେ କଟକଣା ଲାଗିଛି। ଦାନିଶ ଇର୍ଶାଦ ଗତ ୧୦ ବର୍ଷ ହେବ ଅଧିକୃତ କାଶ୍ମୀର ଏବଂ ଗିଲଗିଟ୍-ବାଲ୍‌ଟିସ୍ତାନର ରାଜନୈତିକ ସ୍ଥିତି ଓ ଆନ୍ଦୋଳନ ସମ୍ପର୍କରେ ରିପୋର୍ଟ ପ୍ରକାଶ କରିଆସୁଛନ୍ତି। ସରକାରୀ ଆଦେଶରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ କିମ୍ବା ଆତଙ୍କବାଦ ସହ ସମ୍ପୃକ୍ତିର ପ୍ରମାଣ ଦିଆଯାଇ ନାହିଁ। ସୋସିଆଲ ମିଡିଆ ମାଧ୍ୟମରେ ସେ ନିଜ ନାମ ଏହି କଳା ତାଲିକାରେ ଥିବା ଜାଣିବାକୁ ପାଇଥିଲେ। ପାକିସ୍ତାନର ଏପରି ପଦକ୍ଷେପକୁ ସାମ୍ବାଦିକ ସଂଘ ଏବଂ ମାନବିକତାବାଦୀ କର୍ମକର୍ତ୍ତାମାନେ ଗଣମାଧ୍ୟମର ସ୍ୱାଧୀନତା ଉପରେ ସିଧାସଳଖ ଆକ୍ରମଣ ବୋଲି କହିଛନ୍ତି। ଏହି ଆତଙ୍କବାଦୀ ତାଲିକାରେ ସାମିଲ ହେବା କାରଣରୁ ଦାନିଶ ଇର୍ଶାଦଙ୍କୁ ବିଦେଶ ଗସ୍ତ, ପାସପୋର୍ଟ ଏବଂ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ କଟକଣାର ସମ୍ମୁଖୀନ ହେବାକୁ ପଡ଼ିବ। ଜଣେ ନିରପେକ୍ଷ ସାମ୍ବାଦିକଙ୍କ ବିନା ବିଚାରରେ ଆତଙ୍କବାଦୀ ତାଲିକାରେ ନାମ ଯୋଡ଼ିବା ପାକିସ୍ତାନରେ ସାମ୍ବାଦିକତା ଏବଂ ମୁକ୍ତ ଚିନ୍ତାଧାରା କେତେ ଅସୁରକ୍ଷିତ ତାହା ସ୍ପଷ୍ଟ କରୁଛି।

## ପରିବାର ବିବାଦ: ଶ୍ୱଶୁରଘର ଲୋକଙ୍କ ଆକ୍ରମଣରେ ଇଞ୍ଜିନିୟର ନିହତ



ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଦିଲ୍ଲୀର ନିହାଲ ବିହାର ଅଞ୍ଚଳରେ ଏକ ପାରିବାରିକ ବିବାଦକୁ କେନ୍ଦ୍ର କରି ଜଣେ ୩୧ ବର୍ଷୀୟ ସଫ୍ଟୱେର୍ ଇଞ୍ଜିନିୟରଙ୍କୁ ତାଙ୍କ ଶ୍ୱଶୁରଘର ଲୋକେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ଆଡୋବ କମ୍ପାନୀରେ କାର୍ଯ୍ୟ କରୁଥିବା ବିନୟ ଗୁପ୍ତା ବୋଲି ଜଣାପଡ଼ିଛି। ପିଲାକୁ ଔଷଧ ଦେବାକୁ ନେଇ ବିନୟ ଏବଂ ତାଙ୍କ ପତ୍ନୀ ରେଖାଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ରେଖା ଫୋନ୍ କରି ନିଜ ପରିବାର ଲୋକଙ୍କୁ ଡକାଇବା ପରେ ତାଙ୍କ ଭାଇ, ପିତା ଏବଂ ଅନ୍ୟ ସମ୍ପର୍କୀୟମାନେ ଆସି ବିନୟଙ୍କୁ ନିର୍ମମ ଭାବେ ମାଡ଼ ମାରିଥିଲେ। ଆକ୍ରମଣ ପୂର୍ବରୁ ଘରର ସମସ୍ତ ସିସିଟିଭି କ୍ୟାମେରା ବନ୍ଦ କରାଯାଇଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ପୁଲିସ ଏହି ମାମଲାରେ ପତ୍ନୀ ରେଖା, ତାଙ୍କର ଦୁଇ ଭାଇ ଏବଂ ଜଣେ ସମ୍ପର୍କୀୟଙ୍କୁ ଗିରଫ କରିଛି। ବିନୟଙ୍କ ମାଆଙ୍କ କହିବାନୁଯାୟୀ, ଯେତେବେଳେ ସେ ପାଣି ଆଣିବାକୁ ଯାଇଥିଲେ, ସେହି ସମୟରେ ଏହି ଆକ୍ରମଣ ଘଟିଥିଲା। ଗୁରୁତର ଅବସ୍ଥାରେ ବିନୟଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପାରିବାରିକ କଳହ କିପରି ଏକ ବଡ଼ ଦୁର୍ଘଟଣାର ରୂପ ନେଇପାରେ, ଏହି ଘଟଣା ତାହା ପୁଣିଥରେ ପ୍ରମାଣିତ କରିଛି।


## ୧୫ ବର୍ଷ ପରେ ଧରାପଡ଼ିଲେ ୭୨ ବର୍ଷୀୟ ଫେରାର ଅଭିଯୁକ୍ତ

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ପ୍ରାୟ ୧୫ ବର୍ଷ ଧରି ପୁଲିସକୁ ଚକମା ଦେଇ ଫେରାର ଥିବା ୭୨ ବର୍ଷୀୟ ହରି ସିଂହ ଶେଖାୱତଙ୍କୁ ଦିଲ୍ଲୀ ପୁଲିସର ବିଶେଷ ଶାଖା ଜୟପୁରରୁ ଗିରଫ କରିଛି। ୨୦୦୮ ମସିହାରେ ଏକ ପ୍ରମୁଖ ପୋଷାକ ନିର୍ମାଣ କମ୍ପାନୀରୁ ଟଙ୍କା ଆଦାୟ ପାଇଁ ଧମକ ଦେବା ଅଭିଯୋଗରେ ଶେଖାୱତଙ୍କ ବିରୋଧରେ ମାମଲା ହୋଇଥିଲା। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ହାଜର ନହେବାରୁ ୨୦୧୬ରେ ତାଙ୍କୁ ପଳାତକ ଅପରାଧୀ ଘୋଷଣା କରାଯାଇଥିଲା। ଗିରଫରୁ ବର୍ତ୍ତିବା ପାଇଁ ସେ ପ୍ରଥମେ ଗୁଜରାଟ ଓ ପରେ ରାଜସ୍ଥାନରେ ରହୁଥିଲେ। ଦୀର୍ଘବର୍ଷ ଧରି ନଜର ରଖିବା ପରେ ପୁଲିସ ଜୟପୁରର ଏକ ଆବାସିକ ଅଞ୍ଚଳରୁ ତାଙ୍କୁ ଧରିଥିଲା। ଶେଖାୱତ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚ ପଦରେ କାମ କରିଥିବା ପୁଲିସ କହିଛି। ପ୍ରାୟ ଦେଢ଼ ଦଶନ୍ଧିର ସନ୍ଧାନ ପରେ ଖୋଜାଖୋଜି ପରେ ଶେଖାୱତଙ୍କୁ ଗିରଫ କରାଯାଇପାରିଛି।

# ଅରୁଣାଚଳରେ ୫୦ କିମି ଭିତରକୁ ପଶିଆସିଛି ଚୀନ!

- ଉଦ୍‌ବେଗ ଜଣାଇଲେ ବିଜେପି ସାଂସଦ
- ଆତଙ୍କିତ ଅବସ୍ଥାରେ ସ୍ଥାନୀୟ ଲୋକେ
- ଆଉ ଏକ ଡୋକଲାମ ଅସମ୍ଭବ ନୁହେଁ

ଇଟାନଗର, ୨୨।୮ (ଏଜେନ୍ସି): ଅରୁଣାଚଳ ପ୍ରଦେଶରେ ଏବେ ପରିସ୍ଥିତି ଗୁରୁତର ହେବାରେ ଲାଗିଛି। ରାଜ୍ୟକୁ ନିଜର ଅଞ୍ଚଳ ବୋଲି ଦାବି କରୁଥିବା ଚୀନ ଭାରତୀୟ କାର୍ଯ୍ୟକ୍ରମକୁ ବିରୋଧ କରିଆସୁଛି। କେବଳ ଏତିକି ନୁହେଁ, ଭାରତୀୟ ଅଞ୍ଚଳକୁ ମଧ୍ୟ ମାଡ଼ି ଆସିଛି। ଗତ କିଛି ମାସ ମଧ୍ୟ ଚୀନ ଅରୁଣାଚଳ ପ୍ରଦେଶରେ



୫୦ରୁ ୬୦ କିଲୋମିଟର ପର୍ଯ୍ୟନ୍ତ ପଶି ଆସିଲାଣି। ଏଭଳି ସୂଚନା ଦେଇଛନ୍ତି ଅରୁଣାଚଳର ବିଜେପି ସାଂସଦ ତାପିର ଗାଓ। ସେ ଏହି ପ୍ରସଙ୍ଗ ସଂସଦରେ ମଧ୍ୟ ଉଠାଇଛନ୍ତି। ଚୀନ କାର୍ଯ୍ୟକଳାପ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଭାରତ ସରକାର ଏବେ ଠାରୁ କୌଣସି ପଦକ୍ଷେପ ନନେଲେ ଏଠାରେ ଡୋକଲାମ ଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ସେ ସତର୍କ କରାଇଛନ୍ତି।

ବିଜେପି ସାଂସଦ କହିଛନ୍ତି ଯେ ବାସ୍ତବ ନିୟନ୍ତ୍ରଣରେଖା (ଏଲ୍‌ଏସି) ନିକଟରେ ଚୀନ୍ ସେନା (ପିଏଲ୍‌ଏ) ର କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ଚିନ୍ତାକୁ କେବେ ମଧ୍ୟ ଅଣଦେଖା କରାଯିବା ଉଚିତ୍ ନୁହେଁ। ଉପର ସୁବନଶିରି ଜିଲ୍ଲାର ତାକ୍‌ସିଂ ଅଞ୍ଚଳରେ ଚୀନ୍ ସେନାର କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ସେ କହିଛନ୍ତି ଯେ ସେ ୨୦୧୯ ମସିହାରେ ମଧ୍ୟ ସଂସଦରେ ଏହି ପ୍ରସଙ୍ଗ ଉଠାଇଥିଲେ, କିନ୍ତୁ



ସେତେବେଳେ ଏହାକୁ ଗୁରୁତ୍ୱ ଦିଆଯାଇନଥିଲା। ସଂସଦର ଗତ ମୌସୁମୀ ଅଧିବେଶନ ବେଳେ ମଧ୍ୟ ସେ ଏହି ପ୍ରସଙ୍ଗ ଉଠାଇଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ସେ ଲେଖିଛନ୍ତି, 'ଅରୁଣାଚଳ ପ୍ରଦେଶ ଭାରତର ଏକ ଅଭିନ୍ନ ଅଙ୍ଗ। ଏହାର ସାର୍ବଭୌମତ୍ୱ ଆଲୋଚନାଯୋଗ୍ୟ ନୁହେଁ।' ଭାରତ ସର୍ବଦା ଶାନ୍ତି ଓ ବନ୍ଧୁତା ଚାହେଁ, କିନ୍ତୁ ଦେଶର ଅଖଣ୍ଡତା ଏବଂ ସୁରକ୍ଷା ସହ କୌଣସି ପ୍ରକାର ସାଲିସ କରାଯିବ ନାହିଁ।

ତେବେ ଭାରତୀୟ ସେନା ପକ୍ଷରୁ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଅସତ୍ୟ ବୋଲି କୁହାଯାଇଛି। ଚୀନ୍ ସେନା ଭାରତୀୟ ଅଞ୍ଚଳ ଦଖଲ କରିଥିବା କିମ୍ବା ଶିବିର ସ୍ଥାପନ କରିଥିବା ଖବରର କୌଣସି ସତ୍ୟତା ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ କହିଛନ୍ତି ଯେ ସେ ଏହି ପ୍ରସଙ୍ଗରେ ସ୍ଥାନୀୟ ଲୋକ ଏବଂ ପ୍ରତିରକ୍ଷା ବାହିନୀର ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଭାରତ ସୀମାସମ୍ବନ୍ଧୀୟ ସମସ୍ତ ବିଷୟକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରେ ଏବଂ ଏଲ୍‌ଏସିରେ ଶାନ୍ତି ବଜାୟ ରଖିବା ଅତ୍ୟନ୍ତ ଜରୁରୀ। ଅନ୍ୟପକ୍ଷରେ, ଚୀନ୍ କହିଛି ଯେ ବର୍ତ୍ତମାନ ସୀମା ପରିସ୍ଥିତି ସାଧାରଣତଃ ସ୍ଥିର ରହିଛି।

# ଦିଲ୍ଲୀରେ ଉଗ୍ର ହେଉଛି ସ୍ୱାଇନ୍ ଫ୍ଲୁ

**୧୭୭୭ଟି ସଂକ୍ରମଣ ମାମଲା ଚିହ୍ନଟ**



- ଶ୍ୱାସକ୍ରିୟାରେ ସମସ୍ୟା
- ହ୍ରାସପାଉଛି ଅମ୍ଳଜାନ ସ୍ତର

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ଏବେ ସ୍ୱାଇନ୍ ଫ୍ଲୁ ବା ଏଚ୍୧ଏନ୍୧ ଜ୍ୱରର ପ୍ରକୋପ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ପରିବର୍ତ୍ତନଶୀଳ ପାଣିପାଗ ଓ ଆର୍ଦ୍ରତା କାରଣରୁ ଏହି ଭୂତାଣୁ ସଂକ୍ରମଣ ଅଧିକ ହେବାରେ ଲାଗିଛି। ସବୁଠାରୁ ଚିନ୍ତାର ବିଷୟ ଏହିକି ଯେ, ଆକ୍ରାନ୍ତଙ୍କ ଅମ୍ଳଜାନ ସ୍ତର ହ୍ରାସ ପାଉଥିବା ଓ ଶ୍ୱାସକ୍ରିୟାରେ ଗୁରୁତର ସମସ୍ୟା ଦେଖାଦେଉଥିବା ଖବର ମିଳିଛି। ସୂଚନା ଅନୁଯାୟୀ, ଚଳିତ ବର୍ଷ ଦିଲ୍ଲୀରେ ଏଚ୍୧ଏନ୍୧ ସଂକ୍ରମଣ ମାମଲା ଗତ ବର୍ଷ ତୁଳନାରେ ପ୍ରାୟ ଆଠ ଗୁଣ ବୃଦ୍ଧି ପାଇଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୧୭୭୭ଟି ସଂକ୍ରମଣ ମାମଲା ଚିହ୍ନଟ ହୋଇସାରିଲାଣି, ଯେଉଁଠାରେ ଗତ ବର୍ଷ ଏହି ସମୟ ମଧ୍ୟରେ ମାତ୍ର ୨୨୯ଟି ମାମଲା ରେକର୍ଡ ହୋଇଥିଲା। ଅନେକ ଡାକ୍ତର ଓ ଏକ ସରକାରୀ ହସ୍ପିଟାଲର ମୁଖ୍ୟ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥିତି ଉପରେ ନଜର ରଖିବା ପାଇଁ ସର୍ଭିଲାନ୍ସ ବା ତଦାରଖ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମଧ୍ୟ ଏହି ବିଷୟରେ ଏକ ସମୀକ୍ଷା ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ସ୍ୱାଇନ୍ ଫ୍ଲୁର ଲକ୍ଷଣଗୁଡ଼ିକ ମଧ୍ୟରେ ଅଚାନକ ଜ୍ୱର, ଶୁଖିଲା କାଶ, ଗଳାରେ ଯନ୍ତ୍ରଣା, ଶରୀର ପୀଡ଼ା, ମୁଣ୍ଡବିନ୍ଧା ଓ ଅତ୍ୟଧିକ କ୍ଳାନ୍ତି ଅନ୍ତର୍ଭୁକ୍ତ। ବିଶେଷଜ୍ଞମାନେ ସତର୍କ କରାଇଛନ୍ତି ଯେ, ଯଦି କାହାକୁ ନିଃଶ୍ୱାସ ନେବାରେ କଷ୍ଟ, ଛାତିରେ ଯନ୍ତ୍ରଣା କିମ୍ବା ଓଠ ନୀଳ ପଡ଼ିଯିବା ଭଳି ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ବିଶେଷକରି ବୃଦ୍ଧ, ଶିଶୁ, ଗର୍ଭବତୀ ମହିଳା ଓ ଅନ୍ୟ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଅଧିକ ସତର୍କ ରହିବା ଜରୁରୀ। ପରିଶେଷରେ, ସରକାରୀ ସ୍ତରରେ ପରିସ୍ଥିତିକୁ ନେଇ ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଛି। ହାତ ସଫା ରଖିବା, କାଶିବା ବେଳେ ସତର୍କତା ଅବଲମ୍ବନ କରିବା ଓ ସଂକ୍ରମିତ ଥିଲେ ଘରେ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ସମୟୋଚିତ ଚିକିତ୍ସା ଓ ସତର୍କତା ହିଁ ଏହି ସଂକ୍ରମଣକୁ ରୋକିବାରେ ସହାୟକ ହେବ।

## କଂଗ୍ରେସ ବିରୋଧରେ ବିଜେପିର 'ବନ୍ଦେ ମାତରମ୍' ପ୍ରସ୍ତାବ

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଜାତୀୟ ଗାନ 'ବନ୍ଦେ ମାତରମ୍'କୁ ନେଇ ବିଜେପି ଆଜି କଂଗ୍ରେସ ବିରୋଧରେ ଏକ ପ୍ରସ୍ତାବ ପାରିତ କରିଛି। ଜାତୀୟ ଗାନର ସମ୍ମାନ ଓ ସୁରକ୍ଷା କ୍ଷେତ୍ରରେ କୌଣସି ସାଲିସ କରାଯିବ ନାହିଁ ବୋଲି ଏଥିରେ କୁହାଯାଇଛି। ନୂଆ ଦାୟିତ୍ୱ ଗ୍ରହଣ କରିଥିବା ଦଳୀୟ ପଦାଧିକାରୀଙ୍କ ବୈଠକରେ ଏହି ପ୍ରସ୍ତାବ ପାରିତ ହୋଇଛି। ବିଜେପି ଅଧ୍ୟକ୍ଷ ନିତିନ ନବୀନ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅଗଷ୍ଟ ୧୯ ରେ କଂଗ୍ରେସ କାର୍ଯ୍ୟକାରିଣୀ କମିଟି 'ବନ୍ଦେ ମାତରମ୍'ର କେବଳ ପ୍ରଥମ ଦୁଇଟି ପଦ ଗାନ କରିବା ନେଇ ୧୯୩୭ର ନିଷ୍ପତ୍ତିକୁ ପୁନଃ ସମର୍ଥନ




କରିଥିଲା। ବିଜେପି ଏହାକୁ ଦୃଢ଼ ଭାବେ ବିରୋଧ କରିଛି। ବିଜେପି ଅଧ୍ୟକ୍ଷ ନିତିନ ନବୀନ କହିଛନ୍ତି ଯେ, ରାଜନୈତିକ ସ୍ୱାର୍ଥ, ତୁଷ୍ଟୀକରଣ କିମ୍ବା ସାମ୍ପ୍ରଦାୟିକ ଚାପ ଯୋଗୁଁ ଜାତୀୟ ଗାନର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିବାର କୌଣସି ପ୍ରୟାସକୁ ଦଳ ଗ୍ରହଣ କରିବ ନାହିଁ। 'ବନ୍ଦେ ମାତରମ୍'ର ଇତିହାସ, ଅର୍ଥ, ଜାତୀୟ ଗୁରୁତ୍ୱ ଓ ଐତିହ୍ୟକୁ ଦେଶର ପ୍ରତ୍ୟେକ କୋଣରେ ପହଞ୍ଚାଇବା ପାଇଁ ବିଜେପି ଏକ ସଚେତନତା ଅଭିଯାନ ଆରମ୍ଭ କରିବ ବୋଲି ପ୍ରସ୍ତାବରେ କୁହାଯାଇଛି। ବିଶେଷକରି ଯୁବପିଢ଼ି ମଧ୍ୟରେ 'ବନ୍ଦେ ମାତରମ୍'ର ଐତିହାସିକ ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ। 'ବନ୍ଦେ ମାତରମ୍' ସମ୍ପର୍କରେ ମହାତ୍ମା ଗାନ୍ଧୀଙ୍କ ମତାମତକୁ ମଧ୍ୟ ଦେଶବ୍ୟାପୀ ଅଭିଯାନରେ ସାମିଲ କରାଯିବ ବୋଲି ବିଜେପି କହିଛି। ଗାନ୍ଧୀ 'ବନ୍ଦେ ମାତରମ୍'କୁ ସାମ୍ରାଜ୍ୟବାଦ ବିରୋଧୀ ସ୍ଲୋଗାନ ଏବଂ ଶୁଦ୍ଧ ଜାତୀୟ ଭାବନା ସହ ଜଡ଼ିତ ବୋଲି ବର୍ଣ୍ଣନା କରିଥିବା ଦଳ ପକ୍ଷରୁ କୁହାଯାଇଛି। ନିତିନ ନବୀନ କହିଛନ୍ତି ଯେ, ବିଜେପି 'ପୂର୍ଣ୍ଣ ବନ୍ଦେ ମାତରମ୍'ର ସମ୍ମାନ, ମର୍ଯ୍ୟାଦା, ଐତିହ୍ୟ ଓ ଜାତୀୟ ଚରିତ୍ରର ସୁରକ୍ଷା କରିବ। ବିଜେପି ଦେଶବ୍ୟାପୀ ସଚେତନତା ଅଭିଯାନ କରିବା ସହ ଯୁବପିଢ଼ିଙ୍କୁ ଏହାର ଇତିହାସ ଓ ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ଅବଗତ କରାଇବାକୁ ନିଷ୍ପତ୍ତି ନେଇଛି।

## ବାର୍ କାଉନସିଲ ଅଧ୍ୟକ୍ଷଙ୍କ ଅଡୁଆ ବଢ଼ିଲା: ଇସ୍ତଫା ଦାବିକଲେ ସହ-ଅଧ୍ୟକ୍ଷ



ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ର ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କୁ ୧୫ ଦିନ ମଧ୍ୟରେ ଇସ୍ତଫା ଦେବାକୁ ଦାବି କରିଛନ୍ତି ବିସିଆଇର ସହ-ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ୱାଇ.ଆର୍. ସଦାଶିବ ରେଡ୍ଡୀ। ଆର୍ଥିକ ଅନିୟମିତତା ସମେତ ୮ଟି ଗୁରୁତର ଅଭିଯୋଗ ଆଣି ସେ ମିଶ୍ରଙ୍କୁ ଏକ ଚିଠି ଲେଖିଛନ୍ତି। ରେଡ୍ଡୀ କହିଛନ୍ତି ଯେ, ଦେଶର ଆଇନଜୀବୀମାନେ ତାଙ୍କ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି, ସେହି ବିଶ୍ୱାସ ପ୍ରତି ଦାୟିତ୍ୱବୋଧରୁ ସେ ଏହି ଚିଠି ଲେଖିଛନ୍ତି। ମିଶ୍ର ବିସିଆଇକୁ ଏକ ସାର୍ବଜନୀନ ସଂସ୍ଥା ପରିବର୍ତ୍ତେ ବ୍ୟକ୍ତିଗତ ସମ୍ପତ୍ତି ଭଳି ପରିଚାଳନା କରୁଥିବା ସେ ଅଭିଯୋଗ କରିଛନ୍ତି। ରେଡ୍ଡୀଙ୍କ ଅଭିଯୋଗ ଅନୁସାରେ, ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ଟ୍ରଷ୍ଟକୁ ନିଷ୍କ୍ରିୟ ହେବାକୁ ଦିଆଯାଇ ନୂଆ ଏକ ଟ୍ରଷ୍ଟ- 'ବିସିଆଇ ଟ୍ରଷ୍ଟ ପିଆର୍‌ଏଲ୍ ଫର୍ଷ୍ଟ'-୨୦୨୦ ସେପ୍ଟେମ୍ବରରେ ପଞ୍ଜିକୃତ କରାଯାଇଥିଲା। ଏହି ଟ୍ରଷ୍ଟର ଟ୍ରଷ୍ଟିମାନଙ୍କୁ ମିଶ୍ର ଚୟନ କରିଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏହାପରେ ବିସିଆଇର ପ୍ରାୟ ୧୫୦ କୋଟି ଟଙ୍କା ନୂଆ ଟ୍ରଷ୍ଟକୁ ହସ୍ତାନ୍ତର ପାଇଁ ପରିଷଦରେ ପ୍ରସ୍ତାବ ଅଣାଯାଇଥିବା ରେଡ୍ଡୀ ଚିଠିରେ ଦର୍ଶାଇଛନ୍ତି। ଏହାକୁ ନେଇ ନିଜ ସମେତ ଅନ୍ୟ ସଦସ୍ୟମାନଙ୍କ ଆପତ୍ତିକୁ ଅଣଦେଖା କରାଯାଇଥିବା ମଧ୍ୟ ସେ କହିଛନ୍ତି। ଆଇନ ମହାବିଦ୍ୟାଳୟଗୁଡ଼ିକୁ ବିସିଆଇର ଅନୁମୋଦନ କିମ୍ବା ଅନୁମୋଦନ ନବୀକରଣ ପାଇଁ ବହୁ ପରିମାଣର ଟଙ୍କା ଦେବାକୁ ବାଧ କରାଯାଉଥିବା ରେଡ୍ଡୀ ଅଭିଯୋଗ କରିଛନ୍ତି। ବିସିଆଇ ଓ ଏହା ସହ ଜଡ଼ିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିଯୁକ୍ତି ସମୟରେ ବ୍ୟାପକ ପରିବାରବାଦ ଓ ପକ୍ଷପାତ ହେଉଥିବା ମଧ୍ୟ ରେଡ୍ଡୀ ଅଭିଯୋଗ କରିଛନ୍ତି। ତାଙ୍କ ଦାବି ଅନୁସାରେ, କାର୍ଯ୍ୟରତ କର୍ମଚାରୀଙ୍କ ଏକ ବଡ଼ ଅଂଶ ମିଶ୍ରଙ୍କ ବ୍ୟକ୍ତିଗତ ପରିଚିତ କିମ୍ବା ପରିବାର ସହ ସମ୍ପର୍କିତ। ଏହି ନିଯୁକ୍ତିଗୁଡ଼ିକୁ ଯଥାର୍ଥ ପ୍ରମାଣିତ କରିବା ପାଇଁ ପରିଷଦ ସମ୍ମୁଖରେ କୌଣସି ବିଜ୍ଞପ୍ତି କିମ୍ବା ମେଧା ତାଲିକା ରଖାଯାଇନଥିବା ସେ କହିଛନ୍ତି।

## 'ଅନ୍ନପୂର୍ଣ୍ଣା ଭଣ୍ଡାର' ଟଙ୍କା ପାଇଁ ପଶ୍ଚିମବଙ୍ଗରେ ମହିଳାଙ୍କ ରେଳପଥ ଓ ରାଜପଥ ଅବରୋଧ

କୋଲକାତା, ୨୨।୮ (ଏଜେନ୍ସି): ପଶ୍ଚିମବଙ୍ଗ ସରକାରଙ୍କ 'ଅନ୍ନପୂର୍ଣ୍ଣା ଭଣ୍ଡାର' ଯୋଜନାର ଟଙ୍କା ପ୍ରଦାନରେ ବିଳମ୍ବ ଓ ଅନିୟମିତତା ଅଭିଯୋଗକୁ ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିଳାଙ୍କ ବିକ୍ଷୋଭ ତୀବ୍ର ହୋଇଛି। ଶୁକ୍ରବାର ଦକ୍ଷିଣରୁ ଉତ୍ତର ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ମହିଳାମାନେ ରାସ୍ତା, ରେଳପଥ ଓ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ତାରକେଶ୍ୱର, ବିରାଟି, ଧୂପଗୁଡ଼ି, ମାଥାଭଙ୍ଗା, ବିଷ୍ଣୁପୁର, ବରଜୋରା, ପୁରୁଲିଆ, ହରିଶ୍ଚନ୍ଦ୍ରପୁର ଓ କୋଲକାତାର ବିଭିନ୍ନ ଅଞ୍ଚଳରେ ଏହି ବିକ୍ଷୋଭ ଦେଖିବାକୁ ମିଳିଛି। ତାରକେଶ୍ୱରରେ ଶତାଧିକ ମହିଳା ପୌର କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଯୋଜନାର ଟଙ୍କା ନ ମିଳିବା ନେଇ ଅଭିଯୋଗ କରିଥିଲେ। ଜୁଲାଇ ୧୦ ତାରିଖ ସୁଦ୍ଧା ଆବେଦନ କରିଥିବା ହିତାଧିକାରୀଙ୍କୁ ଅଗଷ୍ଟ ୧୭ରୁ ୨୦ ମଧ୍ୟରେ ଟଙ୍କା ମିଳିବାର ଥିଲା ବୋଲି ସେମାନେ କହିଛନ୍ତି। ତେବେ ଧାର୍ଯ୍ୟ ସମୟ ଶେଷ ହୋଇଥିଲେ ମଧ୍ୟ ତାଙ୍କ ଖାତାକୁ ଟଙ୍କା ଆସିନଥିବା ଅଭିଯୋଗ କରିଥିଲେ। ପୁଲିସ ଓ ପୌର କର୍ତ୍ତୃପକ୍ଷଙ୍କ ଆଶ୍ୱାସନା ପରେ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ବିକ୍ଷୋଭ ହଟିଥିଲା। ଉତ୍ତର ୨୪ ପରଗଣାର ବିରାଟି ଷ୍ଟେସନରେ ମଧ୍ୟ ମହିଳାମାନେ ରେଳପଥ ଅବରୋଧ କରିଥିଲେ। ଶତାଧିକ ମହିଳା ରେଳଧାରଣା




ଉପରେ ବସି ପଡ଼ିବାରୁ ଟ୍ରେନ୍ ଚଳାଚଳ ଏକ ଘଣ୍ଟାରୁ ଅଧିକ ସମୟ ପ୍ରଭାବିତ ହୋଇଥିଲା। ଧୂପଗୁଡ଼ିରେ ମହିଳାମାନେ ବିଡିଓ କାର୍ଯ୍ୟାଳୟରେ ବିକ୍ଷୋଭ କରିଥିଲେ। ଅଧିକାରୀଙ୍କ ସହ ଆଲୋଚନା ହୋଇନଥିବା ଅଭିଯୋଗ କରି ସେମାନେ ପରେ ମସଜିଦ ମୋଡ଼ ନିକଟରେ ଧୂପଗୁଡ଼ି-ଫାଲାକାଟା ଜାତୀୟ ରାଜପଥ-୩୧ ଅବରୋଧ କରିଥିଲେ।

**ଯୁଦ୍ଧକୁ ନେଇ ଇରାନରେ ମତଭେଦ**

## ଆମେ ଶାନ୍ତି ଚାହୁଁ: ରାଷ୍ଟ୍ରପତି; ଆକ୍ରମଣ ପାଇଁ ପ୍ରସ୍ତୁତ: ସେନାମୁଖ୍ୟ

ତେହରାନ/ୱାସିଂଟନ, ୨୨।୮ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଦୀର୍ଘମିଆଦୀ ସଂଘର୍ଷ ପ୍ରାୟ ୬ ମାସରେ ପହଞ୍ଚିଥିବା ବେଳେ ଇରାନର ରାଷ୍ଟ୍ରପତି ମସୌଦ ପେଜେସ୍କିଆନ୍ ଯୁଦ୍ଧର ଅନ୍ତ ଘଟାଇବାକୁ ଆହ୍ୱାନ ଦେଇଛନ୍ତି। ତେହରାନ ଏବେ ମଧ୍ୟ 'ଶକ୍ତି ଓ ସମ୍ମାନର ସ୍ଥିତିରେ' ଥିବାରୁ ଏହି ସମୟରେ ଯୁଦ୍ଧ ଶେଷ କରିବା ଉଚିତ ବୋଲି ସେ କହିଛନ୍ତି। ଶୁକ୍ରବାର ଡାକ୍ତରମାନଙ୍କ ସହ ଏକ ବୈଠକରେ ପେଜେସ୍କିଆନ୍ କହିଛନ୍ତି, ତେହରାନ ଓ ୱାସିଂଟନ ମଧ୍ୟରେ କୂଟନୈତିକ ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ଏବେ ସଂଘର୍ଷର ଅନ୍ତ ଘଟାଇବାର ସମୟ ଆସିଛି। ଅନ୍ତର୍ଜାତୀୟ ସମୁଦାୟ ଇରାନର ସ୍ଥିତିକୁ ବୁଝିପାରୁଥିବା ଦାବି କରି ସେ ଆମେରିକା ଇରାନର ସ୍କୁଲ, ହସ୍ପିଟାଲ ଓ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିବା ଅଭିଯୋଗ ମଧ୍ୟ ଆଣିଛନ୍ତି। ଜୁନ୍‌ରେ ତେହରାନ ଓ ୱାସିଂଟନ ମଧ୍ୟରେ ହୋଇଥିବା ବୁଝାମଣା ସମ୍ପର୍କରେ ମଧ୍ୟ ପେଜେସ୍କିଆନ୍ ନିଜ ସରକାରର ପକ୍ଷ ରକ୍ଷା କରିଛନ୍ତି। ଇରାନର କଠୋରପନ୍ଥୀ ସାଂସଦମାନେ ଆମେରିକାକୁ ଅତ୍ୟଧିକ ରିହାତି ଦିଆଯାଇଥିବା ଅଭିଯୋଗ କରିଥିଲେ। ତେବେ ଏହି ବୁଝାମଣାରେ ଇରାନର ଆତ୍ମସମର୍ପଣ କିମ୍ବା ପରାଜୟ ସୂଚାଉଥିବା କୌଣସି ବ୍ୟବସ୍ଥା ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅନ୍ୟପଟେ ରାଷ୍ଟ୍ରପତି ଶାନ୍ତିର ଆହ୍ୱାନ ଦେଇଥିବା ବେଳେ ଇରାନୀ ସେନା ନିଜର ପ୍ରତିରକ୍ଷା ପ୍ରସ୍ତୁତି ଜାରି ରଖିଛି। ଇରାନୀ ସଶସ୍ତ୍ର ବାହିନୀର ମୁଖ୍ୟ ଅଲି



ଅବଦୋଲ୍ଲାହି କହିଛନ୍ତି, ଭୂମି, ସମୁଦ୍ର, ଆକାଶ, ବାୟୁ ପ୍ରତିରକ୍ଷା ଓ ସାଇବର କ୍ଷେତ୍ରରେ ଇରାନ ପ୍ରସ୍ତୁତ ଅଛି। ଇରାନ ଉପରେ ପୁଣି ଆକ୍ରମଣ ହେଲେ ତାହାର 'ଭୟଙ୍କର ଓ ବିନାଶକାରୀ' ପ୍ରତିଜବାବ ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ତିକ୍ତ ପରିସ୍ଥିତି ମଧ୍ୟରେ ଓମାନ ଓ ଇରାନର ବିଦେଶମନ୍ତ୍ରୀଙ୍କ ମଧ୍ୟରେ ଶୁକ୍ରବାର ଫୋନ୍‌ରେ ଆଲୋଚନା ହୋଇଛି। ଦୁଇ ଦେଶ ମଧ୍ୟରେ ପୁନର୍ବାର ସଂଳାପ ଓ ଆଲୋଚନା ଆରମ୍ଭ ପାଇଁ ପରିବେଶ ସୃଷ୍ଟି ଉପରେ ଆଲୋଚନା ହୋଇଥିଲା। ଏଥିସହ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ସମ୍ପର୍କିତ ପରିସ୍ଥିତି ନେଇ ମଧ୍ୟ ଆଲୋଚନା ହୋଇଛି। ଏହି ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀକୁ ନେଇ ଆହୁରି କଠୋର ମନ୍ତବ୍ୟ ଦେଇଛନ୍ତି। ଦକ୍ଷିଣ କାରୋଲିନାରେ ଏକ ନିର୍ବାଚନୀ ସଭାରେ ସେ କହିଛନ୍ତି ଯେ ଏବେ ସେ ହର୍ମୁଜ୍ ପ୍ରଣାଳୀକୁ 'ଆମେରିକାର ଅଞ୍ଚଳ' ଭାବେ ଦେଖୁଛନ୍ତି। ଆମେରିକାର ନୌସେନା ଅବରୋଧ ଯୋଗୁଁ ଏହି ରଣନୈତିକ ଜଳପଥ ଉପରେ ଆମେରିକାର ପ୍ରଭାବ ରହିଛି ବୋଲି ସେ ଦାବି କରିଛନ୍ତି। ଇରାନକୁ ଯେକୌଣସି ପ୍ରକାରର ସହାୟତା ଯୋଗାଇଦେଉଥିବା ଦେଶ ଆମେରିକାର ଆର୍ଥିକ କଟକଣାର ସମ୍ମୁଖୀନ ହୋଇପାରନ୍ତି ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଆମେରିକାର ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ ମଧ୍ୟ ଇରାନ ସରକାର ଉପରେ ଭୟଙ୍କର ଆର୍ଥିକ ଚାପ ସୃଷ୍ଟି ପାଇଁ ନୂଆ କଟକଣା ଅଭିଯାନ ଚାଲାଇବାର ସଙ୍କେତ ଦେଇଛନ୍ତି। ଇରାନ ଏହି ପଦକ୍ଷେପକୁ 'ଆର୍ଥିକ ଆତଙ୍କବାଦ' ବୋଲି ଅଭିହିତ କରିଛି। ଅନ୍ୟପଟେ ଚୀନ୍ ସମେତ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଆମେରିକା ଓ ଇରାନକୁ ସାମରିକ ପଥ ଛାଡ଼ି ରାଜନୈତିକ ଓ କୂଟନୈତିକ ଉପାୟରେ ସଂଘର୍ଷର ସମାଧାନ କରିବାକୁ ଆହ୍ୱାନ ଦେଇଛି।

## ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନ: ରାଜ୍ୟରେ ତୀବ୍ର ହେଉଛି ବିରୋଧ

# ରାଜ୍ୟପାଳ, ବାଚସ୍ପତିଙ୍କୁ ଭେଟିଲେ କଂଗ୍ରେସ ବିଧାୟକ

ଭୁବନେଶ୍ୱର,୨୨।୮ (ସମିସ): ଗତ ୨୨ ତାରିଖରେ ସଂସଦରେ ନବପ୍ରଣୀତ ଏମଏମଡିଆର ସଂଶୋଧନ ଆଇନ-୨୦୨୬କୁ ନେଇ ରାଜ୍ୟରେ ବିରୋଧ ତୀବ୍ର ହେବାରେ ଲାଗିଛି। ଏହି ସଂଶୋଧନ ଓଡ଼ିଶାର ଖଣିଜ ସମ୍ପଦ, ରାଜ୍ୟର ଅଧିକାର, ଆଦିବାସୀଙ୍କ ସାମ୍ବିଧାନିକ ସୁରକ୍ଷା ଏବଂ ଡିଏମଏଫ ପାଣ୍ଠି ଉପରେ ଗୁରୁତର ପ୍ରଭାବ ପକାଇବାର ଆଶଙ୍କା ରହିଛି। ତେଣୁ ଏହି ଗୁରୁତର ପ୍ରସଙ୍ଗରେ ବିଧାନସଭାରେ ବିସ୍ତୃତ ଆଲୋଚନା ପାଇଁ ବିଧାନସଭାର ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି କରିଛି କଂଗ୍ରେସ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ଦଳର ବିଧାୟକମାନେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଦାବି କରିଛନ୍ତି।

କଂଗ୍ରେସର ବିଧାୟକମାନେ ଦାବି ପତ୍ରରେ ଉଲ୍ଲେଖ କରି କହିଛନ୍ତି ଯେ ସଂସଦରେ ପ୍ରଣୀତ ନୂଆ ଆଇନ ରାଜ୍ୟର ସାମ୍ବିଧାନିକ ଅଧିକାର ଓ ଆର୍ଥିକ ସ୍ୱାୟତ୍ତତା ପ୍ରତି ଗୁରୁତର ଆଶଙ୍କା ସୃଷ୍ଟି କରିଛି। ଏହାକୁ ସେ ସହଯୋଗୀ ସଂଘୀୟ ବ୍ୟବସ୍ଥାର ମୂଳ ଭିତ୍ତିକୁ ପ୍ରଭାବିତ ଚରୁଥିବା ବେଳେ ରାଜ୍ୟର ଆର୍ଥିକ ସ୍ୱାୟତ୍ତତାକୁ ସଂକୁଚିତ କରୁଛି। ଖଣିଜ ବଣ୍ଟନ, ରାଜସ୍ୱ ନିୟନ୍ତ୍ରଣ ଏବଂ ରୟାଲ୍ଟି ଆଦାୟକୁ କେନ୍ଦ୍ରୀୟ ନିୟନ୍ତ୍ରଣକୁ ନେବା ଦ୍ୱାରା ଖଣିଜ ସମ୍ପଦରେ ଭରପୂର ଓଡ଼ିଶାର ଅଧିକାର କ୍ଷୁଣ୍ଣ ହେବ। ଏହା ରାଜ୍ୟ ସରକାରଙ୍କ ଭୂମିକାକୁ ମଧ୍ୟ ସୀମିତ କରିଦେବ। ବିଶେଷକରି ଓଡ଼ିଶାର ଅଧିକାଂଶ ଖଣି ଅଞ୍ଚଳ ସମ୍ବିଧାନର ପଞ୍ଚମ ଅନୁସୂଚୀ ଅଧୀନରେ ଆସୁଥିବାରୁ ଏହି ଆଇନକୁ ନେଇ ଆଦିବାସୀ ଅଧିକାର ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଥିବା ସେ କହିଛନ୍ତି। ଗ୍ରାମସଭା ଓ ଟ୍ରାଇବାଲ୍ ଆଡଭାଇଜରୀ କାଉନସିଲ୍‌ର ପୂର୍ବ ଅନୁମତି ଓ ସୂଚିତ ସମ୍ମତି ଭଳି ସାମ୍ବିଧାନିକ ବ୍ୟବସ୍ଥାକୁ ଏହି ଆଇନ ଏଡ଼ାଇ ଯାଉଥିବା ମଧ୍ୟ ପତ୍ରରେ ଉଲ୍ଲେଖ କରାଯାଇଛି। ଏପରି ପରିସ୍ଥିତିରେ ପ୍ରସଙ୍ଗଟି ଉପରେ ବିଧାନସଭାରେ ବିସ୍ତୃତ ଆଲୋଚନା ଓ ସର୍ବଦଳୀୟ ମତ ବିନିମୟ ପାଇଁ ତୁରନ୍ତ ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଓଡ଼ିଶାର ଖଣିଜ ସମ୍ପଦ ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଆମର ଲଢ଼େଇ ଜାରି ରହିବ ବୋଲି କଂଗ୍ରେସ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି।




- ବିଧାନସଭାର ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି
- ଓଡ଼ିଶାର ଖଣିଜ ସମ୍ପଦ ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଆମର ଲଢ଼େଇ ଜାରି ରହିବ

# ପ୍ରତିବର୍ଷ ଅଗଷ୍ଟ ଚତୁର୍ଥ ଶନିବାର ଗରିମା ଦିବସ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୨।୮ (ସମିସ): ସମୃଦ୍ଧ ଓଡ଼ିଶା ପାଇଁ ସ୍ୱଚ୍ଛ ସହର, ସୁରକ୍ଷିତ ପରିବେଶ ଏବଂ ଯେଉଁ ଲୋକମାନେ ଏହି ସ୍ୱଚ୍ଛତାକୁ ନିଶ୍ଚିତ କରୁଛନ୍ତି, ସେମାନଙ୍କ ସୁରକ୍ଷିତ ଜୀବନ ଏକାନ୍ତ ଅପରିହାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗରିମା ଦିବସ ୨୦୨୬ ଅବସରରେ କହିଛନ୍ତି। ଶନିବାର ଲୋକସେବା ଭବନ କନଭେନସନ୍ ସେଣ୍ଟରଠାରେ ଗରିମା ଦିବସ ଅବସରରେ ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ ଗରିମା ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି । ଏହି ଦିବସଟି ସଫେଇ କର୍ମୀଙ୍କୁ ଜୀବନକୁ ସୁରକ୍ଷିତ କରିବା ସହ ସେମାନଙ୍କ ସାମାଜିକ ସୁରକ୍ଷା ଓ ସମାଜରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଁ ସମର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କର୍ମଶାଳାର ବିଷୟବସ୍ତୁ ରହିଥିଲା ମିଶନ୍ ଜିରୋ ସଫେଇ କାର୍ଯ୍ୟରେ ମୃତାହତ ଘଟଣାର ଅବସାନ। କର୍ମଶାଳାରେ ୮ଟି ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ଥିବା ବିଶେଷଜ୍ଞ, ଅଧିକାରୀଙ୍କ ସମେତ ସଫେଇ କର୍ମଚାରୀମାନେ ମଧ୍ୟ ଯୋଗ ଦେଇଛନ୍ତି। ଉପସ୍ଥିତ ବିଶେଷଜ୍ଞ, ଅଧିକାରୀ ଓ ପରିମଳ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୧୪ ଅଗଷ୍ଟ ୧୫ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ସ୍ୱଚ୍ଛତା ଭାରତର ଜାତୀୟ ବିକାଶର ପରିସୀମାଭୁକ୍ତ ହୋଇଥିଲା । ମୋଦୀଜୀଙ୍କ ନେତୃତ୍ୱରେ ସ୍ୱଚ୍ଛତା ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇ ଦେଶର ଅର୍ଥନୀତି, ପ୍ରତିରକ୍ଷା ଏବଂ ବିଦେଶ ନୀତି ସହିତ ସମାନ ଗୁରୁତ୍ୱ ପାଇଛି । ପ୍ରଧାନମନ୍ତ୍ରୀ ନିଜେ ହାତରେ ଝାଡୁ ଧରି ସଫେଇ କର୍ମୀଙ୍କ ସାମାଜିକ ଉତ୍ଥାନର ପ୍ରତୀକ ସାଜିଲେ ଏବଂ ଦେଶବାସୀଙ୍କୁ ସନ୍ଦେଶ ଦେଲେ 'ସ୍ୱଚ୍ଛତା କୌଣସି ଛୋଟ କାମ ନୁହେଁ, ସ୍ୱଚ୍ଛତା ହେଉଛି ରାଷ୍ଟ୍ର ନିର୍ମାଣର କାମ'। ଉପସ୍ଥିତ ବିଶେଷଜ୍ଞ ଓ ମେସିନ ନିର୍ମାତାଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଡ୍ରୋନ୍ ଜରିଆରେ ଆମେ ଆମର ସୀମାର ସୁରକ୍ଷା କରୁଛୁ । ରୋବୋଟିକ୍ସ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ନୂଆ ଟେକ୍ନୋଲୋଜି ଉଦ୍ଭାବନ କ୍ଷେତ୍ରରେ ଭାରତ ଆଗକୁ ବଢ଼ୁଛି । ତେବେ ଆମେ ଏହିଭଳି ଟେକ୍ନୋଲୋଜିକୁ ଆମ ସଫେଇ କର୍ମଚାରୀଙ୍କ ସୁରକ୍ଷା ପାଇଁ କାହିଁକି ବ୍ୟବହାର କରିପାରିବା ନାହିଁ । ଭାରତ ସରକାରଙ୍କ ନମସ୍ତେ ଯୋଜନା ଜରିଆରେ ସଫେଇ କ୍ଷେତ୍ରରେ ମେସିନ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ସଫେଇ କର୍ମୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବିପଦ୍‌ଜନକ ସଫେଇ କାର୍ଯ୍ୟରେ ମେସିନ ବ୍ୟବହାର କରିବା ପାଇଁ ଆଜି ସମୟ ଆସିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବତନ ସଫେଇ କର୍ମୀ ସ୍ୱର୍ଗତ ପ୍ରତାପ ଦଳେଇଙ୍କ ପତ୍ନୀଙ୍କୁ ୧୦ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲେ ଏବଂ କହିଥିଲେ କ୍ଷତି ପୂରଣ ଆମର ଲକ୍ଷ୍ୟ ନୁହେଁ, ଆମର ଲକ୍ଷ୍ୟ ହେଉଛି, ମୃତ୍ୟୁ ପରେ ସହାୟତା ନୁହେଁ, ମୃତ୍ୟୁ ପୂର୍ବରୁ ସୁରକ୍ଷା । ଦୁର୍ଘଟଣା ପରେ କ୍ଷତିପୂରଣ ନୁହେଁ, ଦୁର୍ଘଟଣା ପୂର୍ବରୁ ପ୍ରତିରୋଧ। ଆମେ ଚାହୁଁଛୁ, ବିପଦପୂର୍ଣ୍ଣ କାର୍ଯ୍ୟରତ ଆମର ଏହି କର୍ମଯୋଗୀ ମାନଙ୍କ ଜୀବନ ସୁରକ୍ଷିତ ରହୁ । ଏହା ହିଁ ହେଉଛି, ମିଶନ ଜିରୋର ଆଭିମୁଖ୍ୟ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଧୁନିକ ଟେକ୍ନୋଲୋଜିଯୁକ୍ତ ମେସିନ ବ୍ୟବହାର ଓ ସୁରକ୍ଷା ଉପକରଣ ଉପରେ ଆୟୋଜିତ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ବୁଲି ଦେଖିଥିଲେ । ସଫେଇ କର୍ମୀଙ୍କୁ ବାସଗୃହ ପାଇଁ ୱାର୍କ ଅର୍ଡର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ସାମାଜିକ ନ୍ୟାୟ ବିଭାଗର ସଚିବ ସୁଧାଂଶ ପନ୍ତ, ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅର୍ବାନ ମ୍ୟାନେଜମେଣ୍ଟ ସେଣ୍ଟର'ର ନିର୍ଦ୍ଦେଶିକା ମନ୍ୱିତା ବରାଡି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଏନ୍‌ଟିପିସି ପ୍ଲାଣ୍ଟରେ ବିସ୍ଫୋରଣ; ୫ ଗୁରୁତର

ଅନୁଗୋଳ/ତାଳଚେର ସହର/କଣିହାଁ,୨୨।୮ (ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଏନଟିପିସି ତାପଜ ବିଦ୍ୟୁତ କେନ୍ଦ୍ରର ୟୁନିଟ୍ ୧ ବଙ୍କର-ବିରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟଙ୍କର ବିସ୍ଫୋରଣ ଘଟି ୫ ଠିକା ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ରଙ୍ଗବେଡ଼ାର ଖଗେଶ୍ୱର ସାହୁ, ତେଣ୍ଟେଇବେରେଣିର ଶୁକଦେବ ଭୁତିଆ, ତେଲିସିଂହାର ସୁଶାନ୍ତ ସାହୁ, କମରେଇର କିଶୋରି ପ୍ରଧାନ ଓ ନାଲମ ଗ୍ରାମର ବଳରାମ ନାଏକ। ଖଗେଶ୍ୱର ଓ ଶୁକଦେବଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଭୁବନେଶ୍ୱର ସମ୍ ଅଲଟିମେଟ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସୁଶାନ୍ତ, କିଶୋରି ଓ ବଳରାମ ଏନଟିପିସି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସମସ୍ତଙ୍କ ଚିକିତ୍ସା ଖର୍ଚ୍ଚ ଏନଟିପିସି ବହନ କରିବ ବୋଲି କୁହାଯାଇଛି। ବିସ୍ଫୋରଣ କାରଣ ଜଣାପଡ଼ି ନ ଥିବା ବେଳେ ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ ଜାରି ରହିଛି। ଖବର ପାଇ ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏନଟିପିସି ମେଡିକାଲରେ ପହଞ୍ଚି ଆହତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଖଗେଶ୍ୱର ଓ ଶୁକଦେବଙ୍କୁ ମଧ୍ୟ ଉଚ୍ଚମାନର ଚିକିତ୍ସା ଯୋଗାଇଦେବାକୁ ସେ ଦାବି କରିଛନ୍ତି।

ଏନଟିପିସିରେ ବାରମ୍ବାର (୫ରୁ ଉର୍ଦ୍ଧ୍ୱ) ଦୁର୍ଘଟଣା ଘଟୁଥିଲେ ବି କର୍ତ୍ତୃପକ୍ଷ ସଠିକ୍ ତଦନ୍ତ ନ କରିବା ଏବଂ ସୁରକ୍ଷା ବ୍ୟବସ୍ଥାରେ ଅବହେଳା କରିବା ଅତ୍ୟନ୍ତ ଚିନ୍ତାଜନକ ବିଷୟ ପାଲଟିଛି।



- ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ, ଭୁବନେଶ୍ୱର ସ୍ଥାନାନ୍ତର
- ଅବହେଳା କାରଣରୁ ବାରମ୍ବାର ଘଟୁଛି ଦୁର୍ଘଟଣା
- ଏନଟିପିସି ପ୍ରତି ଜିଲ୍ଲା ପ୍ରଶାସନର ଅହେତୁକ ପ୍ରୀତି

ବିଧାୟକ ପ୍ରଧାନ ଏହାକୁ ଦୃଢ଼ ବିରୋଧ କରିବା ସହ ଏନଟିପିସିର ଏଚଆର ନବନୀତ କୁମାର ଓ ପଙ୍କଜ କୁମାରଙ୍କୁ ତାଗିଦ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରି ବିସ୍ଫୋରଣର ପ୍ରକୃତ କାରଣ ସାମ୍ନାକୁ ଆଣିବା ସହ ଆଗାମୀ ଦିନରେ ଯେପରି ଏପରି ଦୁର୍ଘଟଣା ନ ଘଟେ, ସେଥିପ୍ରତି କଠୋର ପଦକ୍ଷେପ ନେବାକୁ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ତେବେ ବାରମ୍ବାର ଏନଟିପିସି ପ୍ଲାଣ୍ଟରେ ଏଭଳି ଦୁର୍ଘଟଣା ଘଟୁଥିବା ବେଳେ ଜିଲ୍ଲା ପ୍ରଶାସନ କାହିଁକି ନିରବଦ୍ରଷ୍ଟା ପାଲଟିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛିଦିନ ତଳେ ଗୋଟିଏ ମାସ ଭିତରେ ତିନି ଥର ପାଉଁଶ ପାଇପ୍ ଫାଟିବା, ପ୍ଲାଣ୍ଟରେ ବାରମ୍ବାର ଅଗ୍ନିକାଣ୍ଡ, ବିସ୍ଫୋରଣ ଘଟିବା ସ୍ପଷ୍ଟ କରୁଛି ଯେ ସୁରକ୍ଷା ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ରହିଛି। କର୍ତ୍ତୃପକ୍ଷ କେବଳ ବାହାରକୁ ଚାକଚକ୍ୟ ଦେଖାଇ ଭିତର ବ୍ୟବସ୍ଥା ଉପରେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି।

## ବଲଧା-ଖାଡିମୁଣ୍ଡା ବ୍ରିଜ୍ ଶ୍ରମିକ ଶିବିରରେ ଅଘଟଣ

# ସାପ କାମୁଡ଼ାରେ କକା-ପୁତୁରାଙ୍କ ମୃତ୍ୟୁ

କଣ୍ଟାବାଞ୍ଜି/ଖଡ଼ିଆଳ/ସିନାପାଲି,୨୨।୮ (ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅଧୀନ ବଲଧା-ଖାଡିମୁଣ୍ଡା ଗାଁ ମୁଖ୍ୟ ରାସ୍ତାର ବ୍ରିଜ କାର୍ଯ୍ୟର ଅସ୍ଥାୟୀ କ୍ୟାମ୍ପରେ ଅଘଟଣ ଘଟିଛି। ରାତିରେ ଶୋଇଥିବା ବେଳେ ୩ ଜଣ ଶ୍ରମିକଙ୍କୁ ସାପ କାମୁଡ଼ି ଦେଇଛି। ଏଥିରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ନୂଆପଡା ଜିଲ୍ଲା ସିନାପାଲି ଥାନା ଚଚରାଭଟା ଗାଁର ଦଇତାରି ତାଣ୍ଡି (୪୦) ଓ ତାଙ୍କ ପୁତୁରା ଭରତ ତାଣ୍ଡ (୩୦)। ତୁଳସୀ ବଗର୍ତ୍ତୀ (୪୫) ନାମକ ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ବଙ୍ଗୋମୁଣ୍ଡା ବ୍ଲକ୍ ବଲଧା-ଖାଡିମୁଣ୍ଡା ମୁଖ୍ୟ ରାସ୍ତାରେ ଏକ ବ୍ରିଜ୍ ନିର୍ମାଣ କାମ ଚାଲିଛି। ସେଠାରେ ଶ୍ରମିକମାନେ କ୍ୟାମ୍ପ କରି ରହୁଛନ୍ତି। ଶୁକ୍ରବାର ରାତିରେ ଶ୍ରମିକମାନେ ସବୁଦିନ ପରି ଖାଇ ପିଇ ସାରି ଶୋଇଥିଲେ। ଦୁର୍ଭାଗ୍ୟକୁ ୩ ଜଣଙ୍କୁ ସାପ କାମୁଡ଼ିଥିଲା। ଅନ୍ୟ ଶ୍ରମିକମାନେ ଏହା ଜାଣିବା ପରେ ସମସ୍ତଙ୍କୁ ପ୍ରଥମେ ନୂଆପଡା ଜିଲ୍ଲା ଖଡ଼ିଆଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେବାରୁ ପରେ ସମସ୍ତଙ୍କୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରି ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ତୁଳସୀ ରାୟପୁର ସ୍ଥାନାନ୍ତର ହୋଇଛନ୍ତି। ନୂଆପଡ଼ା ପୁଲିସ ଏକ ମାମଲା ରୁଜୁ କରିଛି ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

**ଅନ୍ୟ ଜଣେ ଶ୍ରମିକ ଗୁରୁତର**

## ବିଷ ପିଇ ଦେଲେ ଦମ୍ପତି

# ଚିକିତ୍ସାଧୀନ ଅବସ୍ଥାରେ ପତ୍ନୀ ମୃତ; ସ୍ୱାମୀ ଗୁରୁତର

ଭୁବନେଶ୍ୱର, ୨୨।୮ (ସମିସ): ରାଜଧାନୀରେ ପୁଣି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ପାରିବାରିକ କଳହରୁ ଦମ୍ପତି ବିଷ ପିଇ ଦେଇଛନ୍ତି। ଖଣ୍ଡଗିରି ବାରଭୁଜା ବସ୍ତିରେ ଏଭଳି ଘଟଣା ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ପତ୍ନୀ ପ୍ରାଣ ହରାଇଥିବା ବେଳେ ସ୍ୱାମୀଙ୍କ ଅବସ୍ଥା ଗୁରୁତର ରହିଛି। ମୃତକ ହେଉଛନ୍ତି ଗଞ୍ଜାମ ଜିଲ୍ଲା କେନ୍ଦୁପଲ୍ଲି ଅଞ୍ଚଳର ବି ସ୍ୱପ୍ନା ପାତ୍ର (୨୪)। ସ୍ୱାମୀ ଜିତେନ୍ଦ୍ର ପାତ୍ର ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁସାରେ, ଜିତେନ୍ଦ୍ର ଓ ସ୍ୱପ୍ନା ୬ ବର୍ଷ ପୂର୍ବେ ବିବାହ କରିଥିଲେ। କିଛିଦିନ ପର୍ଯ୍ୟନ୍ତ ସବୁକିଛି ଠିକ୍ ଠାକ୍ ଚାଲିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବିବାଦ ସୃଷ୍ଟି ହୋଇଥିଲା। ସ୍ୱାମୀ ମଦ୍ୟପାନ କରୁଥିବାରୁ ଉଭୟଙ୍କ ମଧ୍ୟରେ କଳହ ହେଉଥିଲା। ଘରଠାରୁ ମାମୁ ଘର ଅଳ୍ପ ଦୂରରେ ହୋଇଥିବାରୁ ସ୍ୱପ୍ନା ଅନେକ ସମୟରେ ସେଠାରେ ରହୁଥିଲେ। ଗତମାସରେ ଜିତେନ୍ଦ୍ର ଓ ତାଙ୍କ ଭାଇ ସେଠାକୁ ଯାଇ ଗାଳିଗୁଲଜ କରିବା ସହ ସ୍ୱପ୍ନା ଓ ତାଙ୍କ ମାମୁଙ୍କୁ ଆକ୍ରମଣ ମଧ୍ୟ କରିଥିଲେ। ଅଭିଯୋଗ ପାଇବା ପରେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରି ଦୁଇ ଭାଇଙ୍କୁ ଗିରଫ କରିଥିଲା। କିଛିଦିନ ପୂର୍ବେ ଦୁଇ ଭାଇ ଜାମିନରେ ମୁକୁଳିଥିଲେ। ଜିତେନ୍ଦ୍ର ଜେଲ୍‌ରୁ ଫେରିବା ପରେ ବହୁ ବୁଝାସୁଝା କରି ସ୍ୱପ୍ନାଙ୍କୁ ଘରକୁ ଫେରାଇ ଆଣିଥିଲେ। ତେବେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫଳରେ ଦୁଇ ଜଣ ଯାକ ଆଗ ପଛ ହୋଇ ବିଷ ପିଇ ଦେଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ଦୁଇଦିନ ଧରି ଚିକିତ୍ସିତ ହେବା ପରେ ସ୍ୱପ୍ନା ମୃତ୍ୟୁବରଣ କରିଛନ୍ତି। ଏନେଇ ଖଣ୍ଡଗିରି ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବାଇକ୍ ଚକରେ ଓଢ଼ଣୀ ଗୁଡ଼େଇ ହୋଇଗଲା

# ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ଝରିଗାଁ,୨୨।୮ (ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ ବାଇକ ଚକାରେ ଓଢଣୀ ଫସି ଯିବା ଯୋଗୁଁ ତଳେ ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି।

ସୂଚନା ପ୍ରକାରେ ଝରିଗାଁ ଗ୍ରାମର ଶିବରାମ ପାଢ଼ୀ ଏବଂ ତାଙ୍କ ପତ୍ନୀ ଗୀତାଞ୍ଜଳି ପାତ୍ର(୩୧) ଏକ ବାଇକ୍ ଯୋଗେ ଘରୁ ଉମରକୋଟ ସ୍ଥିତ ଗ୍ୟାସ୍ ଅଫିସ ଯାଉଥିଲେ। ଏକମ୍ବା ଗ୍ରାମ ବିଦ୍ୟାଳୟ ନିକଟରେ ଗୀତାଞ୍ଜଳି ପିନ୍ଧିଥିବା ଓଢଣୀ ବାଇକ୍‌ର ପଛ ଚକରେ ଗୁଡେଇ ହୋଇଯାଇଥିଲା। ଫଳରେ ସେ ଚଳନ୍ତା ବାଇକ୍‌ରୁ ମୁହଁମାଡି ତଳେ ପଡିଯାଇଥିଲେ। ତାଙ୍କ ସ୍ୱାମୀ ମଧ୍ୟ ଗାଡ଼ିରୁ ପଡି ଗୁରୁତର ହୋଇଥିଲେ। ସେହି ରାସ୍ତା ଦେଇ ଆସୁଥିବା ପ୍ରିୟରଞ୍ଜନ ମଲ୍ଲିକ ଉଭୟଙ୍କୁ ଏକ ଅଟୋ ଯୋଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ମୁହଁରେ ଗଭୀର ଆଘାତ ସହ ନାକ ଓ କାନ ପଟୁ ରକ୍ତ ବନ୍ଦ ନହେବା ଯୋଗୁଁ କୋରାପୁଟ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ ଯୋଗେ ପରିବାର ଲୋକ କୋରାପୁଟ ଯିବା ସମୟରେ ଜୟପୁର ପହଞ୍ଚିବା ପୂର୍ବରୁ ଗୀତାଞ୍ଜଳିଙ୍କ ଦେହାନ୍ତ ହୋଇଯାଇଥିଲା। ଜୟପୁରର ଏକ ଘରୋଇ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଜେଡିର ସାଂଗଠନିକ ପୁନର୍ବିନ୍ୟାସ

ଭୁବନେଶ୍ୱର,୨୨।୮ (ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ସାଂଗଠନିକ ପୁନର୍ବିନ୍ୟାସ ଜାରି ରହିଛି। ଏହିକ୍ରମରେ ଶନିବାର ବିଭିନ୍ନ ଜିଲ୍ଲାରେ ନବୀନ ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳର ଜିଲ୍ଲା ସଭାପତି, କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରିଛନ୍ତି। ଏନେଇ ଦଳ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ନିର୍ଦ୍ଦେଶନାମା ଅନୁଯାୟୀ ବାଲେଶ୍ୱର, କଟକ ମହାନଗର, କେନ୍ଦ୍ରାପଡା, ଜଗତସିଂହପୁର, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ ଓ ଯାଜପୁର ଜିଲ୍ଲାରେ ବିଜୁ ଛାତ୍ର ଜନତା ଦଳର ସଭାପତି ଓ କାର୍ଯ୍ୟକାରୀ ସଭାପତି ନିଯୁକ୍ତ ହୋଇଛନ୍ତି। ସେହିପରି ବାଲେଶ୍ୱର, କଟକ ମହାନଗର, କେନ୍ଦ୍ରାପଡା, ଜଗତସିଂହପୁର, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲାରେ ନୂଆ ଯୁବ ବିଜେଡି ସଭାପତି ନିଯୁକ୍ତ ହୋଇଛନ୍ତି। ସେହିପରି ଭାବେ ବାଲେଶ୍ୱର ସହ ମୟୂରଭଞ୍ଜ ୧ ଓ ୨ ସାଂଗଠନିକ ଜିଲ୍ଲା, ଗଞ୍ଜାମ ଓ କଟକ ମହାନଗରରେ ନୂଆ ମହିଳା ସଭାନେତ୍ରୀ ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି।

**ବିଭିନ୍ନ ଜିଲ୍ଲାରେ ବିଜୁ ମହିଳା, ଯୁବ ଓ ଛାତ୍ର ସଭାପତି, କାର୍ଯ୍ୟକାରୀ ସଭାପତି ନିଯୁକ୍ତ**

# ଅନ୍ୱେଷା ହଷ୍ଟେଲରେ ତୃତୀୟ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

କଣ୍ଟାବାଞ୍ଜି,୨୨।୮ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ୍ ହିଆଲ ଗାଁରେ ଥିବା ଅନ୍ୱେଷା ହଷ୍ଟେଲରେ ଅଘଟଣ ଘଟିଛି। ଅନୁସୂଚିତ ଜନଜାତି ଓ ଜାତିର ମେଧାବୀ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଏହି ହଷ୍ଟେଲରେ ରହୁଥିବା ଜଣେ ତୃତୀୟ ଶ୍ରେଣୀର ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ମୁରିବାହାଲ ଥାନା ଅଧୀନ ବାବାଜୁରୀ ଗାଁର ଜଗନ୍ନାଥ ଧରୁଆ। ସେ କଣ୍ଟାବାଞ୍ଜି ଜିଏମଜି ଘରୋଇ ସ୍କୁଲରେ ପାଠ ପଢୁଥିଲେ।

# ମଝି ସମୁଦ୍ରରୁ ଜାହାଜ ଉଭାନ୍ !

ପାରାଦୀପ/ଜଗତସିଂହପୁର,୨୨।୮ (ସମିସ): ପାରାଦୀପ ବନ୍ଦରରୁ ଲୁହାପଥର ବୋଝେଇ କରି ଚୀନ୍ ଯାଉଥିବା ଏକ ପଣ୍ୟବାହୀ ଜାହାଜ ଏମ୍‌ଭି 'ଓସେନ ୱିନର' ଗତ ଶୁକ୍ରବାର ରାତିରୁ ମଝି ସମୁଦ୍ରରୁ ଉଭାନ ହୋଇଯାଇଛି। ଜାହାଜଟି ଭାରତୀୟ ଜଳସୀମାର ପୋର୍ଟବ୍ଲେୟାରଠାରୁ ୨୫୦ରୁ ୩୦୦ ନଟିକାଲ ମାଇଲ (୪୫୦ରୁ ୫୪୦ କିମି) ଯିବା ପରେ ଟ୍ରାକିଂ ସିଷ୍ଟମରୁ ଅଦୃଶ୍ୟ ହୋଇଯାଇଥିଲା। ଜାହାଜର ମାଲିକ ଏ ସମ୍ପର୍କରେ ଭାରତୀୟ ଗୁଇନ୍ଦା ବିଭାଗକୁ ସୂଚନା ଦେବା ପରେ ଜାହାଜଟିକୁ ଠାବ କରିବା ପାଇଁ ଭାରତୀୟ ନୌସେନା ଓ କୋଷ୍ଟଗାର୍ଡ ଖୋଜାଖୋଜି କରୁଥିବା ସୂଚନା ମିଳିଛି। ଉକ୍ତ ଜାହାଜରେ ୨୪ ଜଣ ନାବିକ ଥିଲେ। ସେଥିରୁ ୨୦ ଜଣ ଚୀନ୍, ୩ ମ୍ୟାନମାର ଓ ଜଣେ ବାଂଲାଦେଶୀ ଥିଲେ। ଓସେନ ୱିନର ନାମକ ଏହି ଜାହାଜରେ ପାନାମା ଦେଶର ପତାକା ଲାଗିଥିଲା। ଉକ୍ତ ଜାହାଜ ପାରାଦୀପ ବନ୍ଦର ମଧ୍ୟରୁ ଲୁହାପଥର ବୋଝେଇ କରି ଗୁରୁବାର ରାତି ୧୦.୩୦ରେ ସିଙ୍ଗାପୁର ଅଭିମୁଖେ ବର୍ଥ ଛାଡିଥିଲା। ଏଥିରେ ପ୍ରାୟ ୭୨,୧୦୦ ଟନ୍ ଲୁହାପଥର ଥିଲା। ସମୁଦ୍ରରେ ୨୪ ଘଣ୍ଟା ଯାତ୍ରା ପରେ ନିଖୋଜ ହୋଇଛି ବୋଲି ସୂଚନା ମିଳିଛି। ପାନାମା ଦେଶର ଏହି ଜାହାଜଟି ମଝି ସମୁଦ୍ରରେ ବୁଡ଼ିଯାଇଥିବା ଆଶଙ୍କା କରାଯାଉଛି। ତେବେ ଏହା ମଧ୍ୟପ୍ରାଚ୍ୟ ଯୁଦ୍ଧର ଶିକାର ହୋଇଛି କି ସୋମାଲିଆ ଜଳଦସ୍ୟୁଙ୍କ ଦ୍ୱାରା ଅପହୃତ ହୋଇଛି, ତାହାକୁ ନେଇ ମଧ୍ୟ ସଂଶୟ ସୃଷ୍ଟି ହୋଇଛି।

- ପାନାମା ପତାକାଧାରୀ 'ଓସେନ ୱିନର'ରେ ଥିଲେ ୨୪ ନାବିକ
- ପାରାଦୀପରୁ ସିଙ୍ଗାପୁର ଯାଉଥିଲା ୭୨,୧୦୦ ଟନ୍ ଲୁହାପଥର

# ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ଓଡ଼ିଶାରୁ ଦୁଇ ମନୋନୀତ

ଭୁବନେଶ୍ୱର, ୨୨।୮ (ସମିସ): ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ଚଳିତ ବର୍ଷ ୪୮ ଜଣ ଶିକ୍ଷକ ମନୋନୀତ ହୋଇଛନ୍ତି। ସରକାରୀ ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା କ୍ଷେତ୍ରରେ ଅବଦାନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନଙ୍କ ନାମ ଘୋଷଣା କରିଛନ୍ତି। ଚୟନ ହୋଇଥିବା ଶିକ୍ଷକଙ୍କ ମଧ୍ୟରେ ୨୭ଟି ରାଜ୍ୟ, ୭ଟି କେନ୍ଦ୍ରଶାସିତ ଅଞ୍ଚଳ ଏବଂ ୬ଟି କେନ୍ଦ୍ର ସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀ ରହିଛନ୍ତି। ତାଲିକାରେ ୨୬ ଜଣ ଶିକ୍ଷକ ଓ ୨୨ ଜଣ ଶିକ୍ଷୟିତ୍ରୀ ଅଛନ୍ତି। ତନ୍ମଧ୍ୟରେ ଓଡ଼ିଶାରୁ ଜଗତସିଂହପୁର ଜିଲ୍ଲା ଅଲିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦରାଜ ଉମାକାନ୍ତ ନାୟକ ଏବଂ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ମହମ୍ମଦ ଜଫର୍ ଆଲାମ୍ ସ୍ଥାନ ପାଇଛନ୍ତି। ଆସନ୍ତା ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ରାଷ୍ଟ୍ରପତି ତାଙ୍କୁ ପୁରସ୍କୃତ କରିବେ। ସମ୍ମାନ ସ୍ୱରୂପ ସେମାନଙ୍କୁ ନଗଦ ୫୦ ହଜାର ଟଙ୍କା ସହ ରୌପ୍ୟ ତାରକସୀର ସ୍ମାରକୀ ପ୍ରଦାନ କରାଯିବ।


ସୂଚନାଯୋଗ୍ୟ, ଦେଶର କିଛି ଉତ୍କୃଷ୍ଟ ଶିକ୍ଷକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେବା ଏବଂ ସମ୍ମାନିତ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ମନ୍ତ୍ରାଳୟ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ନିଜର ପ୍ରତିବଦ୍ଧତା ଏବଂ ସମର୍ପଣ ମାଧ୍ୟମରେ ବିଦ୍ୟାଳୟ ଶିକ୍ଷାର ଗୁଣବତ୍ତା ବଢ଼ାଇବା ସହ ଛାତ୍ରଛାତ୍ରୀଙ୍କ ଜୀବନକୁ ପରିବର୍ତ୍ତନ କରିପାରିଥିବା ଶିକ୍ଷକଙ୍କୁ ସମ୍ମାନିତ କରିବା ପାଇଁ ଚୟନ କରାଯାଇଛି।

## ଶିଶୁ ଶ୍ରମିକ ଉଦ୍ଧାର ବେଳେ ଇନ୍ସପେକ୍ଟରଙ୍କୁ ଧମକ

# ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଗିରଫ

ବ୍ରହ୍ମପୁର,୨୨।୮ (ସମିସ): ଶିଶୁ ଶ୍ରମିକ ଉଦ୍ଧାର ପାଇଁ ପୁଲିସର ଚଢ଼ଉ ବେଳେ ପୁଲିସ ଟିମ୍‌କୁ ବିରୋଧ କରିବା ସହ ଉଦ୍ଧାର ଦୁଇ ନାବାଳକଙ୍କୁ ପୁଲିସ ନିକଟରୁ ଛଡ଼ାଇ ନେବାକୁ ଉଦ୍ୟମ। ଏପରିକି ଡ୍ୟୁଟିରେ ଥିବା ପୁଲିସ ଇନ୍ସପେକ୍ଟରଙ୍କୁ ମଧ୍ୟ ଗାଳିଗୁଲଜ ଓ ଧମକ ଦେବା ଅଭିଯୋଗରେ ଗୋପାଳପୁର ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଗଞ୍ଜାମ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ବି. ସୋମନାଥ ପାତ୍ର(୩୫)।

ପୁଲିସ ସୂତ୍ରରୁ ପ୍ରକାଶ, ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଏଥି ସମ୍ପର୍କିତ ଅପରାଧ ଚିହ୍ନଟ କରିବା ପାଇଁ ବ୍ରହ୍ମପୁର ଆଇଏଚ୍‌ଟିୟୁର ଇନ୍ସପେକ୍ଟର ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଶୁକ୍ରବାର ଗୋପାଳପୁର ଥାନା ଅଞ୍ଚଳରେ ଚଢ଼ଉ କରିଥିଲା। ଦିନ ପ୍ରାୟ ୧ଟା ୧୦ମିନିଟରେ ଟିମ୍ ଗୋପାଳପୁର ଥାନା ଅଧୀନ ରଙ୍ଗେଇଲୁଣ୍ଡା ବଜାରସ୍ଥିତ "ପଣ୍ଡା ହୋଟେଲ'ରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ହୋଟେଲରେ ଦୁଇଜଣ ନାବାଳକ କାମ କରୁଥିବା ପୁଲିସ ଦେଖିବାକୁ ପାଇଥିଲା। ସେମାନେ ଗ୍ରାହକଙ୍କୁ ଖାଦ୍ୟ ପରିବେଷଣ କରିବା ସହ ହୋଟେଲର ଅନ୍ୟାନ୍ୟ କାମ କରୁଥିଲେ। ପୁଲିସ ଦୁଇ ନାବାଳକଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଦୁଇ ନାବାଳକଙ୍କ ମଧ୍ୟରୁ ଜଣଙ୍କ ବୟସ ପ୍ରାୟ ୧୫ବର୍ଷ ଓ ଅନ୍ୟଜଣଙ୍କ ବୟସ ପ୍ରାୟ ୧୭ବର୍ଷ ବୋଲି ଜଣାପଡିଛି।



ଉଦ୍ଧାର ଦୁଇ ନାବାଳକଙ୍କୁ ହୋଟେଲରେ ନିୟୋଜିତ କରିଥିବା ଅଭିଯୋଗରେ ମାଲିକ ସୁଧାକର ପଣ୍ଡାଙ୍କ ବିରୋଧରେ ପୃଥକ ଏଫଆଇଆର ରୁଜୁ ହୋଇଥିବା ପୁଲିସ କହିଛି। ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ପରେ ପୁଲିସ ଟିମ୍ ଦୁଇ ନାବାଳକ ଓ ହୋଟେଲ ମାଲିକଙ୍କୁ ନେଇ ଗୋପାଳପୁର ଥାନାକୁ ଯିବା ସମୟରେ ସେଠାରେ ଉପସ୍ଥିତ ଜଣେ ବ୍ୟକ୍ତି ହଠାତ୍ ପୁଲିସ ଟିମ୍‌କୁ ଅଟକାଇବା ସହ ଗାଳିଗୁଲଜ କରିଥିଲେ। ପୁଲିସ ନିଜ ପରିଚୟ ଦେବା ସହ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଆଇନଗତ କାର୍ଯ୍ୟ ପାଇଁ ଥାନାକୁ ନିଆଯାଉଥିବା ସ୍ପଷ୍ଟ କରିଥିଲା। ତଥାପି ଉକ୍ତ ବ୍ୟକ୍ତି ପୁଲିସର କାର୍ଯ୍ୟରେ ବାଧା ଦେବା ଜାରି ରଖିବା ସହ ପୁଲିସ କର୍ମଚାରୀଙ୍କୁ ଠେଲି ଦୁଇ ନାବାଳକଙ୍କୁ ପୁଲିସ ଗାଡ଼ିରୁ ଛଡ଼ାଇ ନେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ପୁଲିସ ଟିମ୍ ଦୁଇ ନାବାଳକଙ୍କୁ ସୁରକ୍ଷା ଦେଇଥିଲା। ଏହି ସମୟରେ ଅଭିଯୁକ୍ତ ଜଣକ ସାଧାରଣ ଲୋକଙ୍କ ଉପସ୍ଥିତିରେ ପୁଲିସ ଅଧିକାରୀଙ୍କୁ ଅପମାନଜନକ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ଏତଲାକାରୀ ପୁଲିସ ଅଧିକାରୀ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ଆଇଏଚ୍‌ଟିୟୁ ଇନ୍ସପେକ୍ଟର ସୌଭାଗ୍ୟ କୁମାର ସ୍ୱାଇଁଙ୍କ ପକ୍ଷରୁ ଗୋପାଳପୁର ଥାନାରେ ଲିଖିତ ରିପୋର୍ଟ ଦିଆଯାଇଥିଲା। ରିପୋର୍ଟ ଆଧାରରେ ସୋମନାଥ ପାତ୍ରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପୂର୍ବରୁ ସୋମନାଥଙ୍କ ବିରୋଧରେ ଗୋପାଳପୁର ଥାନା କେସ୍ ନମ୍ବର ୨୯୭/୨୫ରେ ହତ୍ୟା ଉଦ୍ୟମ ଭଳି ଅଭିଯୋଗ ରହିଛି।

ADMISSION OPEN ADMISSION OPEN
NIGHTINGALE SCHOOL & COLLEGE OF NURSING
GROUP OF INSTITUTIONS
B.SC.(N)/ GNM
Kataka, Bhubaneswar
B.SC. NURSING (4 Years)
Elligibility: 10+2 PCB with OJEE Entrance
General : 50%
SC/ST/SCBC - 40%
GNM (3 Years)
Elligibility: 10th, +2 (Any stream)
Free Admission for SC/ST Candidates
- Innovative Learning Programme
- Sale & Supportive Community
- Holistic Character Development
- Modern Facilities & Technology
9078970907
9437480907
9937646464
Adhalia, DPS Road, Phulnakhara, Cuttack, Pin-754001

ସକାଳ THE SAKALA



## ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

କାମାକ୍ଷାନଗର,୨୨।୮ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ରାଇବୋଲ ଅନନ୍ତବେରେଣା ଗ୍ରାମର ରଞ୍ଜନ ମୁଣ୍ଡାଙ୍କ ପତ୍ନୀ ରଇବାରି ମୁଣ୍ଡା (୨୬) ଶୁକ୍ରବାର ସନ୍ଧ୍ୟାରେ ନିଜ ଘର ବାଡ଼ିପଟରେ ଥିବା ଶାଗୁଆନ ଗଛରେ ଗାମୁଛାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପଠାଇଛି। ରାଇବରିଙ୍କ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଉଥିଲେ। ଏ ନେଇ ଦୁହିଁଙ୍କ ମଧ୍ୟରେ କଳହ ଲାଗିରହିଥିଲା। ତେଣୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଏ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

କାମାକ୍ଷାନଗର,୨୨।୮ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଗୁଣ୍ଡିଚାନାଳୀଠାରେ ଶୁକ୍ରବାର ସଧାରେ ଅଜଣା ଗାଡ଼ି ଧକାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲ୍ଲା ପଣ୍ଡାପଡ଼ା ଥାନା ଗୋଦପଟି ଗ୍ରାମର ମନୋଜ ପରିଡ଼ା (୪୫)। ସେ କାମାକ୍ଷାନଗର ଆସି ଏକ ଛେଳି ଫାର୍ମରେ କାମ କରୁଥିଲେ। ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। କାମାକ୍ଷାନଗର ଥାନା ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ସିନର୍ଜୀରେ ଡିପ୍ଲୋମା ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ




ଢେଙ୍କାନାଳ,୨୨।୮ (ସମିସ): ସ୍ଥାନୀୟ ସିନର୍ଜୀ ଯାନ୍ତ୍ରିକ ବିଦ୍ୟାଳୟରେ ଚଳିତ ବର୍ଷର ଡିପ୍ଲୋମା ଛାତ୍ରଛାତ୍ରୀମାନଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଇଲେକ୍ଟ୍ରିକାଲ ବିଭାଗ ମୁଖ୍ୟ ଅନନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ସିନର୍ଜୀ ଗ୍ରୁପ ଅଧ୍ୟକ୍ଷ ବିନୋଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ୧୦ଟି ସ୍ୱର୍ଣ୍ଣିମ ନିୟମ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ପ୍ରଫେସର ପବିତ୍ର କୁମାର ନାୟକ ବୈଷୟିକ ଶିକ୍ଷାର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। ସମସ୍ତ ବିଭାଗୀୟ ମୁଖ୍ୟ ସେମାନଙ୍କ ନୂତନ ଉତ୍କର୍ଷ ପ୍ରତିପାଦନ କରିଥିଲେ। ପୁରାତନ ଛାତ୍ରଛାତ୍ରୀମାନେ ନୂତନ ଛାତ୍ରଛାତ୍ରୀଙ୍କୁ ନିଜ ଅନୁଭବ ପ୍ରଦାନ ପୂର୍ବକ ଶିକ୍ଷାନୁଷ୍ଠାନରେ ଆଗାମୀ ବର୍ଷମାନଙ୍କରେ କଠିନ ପରିଶ୍ରମ କରିବାକୁ ପ୍ରେରିତ କରିଥିଲେ। ଅନୁଷ୍ଠାନର ଛାତ୍ର ସମ୍ବିତ ସୁମନ ରାୟ ଓ ଛାତ୍ରୀ ସିପ୍ତିଲିସା ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିବା ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

## ପୋକ୍ସୋ ମାମଲାରେ ଦୋଷୀକୁ ୫ ବର୍ଷ ଜେଲ୍

ଅନୁଗୋଳ,୨୨।୮ (ସମିସ): ୨୦୨୦ ଅଗଷ୍ଟ ୮ରେ କୋଲିୟରୀ ଥାନାରେ ରୁଜୁ ଏକ ପୋକ୍ସୋ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସୌମ୍ୟା ଶୁଭଦର୍ଶିନୀ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୫ ବର୍ଷ ସଶ୍ରମ ଜେଲ୍ ଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ୩୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଅନ୍ୟ ଦୁଇ ଦଫାରେ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଓ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ସାଉଥବଲଣ୍ଡାର ସନ୍ତୋଷ କୁମାର ପ୍ରଧାନ। ସ୍ୱତନ୍ତ୍ର ପିପି (ପୋକ୍ସୋ) ଦିଲୀପ କୁମାର ଦାସ ଏବଂ ସହଯୋଗୀ ଆଇନଜୀବୀ ଅଶୋକ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

## କୋଇଲା ବୋଝେଇ ଟ୍ରକ ଜଳିଗଲା



ବଅଁରପାଳ,୨୨।୮ (ସମିସ): ବଅଁରପାଳ ଥାନା ଛକ ଜାତୀୟ ରାଜପଥରେ ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍‌ରେ ନିଆଁ ଲାଗି ଟ୍ରକର ଆଗ ଭାଗ ଜଳିଯାଇଛି। ଏହି ଟ୍ରକ ତାଳଚେରରୁ କୋଇଲା ବୋଝେଇ କରି କଟକ ଅଭିମୁଖେ ଯାଉଥିଲା। ରାତି ପ୍ରାୟ ସାଢ଼େ ୧୦ଟାରେ ରାଜପଥରେ ହଠାତ୍ ଇଞ୍ଜିନରୁ ଧୂଆଁ ବାହାରି ହୁତହୁତ ହୋଇ ଜଳିଯାଇଥିଲା। ସର୍ଟ୍‌ସର୍କିଟ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଇଛି। ବଅଁରପାଳ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ବିପଦକୁ ଡାକୁଛି ଶୁଖିଲା ଗଛ

ଭୁବନ,୨୨।୮ (ସମିସ): ପୂର୍ତ୍ତ ବିଭାଗ ରାସ୍ତାର ଭୁବନ ବ୍ଲକ ପୁରୁଷୋତ୍ତମପୁର ଗ୍ରାମ ନିକଟରେ ଏକ ଶୁଖିଲା ଗଛ ରହିଛି। ପ୍ରାୟ ୧୫୦ଫୁଟ ଉଚ୍ଚ ଏହି ବିଶାଳ ଗଛ ୧ବର୍ଷ ହେବ ସମ୍ପୂର୍ଣ୍ଣ ଶୁଖିଯାଇ



ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ରାସ୍ତାରେ ଶହଶହ ଛୋଟ ବଡ଼ ଗାଡ଼ି ଯାତାୟାତ କରୁଛନ୍ତି। ରାସ୍ତାଠାରୁ ମାତ୍ର ୧୦ମିଟର ଦୂରରେ ଗଛଟି ଠିଆ ହୋଇଥିବାରୁ କେତେବେଳେ ଯେ ଖସିପଡ଼ି ବିପଦ ସୃଷ୍ଟି କରିବା ସମ୍ଭାବନା ରହିଛି। ଏ ସମ୍ପର୍କରେ ଗ୍ରାମବାସୀ ଏବଂ ପଞ୍ଚାୟତ ପକ୍ଷରୁ ରାଜସ୍ୱ ବିଭାଗକୁ ଅବଗତ କରାଯାଇ ଗଛ କାଟିଦେବା ପାଇଁ ଅନୁରୋଧ କରାଯାଇଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଏହି ଗଛ କାଟିବାକୁ ସାଧାରଣରେ ଦାବି ହେଉଛି।

### ଖଣି ଓ ଖଣିଜ ପଦାର୍ଥ ଉନ୍ନୟନ ଓ ନିୟନ୍ତ୍ରଣ ସଂଶୋଧନ ଆଇନ ପ୍ରତ୍ୟାହାର ଦାବି

# ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ କଂଗ୍ରେସର ସଜବାଜ

ଅନୁଗୋଳ,୨୨।୮ (ସମିସ):



କେନ୍ଦ୍ର ସରକାର ଖଣି ଓ ଖଣିଜ ପଦାର୍ଥ ଉନ୍ନୟନ ଓ ନିୟନ୍ତ୍ରଣ ସଂଶୋଧନ ବିଲ୍ ଗତ ଅଗଷ୍ଟ ୧୩ ତାରିଖ ଲୋକସଭା ଓ ରାଜ୍ୟସଭାରେ ବିରୋଧୀଦଳମାନଙ୍କ ବିନା ଉପସ୍ଥିତିରେ ପାରିତ କରିଛନ୍ତି। ଉକ୍ତ ବିଲ୍ ଅନୁଯାୟୀ ଖଣି ଓ ଖଣିଜ ପଦାର୍ଥର ସମସ୍ତ ପରିଚାଳନା କେନ୍ଦ୍ର ହାତକୁ ନେଇଗଲେ। ଆଗରୁ ଖଣି ଓ ଖଣିଜ ପଦାର୍ଥ ଉନ୍ନୟନ ଓ ନିୟନ୍ତ୍ରଣ ଆଇନ ୧୯୫୭ ଅନୁଯାୟୀ ରାଜ୍ୟ ସରକାର ଖଣି ଓ ଖଣିଜ ପଦାର୍ଥର ଉତ୍ତୋଳନରୁ ମିଳୁଥିବା ଲାଭର ସିଂହଭାଗ ପାଉଥିଲା। ହେଲେ ଏହି ସଂଶୋଧନ ଇତିମଧ୍ୟରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ ହୋଇଯାଇଛି। ଫଳରେ ଖଣି ଓ ଖଣିଜ ପଦାର୍ଥରୁ ରାଜ୍ୟ ଆଉ କୌଣସି ପ୍ରକାର ଲାଭ ପାଇଁ ପାରିବ ନାହିଁ କିମ୍ବା କୌଣସି ସେସ୍ ବା କର ଲଗାଇ ପାରିବ ନାହିଁ। କେନ୍ଦ୍ରର ସହମତିରେ ଯାହାକିଛି ହାତଟେକାକୁ ରାଜ୍ୟ ଅନେଇ ରହିବ। ରାଜ୍ୟ କେବଳ ବାଲି, ପଥର ଓ ମାଟି ବ୍ୟତିରେକ ଆଉ କୌଣସି ଖଣି ବା ଖଣିଜ ପଦାର୍ଥରୁ କିଛି ଲାଭ ପାଇ ପାରିବ ନାହିଁ। ଏଭଳି ଏକ ଜନବିରୋଧୀ ଆଇନ ପାରିତ କରି କେନ୍ଦ୍ର ରାଜ୍ୟର ସମସ୍ତ ଖଣି ଖାଦାନକୁ ପୁଞ୍ଜିପତିମାନଙ୍କ ହାତକୁ ଟେକି ଦେବା ପାଇଁ ଏ ଯେଉଁ କଳା ଆଇନ ପ୍ରଣୟନ କରିଛନ୍ତି, ଏହାକୁ ବିରୋଧ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ଓ ଓଡ଼ିଶାର ପ୍ରଭାରୀ ଲାଲାଜୀ ଦେଶାଇଙ୍କ ନିର୍ଦ୍ଦେଶରେ ଆଜି ସ୍ଥାନୀୟ କଂଗ୍ରେସ ଭବନଠାରେ ପୂର୍ବାହ୍ନରେ ଜିଲ୍ଲା କଂଗ୍ରେସ କମିଟିର ଏକ ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ଖଣି ଓ ଖଣିଜ ପଦାର୍ଥ ପାଇଁ ପାରିତ ହୋଇଥିବା ଆଇନକୁ ପ୍ରତ୍ୟାହାର ପାଇଁ କଂଗ୍ରେସ ଦଳ ରଣ ହୁଙ୍କାର ଦେବ ଓ ଅନୁଗୋଳର ଖଣି ଖାଦାନକୁ ପୁଞ୍ଜିପତିମାନଙ୍କ କବଳରୁ ସୁରକ୍ଷାପାଇଁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। କେନ୍ଦ୍ର ସରକାର ଯେଭଳିଭାବେ କୃଷକମାନଙ୍କ ଦୁର୍ବାର ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇ ଶେଷରେ ତିନି କଳା କୃଷି ଆଇନକୁ ପ୍ରତ୍ୟାହାର କରିଥିଲେ, ଠିକ୍ ସେହିଭଳି ଅନୁଗୋଳ ତଥା ଓଡ଼ିଶାବାସୀଙ୍କ ସ୍ୱାର୍ଥ ଆଗରେ କେନ୍ଦ୍ର ସରକାର ନିଶ୍ଚିତ ମୁଣ୍ଡ ନୁଆଁଇବାକୁ ବାଧ କରାଯିବ ବୋଲି ବିଭିନ୍ନ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆଦିବାସୀ ଓ ବନବାସୀମାନଙ୍କ ଅଧିକାରକୁ ଏ ଆଇନ ବଳରେ ବ୍ୟାପକ କ୍ଷତି ଘଟାଉଛନ୍ତି, ଏଣୁ ଏଭଳି ଜନବିରୋଧୀ ଆଇନ ପ୍ରତ୍ୟାହାର ଦାବିରେ ଜନ ସଚେତନତା ପାଇଁ ଅନୁଗୋଳ ଜିଲ୍ଲାର ତିନି ଖଣି ଅଞ୍ଚଳକୁ ତିନୋଟି ଗୃପ କରି ଜିଲ୍ଲା କଂଗ୍ରେସ ପକ୍ଷରୁ ଉକ୍ତ ଅଞ୍ଚଳରେ ଲୋକ ମାନଙ୍କୁ ସଚେତନ କରିବା ପାଇଁ ଯିବାକୁ ସ୍ଥିର କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ପ୍ରଦେଶ କୃଷକ କଂଗ୍ରେସର ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ଜିଲ୍ଲା କଂଗ୍ରେସ ଉପସଭାପତି ଦିଗମ୍ବର ଗଡ଼ନାୟକ, ବିମଳ ପ୍ରଧାନ, ନିରଞ୍ଜନ ଦାସ, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ଅମୂଲ୍ୟ ବେହେରା, ବିରଞ୍ଚି ନାରାୟଣ ଧର, କୁଶଧ୍ୱଜ ପ୍ରଧାନ, ଲକ୍ଷ୍ମୀଧର ପୃଷ୍ଟି, ଦୁଷ୍ମନ୍ତ ଦଳବେହେରା, ସହଦେବ ବେହେରା, ବଳବୀର ସିଂ, ରାଜକିଶୋର ସାହୁ, ବିନୋଦ ମାଝୀ, ରାକେଶ ମିଶ୍ର, ସୁଦୀପ ମିଶ୍ର, ରଶ୍ମିରଞ୍ଜନ ସାହୁ, ଅଜୟ କୁମାର ବେହେରା, ଦୁର୍ଗା ଚରଣ ସତପଥି, ଅଳକାରାଣୀ ମହାପାତ୍ର, ଦାଶରଥି ସାହୁ, ଜିଲ୍ଲା ଛାତ୍ର ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ, ପଦ୍ମିନୀ ନାଏକ, ସଂଗ୍ରାମ କେଶରୀ କୁଅଁର, ବାସୁଦେବ ସାମଲ, ଅଲେଖ ବେହେରା, ସରୋଜ ମହାକୁଡ଼, ବିମଳ ପ୍ରଧାନ, ଅବିନାଶ ଦଳବେହେରା, ମନୋଜ ସାହୁ, ପ୍ରତାପ ଶତପଥୀ, ଅଶୋକ ନାଏକ ପ୍ରମୁଖ ଶତାଧିକ କଂଗ୍ରେସ ନେତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ମାମଲା

## ଦୋଷୀକୁ ୧ ବର୍ଷ ଜେଲ୍ ଦଣ୍ଡାଦେଶ

ଢେଙ୍କାନାଳ,୨୨।୮ (ସମିସ): ୨୦୨୫ ଜାନୁଆରୀ ୨୧ ତାରିଖ ରାତିରେ ରାସୋଳ ଥାନା ଅଞ୍ଚଳରେ ସଂଘଟିତ ଦୁଷ୍କର୍ମ ଉଦ୍ୟମ ମାମଲାରେ ଢେଙ୍କାନାଳ ଫାଷ୍ଟ ଟ୍ରାକ୍ କୋର୍ଟ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ୫୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡିତ ବ୍ୟକ୍ତି ହେଲେ ସେହି ଥାନା ଅଞ୍ଚଳର କାହ୍ନା ଓରଫ ଚନ୍ଦୁ ନାଏକ।

ମାମଲାର ବିବରଣୀ ଅନୁଯାୟୀ, ମହିଳା ଜଣକ ରାତିରେ ଏକାକୀ ଘରେ ଶୋଇଥିବା ବେଳେ ଚନ୍ଦୁ ଘର ଭିତରକୁ ପଶିଆସି ତାଙ୍କ ବେକରେ ଭୁଜାଲି ରଖି ଦୁଷ୍କର୍ମ ଉଦ୍ୟମ କରିଥିଲା। ମହିଳା ଜଣକ ତାଙ୍କୁ ଧକ୍କା ଦେଇ ବାହାରକୁ ପଳାଇ ଆସିଥିଲେ ମଧ ଚନ୍ଦୁ ତାଙ୍କୁ ପିଛା କରି ତାଙ୍କୁ ମୋବାଇଲ ଛଡ଼ାଇ ନେଇ ପଥରରେ ଛେଚି ନଷ୍ଟ କରିଦେଇଥିଲା। ଏଥିସହ ମହିଳାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲା। ଏ ନେଇ ପୀଡ଼ିତା ରାସୋଳ ଥାନାରେ ଏତଲା ଦେବା ପରେ ତତ୍କାଳୀନ ଥାନା ଅଧିକାରୀ ପ୍ରତାପ ଦଳେଇ ମାମଲା ରୁଜୁ କରି ତଦନ୍ତ କରିଥିଲେ। କୋର୍ଟରେ ଚାର୍ଜସିଟ୍ ଦାଖଲ ହେବା ପରେ ଢେଙ୍କାନାଳ ଫାଷ୍ଟ ଟ୍ରାକ୍ କୋର୍ଟରେ ମାମଲାର ବିଚାର ଚାଲିଥିଲା। ବିଚାରପତି ପ୍ରସନ୍ନ କୁମାର କର୍ଣ୍ଣ ପୀଡ଼ିତାଙ୍କ ବୟାନ ସମେତ ଡାକ୍ତରୀ ରିପୋର୍ଟ, ସମସ୍ତ ପ୍ରମାଣ ଓ ୧୦ ଜଣଙ୍କ ସାକ୍ଷ୍ୟ ଆଧାରରେ ଚନ୍ଦୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପିପି ପଞ୍ଚାନନ ମଲ୍ଲିକ ସରକାରଙ୍କ ପକ୍ଷରୁ ଏହି ମାମଲା ପରିଚାଳନା କରୁଥିଲେ।

## ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ୍

ଅନୁଗୋଳ,୨୨।୮ (ସମିସ): ଆକସ୍ମିକ ଅଗ୍ନିକାଣ୍ଡ ଭଳି ଜରୁରୀ ପରିସ୍ଥିତିରେ ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ସୁରକ୍ଷିତ ରଖିବା ସହ ଆପତକାଳୀନ ସମୟରେ ଶୃଙ୍ଖଳିତ ଭାବେ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଗାନ୍ଧୀମାର୍ଗସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ୍ ପରିସରରେ ଅଗ୍ନି

### ଛାତ୍ରଛାତ୍ରୀଙ୍କୁ ମିଳିଲା ଜରୁରୀ ପ୍ରଶିକ୍ଷଣ

ନିରାପତ୍ତା ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଛି। ଅନୁଗୋଳ ଅଗ୍ନିଶମ ବିଭାଗର ମୁଖ୍ୟ ରମେଶ ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ମକ୍‌ଡ୍ରିଲ୍‌ରେ ଯୋଗଦେଇ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଅଗ୍ନିକାଣ୍ଡ ସମୟରେ ନିଜକୁ କିପରି ସୁରକ୍ଷିତ ରଖିବେ, କିପରି ଶାନ୍ତ ରହିବେ ଏବଂ ନିରାପଦ ନିର୍ଗମ ପଥ ଦେଇ ବାହାରିବେ, ସେ ସମ୍ପର୍କରେ ପ୍ରାୟୋଗିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହା ସହିତ ବିଭିନ୍ନ ପ୍ରକାରର ଅଗ୍ନିନିର୍ବାପକ ଯନ୍ତ୍ରର ବ୍ୟବହାର, ଅଗ୍ନିକାଣ୍ଡ ସମୟରେ ଗ୍ରହଣୀୟ ସତର୍କତା, ଆପତ୍କାଳୀନ ନିର୍ଗମ ପଥ ଓ ନିରାପଦ ସମାବେଶ ସ୍ଥଳଞ୍ଚ ସମ୍ପର୍କରେ ମଧ ଛାତ୍ରଛାତ୍ରୀଙ୍କୁ




ବିସ୍ତୃତ ଭାବେ ବୁଝାଇ ଦିଆଯାଇଥିଲା। ମକ୍‌ଡ୍ରିଲ୍ ସମୟରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିର୍ଦ୍ଦେଶକୁ ଅନୁସରଣ କରି ଶୃଙ୍ଖଳିତ ଭାବେ ନିରାପଦ ସ୍ଥାନକୁ ଯାଇଥିଲେ। ପ୍ରତ୍ୟେକ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଯାଞ୍ଚ କରାଯାଇଥିଲା। ଆପତ୍କାଳୀନ ସମୟରେ ଭୟଭୀତ ନହୋଇ ଧୈର୍ଯ୍ୟର ସହିତ ପରିସ୍ଥିତିର ମୁକାବିଲା କରିବା ଏବଂ ଅନ୍ୟମାନଙ୍କ ସୁରକ୍ଷା ପ୍ରତି ସଚେତନ ରହିବାର ଗୁରୁତ୍ୱ ମଧ ବୁଝାଇ ଦିଆଯାଇଥିଲା। ଏହି ମକ୍ ଡ୍ରିଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଗ୍ନି ନିରାପତ୍ତା ସଚେତନତା, ଶୃଙ୍ଖଳା, ଦାୟିତ୍ୱବୋଧ ଓ ଆପତ୍କାଳୀନ ପ୍ରସ୍ତୁତି ବୃଦ୍ଧି କରିବାରେ ବେଶ୍ ସହାୟକ ହୋଇଥିଲା। ଏଭଳି ନିୟମିତ ସଚେତନତାମୂଳକ କାର୍ଯ୍ୟକ୍ରମ ଭବିଷ୍ୟତରେ ଯେକୌଣସି ଜରୁରୀ ପରିସ୍ଥିତିରେ ଜୀବନ ରକ୍ଷା ଓ ସୁରକ୍ଷିତ ଉଦ୍ଧାର ପାଇଁ ବିଦ୍ୟାଳୟକୁ ଅଧିକ ପ୍ରସ୍ତୁତ ଓ ସୁଦୃଢ଼ କରିବ ବୋଲି ଆଶା ପ୍ରକାଶ କରାଯାଇଥିଲା।

## ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା ଓ କଲ୍ୟାଣ ବୈଠକ



କିଶୋରନଗର,୨୨।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ଉରୁକୁଳା ଗ୍ରାମରେ ବିଶ୍ୱ ଯୁବକେନ୍ଦ୍ର, ବଣୀନାଳୀ, ଅନୁଗୋଳ ଦ୍ୱାରା ପରିଚାଳିତ "ଜଷ୍ଟ ରାଇଟ୍ ଫର୍ ଚିଲଡ୍ରେନ୍' ପକ୍ଷରୁ ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା ଓ କଲ୍ୟାଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଙ୍ଗନୱାଡ଼ି କର୍ମୀ, ୱାର୍ଡମେମ୍ବର, ଆଶାକର୍ମୀଙ୍କ ସମେତ ଗ୍ରାମର ବିଭିନ୍ନ ସଦସ୍ୟ ଉପସ୍ଥିତ ରହି ଶିଶୁ ସୁରକ୍ଷା ଓ କଲ୍ୟାଣ ସମ୍ପର୍କରେ ଆଲୋଚନା କରିଥିଲେ।

ବୈଠକରେ ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମ ଏବଂ ଶିଶୁମାନଙ୍କୁ ଜୀବନ ପ୍ରତି ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ କରିବା ଭଳି ସମ୍ବେଦନଶୀଳ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଭଳି ଘଟଣା ଶିଶୁମାନଙ୍କ ଶାରୀରିକ, ମାନସିକ ଓ ଶିକ୍ଷାଗତ ବିକାଶ ଉପରେ କିପରି ନକାରାତ୍ମକ ପ୍ରଭାବ ପକାଏ, ସେନେଇ ସଚେତନ କରାଯାଇଥିଲା। ବାଲ୍ୟ ବିବାହ ଓ ଶିଶୁ ଶ୍ରମରେ ନିୟୋଜିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଭାରତୀୟ ଆଇନରେ ଥିବା ଦଣ୍ଡବିଧାନ ଓ ନିୟମାବଳୀ ସମ୍ପର୍କରେ ମଧ ଅବଗତ କରାଯାଇଥିଲା। ଏଥିସହ ପ୍ରତ୍ୟେକ ଶିଶୁର ଚାରୋଟି ପ୍ରାଥମିକ ଅଧିକାର ଏବଂ ଶିଶୁମାନଙ୍କ ଅଧିକାର ସୁରକ୍ଷାରେ ପରିବାର ଓ ସମାଜର ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ସହଯୋଗୀ ପପି ଦେହୁରୀ ବୈଠକ ପରିଚାଳନା କରିଥିଲେ। ଶିଶୁମାନଙ୍କୁ ନିରାପଦ ପରିବେଶ ଯୋଗାଇବା ସହ ସେମାନଙ୍କ ଅଧିକାର ସୁରକ୍ଷା ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା।

## ୧୯ ନମ୍ବର ୱାର୍ଡ ସମସ୍ୟାର ହେବ ସମାଧାନ

- ଶୀଘ୍ର କାମ କରିବାକୁ ବିଧାୟକଙ୍କ ନିର୍ଦ୍ଦେଶ



ଅନୁଗୋଳ,୨୨।୮ (ସମିସ): ଅନୁଗୋଳ ମ୍ୟୁନିସିପାଲିଟି ନମ୍ବର ୱାର୍ଡ ୧୯ (ହେମସୁରପଡ଼ା) ରେ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ଶନିବାର ୱାର୍ଡରେ ପହଞ୍ଚିଥିଲେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ। ୱାର୍ଡରେ ଡ୍ରେନ୍, ରାସ୍ତା ଓ ସଫେଇ ସମସ୍ୟାକୁ ନେଇ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ବିଷୟ ସ୍ଥାନୀୟ ବାସିନ୍ଦା ବିଧାୟକଙ୍କୁ ଜଣାଇଥିଲେ। ବିଧାୟକ ପ୍ରଧାନ ପୌରପାଳିକା କର୍ମଚାରୀଙ୍କୁ ନେଇ ୱାର୍ଡକୁ ବୁଲି ଦେଖିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣିବା ପରେ ବିଧାୟକ ଶୀଘ୍ର କିପରି ସମସ୍ୟା ସମାଧାନ ହୋଇପାରିବ ସେ ନେଇ ଶୀଘ୍ର କାମ ଆରମ୍ଭ କରିବାକୁ ପୌର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏକକାଳୀନ ଅଧିକ ସଫେଇ କର୍ମଚାରୀଙ୍କୁ ନେଇ ୧୯ ନମ୍ବର ୱାର୍ଡର ସଫେଇ ହେବ ବୋଲି ବିଧାୟକ କହିଛନ୍ତି। ଦୀର୍ଘଦିନ ହେବ ଏହି ୱାର୍ଡରେ ଡ୍ରେନ୍ କାମ ହେଉ ନ ଥିଲା। ଟେଣ୍ଡର ପ୍ରକ୍ରିୟା ସରିଥିଲେ ମଧ କାମ ଆରମ୍ଭ ହୋଇପାରୁ ନ ଥିଲା। ୱାର୍ଡରେ ୮ ଜଣ ସଫେଇ କର୍ମଚାରୀ କାମ କରୁଥିଲେ। କିନ୍ତୁ ଏହାକୁ କମ କରି ୪ ଜଣ ସଫେଇ କର୍ମଚାରୀ ନିୟୋଜିତ କରାଯାଇଥିଲା ବୋଲି ସଫେଇ କର୍ମଚାରୀ ବିଧାୟକଙ୍କୁ ଜଣାଇଥିଲେ। ବିଧାୟକ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୧୯ ନମ୍ବର ୱାର୍ଡରେ ଡ୍ରେନ୍ ଓ ରାସ୍ତା କାମ ଶୀଘ୍ର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ୱାର୍ଡ ପରିଦର୍ଶନ କରିବା ସମୟରେ ହେମସୁରପଡ଼ା ଦୁର୍ଗାପୂଜା ସମିତି ସଭାପତି ଅମରେଶ ସ୍ୱାଇଁ, ସୁଶାନ୍ତ କୁମାର ଜେନା, ରୋହିତାଶ୍ୱ ଦଳବେହେରା, ଦୀପକ ସ୍ୱାଇଁ, ହେମନ୍ତ ଦଳବେହେରା, ନମିତା ଦଳବେହେରା ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ପୁନଃ ଚାଲୁ କରିବାକୁ ଦାବି

ପାଲଲହଡ଼ା,୨୨।୮ (ସମିସ):



ଗତ ଜୁନ ୧ ତାରିଖରୁ ପାଲଲହଡ଼ା ଉପଖଣ୍ଡ ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ବିଭାଗ ଏକ ଘରୋଇ ଏନଜିଓ ହାତକୁ ଟେକି ଦେଇଥିଲେ। ସେଠାରେ ଥିବା ସମସ୍ତ ସରକାରୀ କର୍ମଚାରୀଙ୍କୁ ସରକାର ଅନ୍ୟତ୍ର ବଦଳି କରିଦେଇଥିଲେ। ସେବେଠାରୁ ପୁନଃ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ପରିଚାଳନା କରିବାକୁ ଦାବିକରି ୫ ଗ୍ରାମର ଶତାଧିକ ଲୋକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣ ଦେବାସହ ଆନ୍ଦୋଳନ କରିଥିଲେ। ତେବେ ଦୁଇମାସ ପରେ ଏନଜିଓ ନିଜଆଡୁ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଦାୟିତ୍ୱରୁ ଓହରି ଯାଇଥିଲା। ଫଳରେ ଜୁଲାଇ ୩୧ରୁ ଆଜିପର୍ଯ୍ୟନ୍ତ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ରହିଛି। ସରକାର ସେଠାରେ ଏଯାବତ କୌଣସି କର୍ମଚାରୀଙ୍କୁ ପୁନଃ ଅବସ୍ଥାପିତ କରି ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଚାଲି ପାରୁନାହିଁ। ଫଳରେ ପାଉଡ଼ି ଭୂୟାଁ ଅଞ୍ଚଳର ୫ ଗାଁର ଲୋକ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଗତ ୧୯ ତାରିଖ ବିଜେଡି ପକ୍ଷରୁ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ୧୦ ଦିନ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଅନ୍ୟପଟେ ଶନିବାର ୫ ଗ୍ରାମର କିଛି ଲୋକ ଅନୁଗୋଳ ଜିଲ୍ଲାପାଳ ଅବଦଲ ମହମ୍ମଦ ଅଖତରଙ୍କୁ ଭେଟି ତୁରନ୍ତ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର କିମ୍ବା ଏନଜିଓ ଯାହା ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଚାଳନା କରାଯିବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି। ନିରୀହ ଆଦିବାସୀମାନଙ୍କୁ ଭ୍ରମିତ କରି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଘଟଣାକୁ ଅଯଥାରେ ଜଟିଳ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ପୂର୍ବରୁ ଥିବା କର୍ମଚାରୀଙ୍କୁ ପୁନଃ ଅବସ୍ଥାପିତ କରା ନ ଯାଇ ନୂତନ କର୍ମଚାରୀ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଗତ କିଛିଦିନ ତଳେ ବିଜେଡି ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ଉପଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିବାବେଳେ ଶନିବାର ବିଜେପି ସମର୍ଥନରେ କିଛି ଗ୍ରାମବାସୀ ଏବଂ କର୍ମୀ ଜିଲ୍ଲାପାଳଙ୍କୁ ଭେଟି ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ପାଇଁ ଦାବି ଜଣାଯାଇଥିବା କୁହାଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଆନ୍ଦୋଳନ ଏବେ ସମ୍ପୂର୍ଣ୍ଣ ରାଜନୈତିକ ରୂପ ନେଇସାରିଥିବା ଦେଖିବାକୁ ମିଳିଛି।

### ଜବରଦଖଲ ଉଚ୍ଛେଦକୁ ନେଇ ଯୁବକଙ୍କ ଆତ୍ମହତ୍ୟା ଘଟଣା

# ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ

ଢେଙ୍କାନାଳ,୨୨।୮(ସମିସ)





୫୫ନଂ ଜାତୀୟ ରାଜପଥର ସ୍ଥାନୀୟ କଣ୍ଟାନାଳି ବାଇପାସ ନିକଟରେ ଜଣେ ଯୁବକଙ୍କ ମୃତ୍ୟୁକୁ କେନ୍ଦ୍ରକରି ସାହିବାସିନ୍ଦା ରାଜପଥ ଅବରୋଧ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମଟର ଅଟକି ରହିଥିଲା। ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଢେଙ୍କାନାଳ ପୌରାଞ୍ଚଳ ୯ନଂ ୱାର୍ଡ କୁଟୁଣିଆ ନୂଆସାହିରେ ପୌରସଂସ୍ଥା ପକ୍ଷରୁ ଜବରଦଖଲ ଉଚ୍ଛେଦ ପରେ ସ୍ଥାନୀୟ ଯୁବକ ରବିନାରାୟଣ ପଣ୍ଡା (୨୨) ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

ପୌରସଂସ୍ଥା ପକ୍ଷରୁ କୁଟୁଣିଆ ସାହିରେ ଜବର ଦଖଲ ଉଚ୍ଛେଦ କରାଯାଇଥିଲା। ଏହି ବସ୍ତି ଉଚ୍ଛେଦ ପୂର୍ବରୁ କ୍ଷତିଗ୍ରସ୍ତ ପରିବାରଙ୍କୁ କୌଣସି ପ୍ରକାର ଥଇଥାନ ନକରି ହଠାତ୍ ବାସଘର ଭାଙ୍ଗି ଦିଆଯାଇଥିଲା। ଏହି ଘଟଣାକୁ ନେଇ ମୃତ ରବି ଆତ୍ମହତ୍ୟା କରିଥିବାର ତାଙ୍କ ଭାଇ ରାହୁଲ ପଣ୍ଡା ଓ ପରିବାର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଉତ୍ୟକ୍ତ ପରିବାର ସଦସ୍ୟ ଓ ସାହିବାସିନ୍ଦାମାନେ ମିଳିତ ହୋଇ ଶନିବାର ଅପରାହ୍ନରେ ୫୫ ନଂ ଜାତୀୟ ରାଜପଥର କଣ୍ଟାନାଳି ବାଇପାସଠାରେ ମୃତ ରବିନାରାୟଣର ଶବକୁ ରଖି ରାସ୍ତାରୋକ କରିଥିଲେ। ଏହି ରାସ୍ତାରୋକ ଯୋଗୁଁ କଟକ ଅନୁଗୋଳ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଗାଡି ମଟର ଅଟକି ରହିବା ଯୋଗୁଁ ଯାତ୍ରିମାନେ ଅକଥନିୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଖବର ପାଇଁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସଦର ତହସିଲଦାର, ସଦର ଏସଡିପିଓ, ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ସାହିବାସିନ୍ଦା ମାନଙ୍କୁ ବୁଝାସୁଝା କରି ରାସ୍ତାରୋକ ପ୍ରତ୍ୟାହାର ନିମନ୍ତେ ଉଦ୍ୟମ କରିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ସ୍ୱାଧୀନ ବେହେରା ଏ ସଂକ୍ରାନ୍ତରେ କୁହନ୍ତି ଯେ ସାହିବାସିନ୍ଦାଙ୍କ ଅଭିଯୋଗ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯିବ। ଏଥିସହ ରେଡକ୍ରସ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବାରୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

# ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ଝୁଲଣ ପର୍ବ ଆରମ୍ଭ



ଢେଙ୍କାନାଳ,୨୨।୮(ସମିସ): ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଛି ପବିତ୍ର ଝୁଲଣ ପର୍ବ। ଦଶମୀ ତିଥିରୁ ଆରମ୍ଭ ହୋଇଥିବା ଏହି ପର୍ବ ପୂର୍ଣ୍ଣିମା ତିଥିରେ ଶେଷ ହେବ। ପ୍ରଥମ ଦିନ ସନ୍ଧ୍ୟା ଆଳତି ପରେ ମଦନମୋହନଙ୍କୁ ସୁସଜ୍ଜିତ ଝୁଲଣ ବେଦୀକୁ ବିଜେ କରାଯାଇଥିଲା। ସେଠାରେ ମଙ୍ଗଳା ଅର୍ପଣ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହ ବିଭିନ୍ନ ପ୍ରକାରର ପୁଷ୍ପ ଓ ଭୋଗ ଅର୍ପଣ କରାଯାଇଥିଲା। ଝୁଲଣ ପର୍ବ ଅବସରରେ ପ୍ରତ୍ୟେକ ଦିନ ସନ୍ଧ୍ୟା ଆଳତି ପରେ ମଦନମୋହନଙ୍କୁ ଝୁଲଣ ବେଦୀକୁ ବିଜେ କରାଯିବ। ଏହି ଅବସରରେ ଭକ୍ତମାନେ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ସହ ଝୁଲଣ ପର୍ବର ଆଧ୍ୟାତ୍ମିକ ଆନନ୍ଦ ଲାଭ କରୁଛନ୍ତି। ପୂଜକ ମଳୟ କର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, କାହାଳିଆ ଟିକନ୍ ବେହେରା ଏବଂ ମନ୍ଦିରର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଝୁଲଣ ପର୍ବର ଶୁଭାରମ୍ଭ ହୋଇଥିଲା। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଝୁଲଣ ପର୍ବକୁ ନେଇ ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

## ଅବକାରୀ ଆଇନ ସମ୍ପର୍କିତ ତାଲିମ ଶିବିର

ଢେଙ୍କାନାଳ,୨୨।୮(ସମିସ): ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଅବକାରୀ ବିଭାଗ ଅଧିକାରୀ ଓ ଜିଲ୍ଲା ସରକାରୀ ଓକିଲମାନଙ୍କୁ ନେଇ ଏନଡିପିଏସ ଆକ୍ଟ ଏବଂ ଓଡ଼ିଶା ଏକ୍ସସାଇଜ ଆକ୍ଟ ଉପରେ ଆଇନ କର୍ମଶାଳା ଅନୁଷ୍ଠିତ ହୋଇଛି। ଅବକାରୀ ଅଧୀକ୍ଷକ ଆର୍ଯ୍ୟା ସୁଭ୍ରାତା ରାୟ କର୍ମଶାଳାରେ ଅଧ୍ୟକ୍ଷତା କରି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇବା ସହ ଅପରାଧୀଙ୍କୁ ଦଣ୍ଡବିଧାନ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ ଗଣେଶ କୁମାର ବେହେରା ଏନଡିପିଏସ ଆକ୍ଟ ଏବଂ ଓଡ଼ିଶା ଏକ୍ସସାଇଜ ଆକ୍ଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପିପି ସଞ୍ଜୟ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ ଏନଡିପିଏସ ଆକ୍ଟର ତଦନ୍ତ ସମୟରେ ରହୁଥିବା ବିଭିନ୍ନ ତ୍ରୁଟି ଉପରେ ଆଲୋକପାତ କରିବା ସହିତ ନିର୍ଭୁଲ ତଦନ୍ତ କରିବା ଓ ଆଇନରେ ବିଭିନ୍ନ ପ୍ରାବଧାନ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ବିଜ୍ଞାନଗାରର ସାଇଣ୍ଟିଫିକ ଅଫିସର ପୁନମ ବାରିକ କର୍ମଶାଳାରେ ଅବକାରୀ ପଦାର୍ଥ ଏବଂ ଜବତ ହୋଇଥିବା ଗଞ୍ଜେଇ ଓ ବ୍ରାଉନ ସୁଗାରକୁ କିପରି ବିଜ୍ଞାନଗାରରେ କିପରି ପରୀକ୍ଷା ନିରୀକ୍ଷା କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଏ ତାହା ଉପରେ ପ୍ରଶିକ୍ଷଣ ଦେଇଥିଲେ। ସହ-ନିର୍ଦ୍ଦେଶିକା ମଧୁସ୍ମିତା ଦାସ ଓ ଶାଶ୍ୱତ ଜେନା ଓଡ଼ିଶା ଏକ୍ସସାଇଜ ଆକ୍ଟରେ ତଦନ୍ତ ଏବଂ ବିଚାରାଳୟରେ କେସ ପରିଚାଳନା କରିବା ସମୟରେ କିଭଳି ବିଭିନ୍ନ ପ୍ରାବଧାନକୁ ଆଖିଆଗରେ ରଖି କାର୍ଯ୍ୟ କରିବାକୁ ପଡିବ ତାହା ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅବକାରୀ ବିଭାଗର ଅଧିକାରୀ ଏବଂ ଅବକାରୀ ମୋକଦ୍ଦମା ପରିଚାଳନା କରୁଥିବା ସରକାରୀ ଓକିଲମାନେ ଉପସ୍ଥିତ ରହି ତାଲିମ ନେଇଥିଲା।

## ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ | ୪-୧ ଗୋଲ୍‌ରେ ଭାଲୁଟାଙ୍ଗର ବିଜୟୀ

ଢେଙ୍କାନାଳ,୨୨।୮(ସମିସ): ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ୭ମ ଦିବସରେ ଭାଲୁଟାଙ୍ଗର ଫୁଟ୍‌ବଲ୍ କ୍ଲବ୍ ଓ ସିଆରିଆ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟରେ କେହି ଗୋଲ୍ କରିପାରି ନ ଥିଲେ। ଟାଇବ୍ରେକରରେ ଭାଲୁଟାଙ୍ଗର ୪-୧ ଗୋଲ୍‌ରେ ବିଜୟୀ ହୋଇଛି। ରେଫରୀ ଭାବେ ଦେବରାଜ ସ୍ୱାଇଁ, ବୋନ୍‌ସନ୍ ବରାଳ, ମନୋଜ ସେଠୀ, ଅରୁଣ ନାୟକ ମ୍ୟାଚ ପରିଚାଳନା କରିଥିବାବେଳେ ମାୟାଧର ସାହୁ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଆଜିର ମ୍ୟାଚ୍‌ରେ ଅତିଥି ଭାବେ ପୂର୍ବତନ ରାଜ୍ୟ ଭଲିବଲ୍ ଖେଳାଳୀ ଜୟକୃଷ୍ଣ ପଟ୍ଟନାୟକ, ପୂର୍ବତନ ବିଶିଷ୍ଟ କ୍ରିକେଟ୍ ଖେଳାଳୀ ବିଭୁତି ଭୂଷଣ ପଟ୍ଟନାୟକ ଓ ଗିରିଜା ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ନଳିନୀ କୁମାର ଦାସ, ଉପ-ସଭାପତି ତଥା ସାଂଗଠନିକ ସମ୍ପାଦକ ସଞ୍ଜୟ କୁମାର ଭଞ୍ଜ, ପ୍ରେମାନନ୍ଦ ବିହାରୀ, ଉପସଭାପତି ସୌଭାଗ୍ୟ ସାହୁ, ମନୋଜ ପଟ୍ଟନାୟକ, ଅଜୟ ବାରିକ, ବାବୁ ପାଢୀ, ପର୍ଶୁରାମ ମିଶ୍ର, ସୁନିଲ ପଣ୍ଡା, ଅଭିଜିତ୍ ମିଶ୍ର, ପ୍ରତାପ କୁମାର ମହାନ୍ତି, ଶ୍ୟାମସୁନ୍ଦର ମହାପାତ୍ର, ବସନ୍ତ ବେହେରା, ରଞ୍ଜନ



ସାହୁ, ସନ୍ତୋଷ କାନୁନଗୋ, ପ୍ରତୀକ ଭଞ୍ଜ, ଶିବ ପ୍ରସାଦ ଦାଶ, ସରୋଜ ପାଢୀ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମନୋଜ ଦାସ, ରାଜେନ୍ଦ୍ର ପାଣି, ଦୀପ୍ତିରଞ୍ଜନ ସେଠୀ, ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗୀତା କରିଥିଲେ। ଆସନ୍ତା କାଲି ରବିବାର ଦିନ ବାନାସାହି ଫୁଟ୍‌ବଲ୍ କ୍ଲବ୍ ସହିତ ଢେଙ୍କାନାଳ ଅଟୋନୋମସ କଲେଜ୍ ଫୁଟ୍‌ବଲ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୪ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି ବୋଲି ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ ସୂଚନା ଦେଇଛନ୍ତି।

## ସାକ୍ଷ୍ୟ ଦେବାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

ଗଁଦିଆ,୨୨।୮(ସମିସ): ନିହଲପ୍ରସାଦ ଥାନା ଅନ୍ତର୍ଗତ ଲାଉଲଇ ଗ୍ରାମରେ ସାକ୍ଷ୍ୟ ଦେବାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଲାଉଲଇ ଗ୍ରାମର ଅଶୋକ ଦାସଙ୍କ ଏକ ଗଣ୍ଡଗୋଳରେ ଥାନାରେ ବିଚିତ୍ର ସାହୁଙ୍କୁ ସାକ୍ଷୀ ନ ଦେବାକୁ ଧମକାଇଥିଲେ ସେହି ଗ୍ରାମର ସୁନାକାର ବାରିକ। ଦୋକାନୀ ବାବୁଲି ସାହୁଙ୍କ ପିଣ୍ଡାରେ ବସିଥିବା ବେଳେ ବିଚିତ୍ର ସାହୁ ଓ ସୁନାକର ବାରିକଙ୍କ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳ ହୋଇଥିଲା। ହଠାତ ସୁନାକର ଏକ କଟୁରି ସାହାଯ୍ୟରେ ବିଚିତ୍ରଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ବିଚିତ୍ରଙ୍କ ଅଭିଯୋଗ କ୍ରମେ ପୁଲିସ ଘଟଣାର ତଦନ୍ତ କରି ସୁନାକରକୁ ଗିରଫ କରିଥିବା ଥାନା ଅଧିକାରୀ ଅନୁରାଗ ମଲ୍ଲିକ ସୂଚନା ପ୍ରଦାନ କରିଛନ୍ତି।

### ବିଦ୍ୟୁତ୍ ଆଘାତରେ ମୃତକଙ୍କ ପରିବାରକୁ ଭେଟିଲା ବିଜେଡି ଟିମ୍

# ବିଦ୍ୟୁତ ବିଭାଗ କ୍ଷତିପୂରଣ ଦେବାକୁ ଦାବି





ଭୁବନ,୨୨।୮(ସମିସ): ଭୁବନ ବ୍ଲକ ଭୂଷଲ ପଞ୍ଚାୟତ କୀର୍ତ୍ତନପୁର ଗ୍ରାମରେ ଶୁକ୍ରବାର ବିଲରେ ବାଉଁଶ ଦ୍ୱାରା ବାଡ଼ ଦେଉଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତମାନୁ ମଲିକ ଓରଫ ଅଗାଧୁ (୩୩)ଙ୍କ ମୃତ୍ୟୁ ହୋଇଛି।

ଏଥିସହ ଅମିନ ମଲିକ ଗୁରୁତର ଆହତ ହୋଇଛନ୍ତି। ଅଗାଧୁଙ୍କର ଏକ ଶିଶୁପୁତ୍ର ଅଛି। ବାପା କୀର୍ତ୍ତନ ମଲିକ ଜଣେ ଶ୍ୱାସରୋଗୀ। ଏହି ଖବର ପାଇ ଭୁବନ ବିଜେଡି ତରଫରୁ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳଙ୍କ ସମେତ ବିଜେଡି କର୍ମକର୍ତ୍ତାମାନେ କୀର୍ତ୍ତନପୁର ଗ୍ରାମକୁ ଯାଇ ଉଭୟ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଏହି ଦୁଃଖଦ ସମୟରେ ପରିବାର ସହ ଠିଆ ହୋଇଥିଲେ। ଗୁରୁତର ଆହତ ଅମିନଙ୍କୁ ଅଧିକ ଚିକିତ୍ସା ପାଇଁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇବାର ବ୍ୟବସ୍ଥା କରିଥିଲେ। ଏଭଳି ଦୁଃଖଦ ସମୟରେ ବିଜେଡି ନେତା ମାନେ ମୃତକଙ୍କ ପରିବାର ବର୍ଗ ଭେଟି ସମବେଦନା ଜଣାଇବା ସହିତ ସହଯୋଗ କରିଥିବାରୁ ଜନ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଉଛି। ଟିପିସିଓଡିଏଲର ଖାମ ଖିଆଲି ଓ ବେପରୁଆ ନୀତି ସାଙ୍ଗକୁ ଅବହେଳା ପାଇଁ ବିଭିନ୍ନ ସ୍ଥାନରେ ଚାଷ ଜମି ଓ ଜନ ବସତି ଉପରେ ବହୁତ ତଳେ ୧୧ କେଭି ତାର ଝୁଲି ରହିଛି ଓ ବାରମ୍ବାର ଏଭଳି ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉଛି। ବିଦ୍ୟୁତ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ

ଢେଙ୍କାନାଳ,୨୨।୮(ସମିସ): ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ, ମୁଣ୍ଡଳୀ, ୩ୟ ବାଟାଲିୟନ ସହଯୋଗରେ କଲେଜର ଏନଏସଏସ କୋ-ୟୁନିଟ୍ ପକ୍ଷରୁ ନୂତନ ପାଠାଗାର ଗୃହରେ ସ୍ୱତନ୍ତ୍ର ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏନଡିଆରଏଫର ‘ଦକ୍ଷତା ବୃଦ୍ଧି ବର୍ଷ-୨୦୨୬’ ଅଭିଯାନର ଅଂଶବିଶେଷ ଭାବେ ଆୟୋଜିତ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତି, କ୍ୟାମ୍ପସ ସୁରକ୍ଷା କୌଶଳ ଏବଂ ସାମଗ୍ରିକ ସମୁଦାୟିକ ବିପର୍ଯ୍ୟୟ ମୁକାବିଲା ଦକ୍ଷତାକୁ ବୃଦ୍ଧି କରିବା। ଏହି କାର୍ଯ୍ୟକ୍ରମକୁ ଏନଏସଏସ ପ୍ରୋଗ୍ରାମ ଅଫିସର ଡଃ ରବର୍ଟ ୱିଲସନ ଭତ୍ରା ସ୍ୱାଗତ ଭାଷଣ ଦେଇ ଆରମ୍ଭ କରିଥିଲେ ଏବଂ ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନ କରିଥିଲେ। କଲେଜର ଅଧ୍ୟକ୍ଷ ଡଃ ପୂର୍ଣ୍ଣ ଚନ୍ଦ୍ର ବରାଳ ଏହି ସଭାରେ ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରିଥିଲେ। ଓଡ଼ିଶାର ଭୌଗୋଳିକ ସ୍ଥିତି ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହେଉଥିବାରୁ ଏହିପରି ଜୀବନ ରକ୍ଷାକାରୀ ତାଲିମର ଅତ୍ୟାବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କଟକ ମୁଣ୍ଡଳୀ ଏନଡିଆରଏଫର ସବ୍-ଇନ୍ସପେକ୍ଟର ଆନନ୍ଦ କୁମାର ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ +୨, ଯୁକ୍ତ ତିନ ଏବଂ ସ୍ନାତକୋତ୍ତରର ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଏବଂ ଜାତୀୟ ସେବା ଯୋଜନା ଓ ୟୁଥ୍ ରେଡକ୍ରସ୍‌ର ସ୍ୱେଚ୍ଛାସେବୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏନଡିଆରଏଫର ଯବାନମାନେ ମୁଖ୍ୟ ଉଦ୍ଧାର କୌଶଳ, ପ୍ରାଥମିକ ଚିକିତ୍ସା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଶ୍ରଦ୍ଧାଞ୍ଜଳି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



# ଅଗ୍ନିଶମ କର୍ମଚାରୀଙ୍କୁ ରାଷ୍ଟ୍ରପତି ସେବା ପଦକ



ଖଜୁରିଆକଟା,୨୨।୮(ସମିସ): ହିନ୍ଦୋଳ ଉପଖଣ୍ଡ ଅଗ୍ନିଶମ ବିଭାଗରେ କାର୍ଯ୍ୟରତ ଆଗ୍ନିକ ଲକ୍ଷ୍ମଣ ମାଝୀ ରାଷ୍ଟ୍ରପତି ପଦକ ପ୍ରାପ୍ତ କରିଛନ୍ତି। ହିନ୍ଦୋଳ ଅଗ୍ନିଶମ ବିଭାଗରେ ଲକ୍ଷ୍ମଣ ଆଗ୍ନିକ ଭାବେ ୧୯୯୬ରେ ଯୋଗଦେଇଥିଲେ। ୨୦୧୧ରେ ପଦୋନ୍ନତି ପାଇ ସେ ମୁଖ୍ୟ ଅଗ୍ନିକ ଭାବେ ହିନ୍ଦୋଳରେ କାର୍ଯ୍ୟରତ ଅଛନ୍ତି।

ଦୀର୍ଘ ୩୦ ବର୍ଷ କାର୍ଯ୍ୟକାଳ ଭିତରେ ତାଙ୍କ ଉତ୍ସର୍ଗୀକୃତ ସେବା ଓ ଦାୟିତ୍ୱବୋଧତାକୁ ସେ ଅନେକ ଥର ପ୍ରମାଣିତ କରିଥିବା ବେଳେ ବିଗତ ଦିନରେ କଲେଜ ବାଇପାସର ମୁଖ୍ୟ ରାସ୍ତା ୫୫ନଂ ଜାତୀୟ ରାଜପଥରେ ଲକ୍ଷ୍ମୀ ପ୍ରିୟାଂଶୁ ନାମକ ବସ୍‌ରେ ଘଟିଥିବା ଅଗ୍ନିକାଣ୍ଡକୁ ସଫଳତାର ସହିତ ମୁକାବିଲା କରି ସେ ଓ ତାଙ୍କ ଟିମ୍ ଦ୍ୱାରା ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ପାରିଥିଲା। ଏତଦ୍‌ବ୍ୟତୀତ ସେ ଅଗ୍ନିଶମ କେନ୍ଦ୍ର, ସମସ୍ତ ଯନ୍ତ୍ରାଂଶ ଗାଡ଼ି ଓ ଏହାର ପରିସରର ଉତ୍ତମ ରକ୍ଷଣାବେକ୍ଷଣ ଏବଂ ତାଙ୍କୁ ନ୍ୟସ୍ତ କରାଯାଉଥିବା କାର୍ଯ୍ୟଗୁଡ଼ିକୁ ଦକ୍ଷତାର ସହ ତୁଲାଇ ଆସିଛନ୍ତି। ତାଙ୍କର ଏହି କାର୍ଯ୍ୟ ସହକର୍ମୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ମାଝୀଙ୍କ ଉଲ୍ଲେଖନୀୟ ସେବା ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ଭାବ ପାଇଁ ରାଷ୍ଟ୍ରପତିଙ୍କ ସ୍ୱୀକୃତି କ୍ରମେ ୮୦ତମ ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଲୋକସଭା ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସେବା ପଦକ ପ୍ରଦାନ କରିବା ସହିତ ରାଜ୍ୟ ସରକାରଙ୍କ ତରଫରୁ ପ୍ରୋତ୍ସାହନ ସ୍ୱରୂପ ୭୫୦୦ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଛନ୍ତି।

## ଗ୍ରୋସରି ଦୋକାନରୁ ମଦ ଜବତ, ବ୍ୟବସାୟୀ ଗିରଫ

ଭୁବନ,୨୨।୮(ସମିସ): ଭୁବନ ଥାନା ମାର୍ଥାପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ଏକ ଗ୍ରୋସରି ଦୋକାନରୁ ବିଦେଶୀ ମଦ ଜବତ କରାଯାଇ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ମାର୍ଥାପୁର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଅନେକ ଦିନରୁ ଗ୍ରାମର ଅନିଲ କୁମାର ମିଶ୍ର ଏକ ଗ୍ରୋସରି ଦୋକାନ ଆଳରେ ବେଆଇନ ନକଲି ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗ ହେଉଥିଲା। ବାରମ୍ବାର ଚଢ଼ଉ ପରେ ମଧ୍ୟ ଟେର ପାଉନଥିଲା ଅବକାରୀ ବିଭାଗ। ତେବେ ଶନିବାର ସକାଳେ କୌଣସି ସୂତ୍ରରୁ ଖବର ପାଇ ଅନିଲଙ୍କ ଦୋକାନରେ ଚଢ଼ଉ କରି ବିପୁଳ ବିଦେଶୀ ମଦ ସହିତ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି ଅବକାରୀ ବିଭାଗ। ବିଗତ ପ୍ରାୟ ୨୫ ବର୍ଷରୁ ଏଭଳି ବେଆଇନ ଭାବେ ବିଦ୍ୟାଳୟ ସାମ୍ନାରେ ମଦ ବିକ୍ରି କରୁଥିବା ବେଳେ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଉପରେ ଏହାର ପ୍ରଭାବ ପଡୁଥିବା ସହିତ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା କାରଣରୁ ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ଅଞ୍ଚଳବାସୀ ଏବଂ ବିଦ୍ୟାଳୟ ଶିକ୍ଷକ।

ମାର୍ଥାପୁର ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ସରକାର ଯୁକ୍ତ ୨ ଶ୍ରେଣୀକୁ ଉନ୍ନୀତ କରିଛନ୍ତି। ଏଭଳି ବେଆଇନି କାର୍ଯ୍ୟ ସ୍କୁଲ ସାମ୍ନାରେ ହେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅନିଲ ମିଶ୍ର ଜଣେ ଅଭ୍ୟାସ ଗତ ମଦ ବ୍ୟବସାୟୀ ତାଙ୍କ ସାମ୍ରାଜ୍ୟ ଉପରେ ଅବକାରୀ ଉଚ୍ଚ ଅଧିକାରୀଙ୍କ ନଜର ରହିଛି। ପୁରା ଟିମ ସହିତ ଚଢ଼ଉ କରାଯିବ ବୋଲି ଅବକାରୀ ଅଧିକାରୀ ବୁଲୁ ପାତ୍ର କୁହନ୍ତି।

# ସେବା ଦେବା ବଦଳରେ ସେବା ଖୋଜୁଛି ପଥପ୍ରାନ୍ତ ସୁବିଧା କେନ୍ଦ୍ର

ଗଁଦିଆ,୨୨।୮(ସମିସ)

ରାଜ୍ୟର ପ୍ରସିଦ୍ଧ ଶୈବପୀଠ ତଥା ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ କପିଳାସକୁ ବର୍ଷ ତମାମ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ୨୦୧୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୂର୍ତ୍ତ ବିଭାଗ ଜରିଆରେ ଉଦଘାଟିତ ହୋଇଥିଲା ‘ପଥପ୍ରାନ୍ତ ସୁବିଧା କେନ୍ଦ୍ର’। କିନ୍ତୁ ବିଡ଼ମ୍ବନାର ବିଷୟ, ଉଦଘାଟନର ୮ ବର୍ଷ ପରେ ଏବେ ଏହି କେନ୍ଦ୍ରଟି ପର୍ଯ୍ୟଟକଙ୍କୁ ସେବା ଯୋଗାଇବା ବଦଳରେ ନିଜେ ସେବା ଖୋଜୁଥିବା ମନେହେଉଛି। ଏକାଧିକ କର୍ମଚାରୀଙ୍କ ସ୍ଥାନରେ ଏବେ ମାତ୍ର ଜଣେ ରାତ୍ର ଜଗୁଆଳି ଭରସାରେ ଛିଡ଼ା ହୋଇଛି ଏହି ଲକ୍ଷାଧିକ ଟଙ୍କାର ପ୍ରକଳ୍ପ। ବିଗତ ୮ ବର୍ଷ ମଧ୍ୟରେ ଏହି କେନ୍ଦ୍ରର ପରିଚାଳନା ଦାୟିତ୍ୱ ତିନି ତିନୋଟି ବିଭାଗ ହାତକୁ ଯାଇଛି। ପ୍ରଥମେ ପୂର୍ତ୍ତ ବିଭାଗ, ତା’ପରେ ପଞ୍ଚାୟତିରାଜ ବିଭାଗ ଏବଂ ଏବେ ପୁଣି ପର୍ଯ୍ୟଟନ ବିଭାଗକୁ ଏହା ହସ୍ତାନ୍ତର କରାଯାଇଛି। କିନ୍ତୁ ଏତେ ସବୁ ପରିବର୍ତ୍ତନ ସତ୍ତ୍ୱେ କେନ୍ଦ୍ରର ଅବସ୍ଥାରେ କୌଣସି ସୁଧାର ଆସିପାରିନାହିଁ। ଯେତେବେଳେ ଏହା ପଞ୍ଚାୟତିରାଜ ବିଭାଗ ଅଧୀନରେ ଥିଲା, ସେତେବେଳେ



ଗଁଦିଆ ପଞ୍ଚାୟତ ସମିତି ତରଫରୁ ମିଶନ ଶକ୍ତି ଜରିଆରେ ଏହାର ପରିଚାଳନା ଭାର ‘ଶକ୍ତି ମା ଭଗବତୀ ଏସଏଚଜି’କୁ ଦିଆଯାଇଥିଲା। ଗଁଦିଆ ବ୍ଲକ ସ୍ତରୀୟ ମହାସଂଘ ଏବଂ ଏସଏଚଜି ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସର୍ତ୍ତ ମୁତାବକ ଗୋଷ୍ଠୀ ୨୦,୦୦୦ ଟଙ୍କା ଜମା ରାଶି ଏବଂ ମାସିକ ୨,୦୦୦ ଟଙ୍କା ଭଡ଼ା ଆକାରରେ ଦେବାକୁ ରାଜି ହୋଇଥିଲେ। ପ୍ରତି ଦୁଇ ବର୍ଷରେ ଥରେ ବିଡିଓଙ୍କ ଦ୍ୱାରା ଏହାର ନବୀକରଣ ହେବାର ବ୍ୟବସ୍ଥା ଥିଲା। ନିୟମ ଖିଲାପ ହେଲେ ବ୍ଲକ ସ୍ତରୀୟ ମହାସଂଘ, ସିଡିପିଓ କିମ୍ବା ବିଡିଓଙ୍କ ଦ୍ୱାରା ଦଣ୍ଡିତ ହେବାର ସର୍ତ୍ତ ମଧ୍ୟ ରହିଥିଲା। କେନ୍ଦ୍ରଟିକୁ ଆକର୍ଷଣୀୟ କରିବା ପାଇଁ ଏସଏଚଜିର ମହିଳାମାନେ ଅଣ୍ଟା ଭିଡ଼ିଥିଲେ। ନିଜ ପାଣ୍ଠିରୁ ଖର୍ଚ୍ଚ କରି କେନ୍ଦ୍ରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ମଧ୍ୟ ଲଗାଇଥିଲେ। ପର୍ଯ୍ୟଟକମାନେ କିପରି ସମସ୍ତ ସୁବିଧା ପାଇପାରିବେ, ସେଥିପାଇଁ ଚାକଚମକ ସୃଷ୍ଟି କରି ଅନେକ ସ୍ୱପ୍ନ ଦେଖିଥିଲେ ଗୋଷ୍ଠୀର ସଦସ୍ୟାମାନେ। ମହିଳାମାନଙ୍କର ଏହି ପ୍ରୟାସକୁ ଦୁଇ ମାସ ନପୁରୁଣୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରବରିଆ ଭାବେ କେନ୍ଦ୍ରଟିକୁ ପୁଣି ଥରେ ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରିଦେଲେ। ଏହି ନିଷ୍ପତ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ଗୋଟିଏ ପଟେ ଚୁକ୍ତି ମୁତାବକ ଦେଇଥିବା ୨୦ ହଜାର ଟଙ୍କାର ଜମା ରାଶି ଏବଂ ଅନ୍ୟପଟେ କେନ୍ଦ୍ରର ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ କରିଥିବା ଅର୍ଥ ଏବେ ସବୁ ବୁଡ଼ିଯିବା ଆଶଙ୍କାରେ ମହିଳାମାନେ। ଏହି ଅର୍ଥରାଶି କେମିତି ଫେରିବ ନା ପ୍ରଶାସନିକ ଟାଳଟୁଳ ନୀତିରେ ଚଲୁ ହୋଇଯିବ, ତାହାକୁ ନେଇ ସେମାନେ ଘୋର ଚିନ୍ତାରେ ଅଛନ୍ତି।

ଏବେ ପୁଣି ଥରେ ସରକାରୀ ଅର୍ଥରେ କେନ୍ଦ୍ରର ମରାମତି କାର୍ଯ୍ୟ ଚାଲିଛି। କିନ୍ତୁ ପ୍ରଶ୍ନ ଉଠୁଛି, ଯେଉଁ ଏସଏଚଜି ମହିଳାମାନେ କ୍ଷତି ସହିଲେ ସେମାନଙ୍କୁ ନ୍ୟାୟ ମିଳିବ କି। ଆଉ ସବୁଠାରୁ ବଡ଼ କଥା, ଏହି ସୁବିଧା କେନ୍ଦ୍ରଟି କେବେ ପୁନର୍ବାର ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେବ ଏବଂ ପର୍ଯ୍ୟଟକମାନେ ପ୍ରକୃତ ସେବା ପାଇବେ।

# ଅନୁତାପ





ମହମ୍ମଦ ହିଫ୍‌ଜୁର ରହେମାନ୍

ହାତରେ ଘଡ଼ିକୁ ଦେଖୁଛନ୍ତି, ସେପଟେ ଗେଟ୍ ଆଡ଼କୁ ଚାହୁଁଛନ୍ତି । ଭାରି ବ୍ୟସ୍ତ ଲାଗୁଛି । ଏତେ ଡେରି ହେଲାଣି । ଲୋକଟି ଆସୁନାହିଁ କି ଫୋନ୍ ବି ଉଠାଉ ନାହିଁ । କ'ଣ ହେଇଛି । ଏମିତି ତ କେବେ ହୋଇନାହିଁ ।

ପାର୍କର ଗୋଟିଏ କୋଣରେ ବସି ଏପରି ବ୍ୟସ୍ତ ବିବ୍ରତ ହେଉଛନ୍ତି ଉର୍ମିଳା । ଯାଇ ହେଉନି କି ଅପେକ୍ଷା କରି ବି ହେଉନି । କରିବେ ତ କରିବେ କ'ଣ?

ଠିକ୍ ଏହି ସମୟରେ ଏଣ୍ଟ୍ରି ମାରିଲେ ସୌରଭ । ଗୋଟିଏ ହାତରେ ମୋବାଇଲ୍, ଆଉ ଗୋଟିଏ ହାତରେ ଖାଦ୍ୟ ପୁଡ଼ିଆ । ଉର୍ମିଳାଙ୍କ ପାଖରେ ପହଞ୍ଚିଲା ପରେ କହିଲେ, "ସରି ।"

ସୌରଭଙ୍କୁ ଦେଖିଲା ପରେ ଆଶ୍ୱସ୍ତ ହୋଇ ଛାତିରେ ହାତ ରଖି କହିଲେ, "ଥ୍ୟାଙ୍କ୍ ଗଡ୍ ।"

ଉର୍ମିଳାଙ୍କ ସାଇଡ୍‌ରେ ବସି ପଡ଼ିଲେ ସୌରଭ । ଉର୍ମିଳାଙ୍କ ଆଡ଼କୁ ଚାହିଁ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କ ଆଖିରୁ ଲୁହ ଝରୁଥିଲା ଏବଂ ମୁହଁରେ ହସ ବି ଥିଲା ।

ଉର୍ମିଳାଙ୍କ ଆଡ଼କୁ ଖାଦ୍ୟ ପୁଡ଼ିଆ ବଢ଼ାଇ କହିଲେ, "ନିଅ ତମର ପ୍ରିୟ ଚିଜ୍ ସାଣ୍ଡୱିଚ୍ । ସେ ପ୍ୟାକେଟରେ ରହିଛି ମିଲ୍‌କ ସେକ୍ ।"

ଉର୍ମିଳା ପ୍ରଶ୍ନ କରିବା ପୂର୍ବରୁ ସୌରଭ କହିଲେ, "ଟ୍ରାଫିକ୍‌ରେ ଫସି ଯାଇଥିଲି । ମୋବାଇଲ୍ ଉଠାଇ ପାରିଲି ନାହିଁ ।"

"ତମେ ଏବେ ବି ମୋ' ପ୍ରିୟ ଖାଦ୍ୟ କଥା ମନେ ରଖିଛ ", ପଚାରିଲେ ଉର୍ମିଳା ।

ଥରେ ଅଭ୍ୟାସ ହୋଇଗଲେ ଛାଡ଼ିବା ମୁସ୍କିଲ ହୋଇପଡ଼େ... ହଉ ଛାଡ଼ ସେ ପୁରୁଣା କଥା । ଏବେ ତମ ଖବର କ'ଣ କୁହ କେମିତି ଚାଲିଛି ତମର ସଂସାର ? ଏବେ ସବୁ ଠିକ୍‌ଠାକ୍ ତ ?

ସୌରଭଙ୍କ ମୁହଁରୁ ଏହି ପ୍ରଶ୍ନ ଶୁଣି ଦୀର୍ଘ ନିଶ୍ୱାସ ପକାଇ କହିଲେ ଉର୍ମିଳା- "ହଁ, ଚାଲିଛି... "

"ଏତେ ଦୀର୍ଘ ନିଶ୍ୱାସ କାହିଁକି? କୋଟିପତି ସ୍ୱାମୀ ପାଇଲ । ମହଲରେ ରହୁଛ । ଦାମିକିଆ କାରରେ ଯାଉଛ ! ପୁଣି ଅସୁବିଧା କ'ଣ?"

"ମୋ' କଥା ଛାଡ଼, ତମର କେମିତି ଚାଲିଛି କୁହ?" ପଚାରିଲେ ଉର୍ମିଳା । "ବାହାଘର ହେଲାଣି ନା ନାହିଁ?"

"କ'ଣ ଏଇ ପ୍ରଶ୍ନ ପାଇଁ ଏତେ ଦିନ ପରେ ମୋ କଥା ମନେପଡ଼ିଲା? କ'ଣ ଏଇଥିପାଇଁ ଡାକିଥିଲ?" ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ ସୌରଭ । "ନାହିଁ ଯେ, ମୁଁ ଏମିତି ପଚାରି ଦେଲି" । ଉର୍ମିଳାଙ୍କୁ ହଡ଼ବଡ଼େଇବା ଦେଖି ହସି ପକାଇଲେ ସୌରଭ "ବାହାଘର ! ନୋ ୱେ ମୋ ଜୀବନରେ ଆଉ ଜଣେ ଉର୍ମିଳା ଏବଂ ଉର୍ମିଳା ଜୀବନରେ ଆଉ ଜଣେ ଅମିତ ଆସୁ, ଏହା ମୁଁ ଚାହେଁ ନାହିଁ ।" ଗମ୍ଭୀର ସ୍ୱରରେ କହିଲେ ସୌରଭ ।

"ମୁଁ କଉ ଖୁସିରେ ଅଛି କି? ତମର ରୋଜଗାର କମ୍ ଥିଲା, କିନ୍ତୁ ଆମେ ଖୁସିରେ ଥିଲୁ । ସମୟ ତ ମିଳୁଥିଲା, ଗପସପ କରିବାକୁ । କିନ୍ତୁ ଦୁର୍ଭାଗ୍ୟ, ଷ୍ଟାଟସ୍ ମୋହରେ ପଡ଼ି ଅନ୍ଧ ହୋଇଯାଇଥିଲି" ନରମ ସ୍ୱରରେ ଉର୍ମିଳା ଆସ୍ତେ ଆସ୍ତେ ଏମିତି କହି ଚାଲିଥିବା ବେଳେ ସୌରଭ ପଚାରିଲେ, "କ'ଣ ଅମିତ ତମକୁ ସମୟ ଦେଉନି ?"

"ଗାଳି, ମାଡ଼ ଛଡ଼ା ଜୀବନରେ ଆଉ କ'ଣ ରହିଯାଇଛି କି..." କହୁ କହୁ ଚୁପ୍ ହୋଇଗଲେ ଉର୍ମିଳା ।


ଏହା ଶୁଣି ହତବାକ୍ ହୋଇଯାଇଥିଲେ ସୌରଭ କିଛି ସମୟ ପାଇଁ ଯେମିତି ପାର୍କରେ ଛାଇ ଯାଇଥିଲା ନିରବତା ପବନ ବନ୍ଦ ହୋଇଯାଇଥିଲା ଏବଂ ଗଛ ପତର ବି ହଲୁନଥିଲା । ସୌରଭ ଏବଂ ଉର୍ମିଳା ପରସ୍ପରକୁ ଚାହିଁ ରହିଲେ । ଆଖି ପତା ବି ପଡୁନଥିଲା । ଉର୍ମିଳାଙ୍କ ମନ ଭିତରେ କୋହ ଏବଂ ଆଖିରୁ ଠକ୍ ଠକ୍ ହୋଇ ଝରିପଡୁଥିଲା ଲୁହ ଟିକିଏ ଯଦି ସୁଯୋଗ ମିଳନ୍ତା, ସୌରଭ କାନ୍ଧରେ ମୁଣ୍ଡ ରଖି କାନ୍ଦି ପକାନ୍ତି । ଦୁଃଖକଷ୍ଟ ତ ଜୀବନ, କିନ୍ତୁ ମନ ହାଲୁକା ତ ହୋଇଯିବ । ଉର୍ମିଳା ମନ ଭିତରେ ଏମିତି ଭାବୁଥିବାବେଳେ ଲୁହ ଝରିବାରେ ଲାଗିଥିଲା ଆଉ ବରଦାସ୍ତ କରିପାରିଲେ ନାହିଁ ସୌରଭ । ଉର୍ମିଳାଙ୍କ ଆଖିରୁ ଲୁହ ପୋଛିବା ପାଇଁ ହାତ ଉପରକୁ ଉଠାଉ ଉଠାଉ ଅଟକିଗଲେ ସୌରଭ । ନିଜକୁ ସମ୍ଭାଳିବା ସ୍ଥିତିରେ ନଥିଲେ ଉର୍ମିଳା । ସେ ଦୁଇ ହାତ ମେଲାଇ ସୌରଭଙ୍କୁ ଧରିବାକୁ ଯାଉଥିବା ବେଳେ ତାଙ୍କୁ ଅଟକାଇଦେଲେ ସୌରଭ । "ଛୁଇଁବାର ଅଧିକାର ଆଉ ନାହିଁ । ଯେଉଁଦିନ ତମେ ମତେ ଡାଇଭର୍ସ କରି ଅମିତକୁ ବାହା ହେଲ, ସେହିଦିନ ଏହି ଅଧିକାର ତମେ ଛଡ଼ାଇ ନେଇଛ ।"

ସୌରଭଙ୍କ ଏହି କଥା ଶୁଣି ଭୋ ଭୋ ହୋଇ କାନ୍ଦି ପକାଇଲେ ଉର୍ମିଳା, କହିଲେ "ମୁଁ ପଶ୍ଚାତାପ କରିବାକୁ ଚାହୁଁଛି ଆଉ ସେ ପଶ୍ଚାତାପର କୌଣସି ମୂଲ୍ୟ ନାହିଁ, ଆଉ ଗୋଟିଏ ଘର, ଆଉ ଗୋଟିଏ ପରିବାର ଭାଙ୍ଗ ନାହିଁ ଲିଭ୍ ମି ଏଲୋନ୍ ।" ପ୍ଲିଜ୍ ହାତଯୋଡ଼ି ଏମିତି କହୁଥିବା ବେଳେ ନିଜ କୋହକୁ ମଧ୍ୟ ସମ୍ଭାଳି ପାରି ନଥିଲେ ସୌରଭ ।■

## ପୁସ୍ତକ ପରିଚୟ

### ହୀରାକୁଦ ବନ୍ଧ କହେ

**କବିତା ବାରିକ**




ପେନ୍ ଇନ୍ ବୁକ୍ସ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୧୯ ଟଙ୍କା

ଭିଟାମାଟିର ମୋହ ସର୍ବଦା ମଣିଷକୁ ବାନ୍ଧି ରଖେ । କିନ୍ତୁ ବେଳେ ବେଳେ ସମୟର କ୍ରୂର ପରିହାସରେ ଛାଡ଼ିବାକୁ ପଡ଼ିଥାଏ ନିଜ ପ୍ରିୟ ଜନ୍ମମାଟିକୁ । ହୀରାକୁଦ ବହୁମୁଖୀ ନଦୀ ବନ୍ଧ ଯୋଜନା ଯୋଗୁଁ ହଜାର ହଜାର ଲୋକ ବିସ୍ଥାପିତ ହୋଇଥିଲେ । ହୀରାକୁଦ ବନ୍ଧ ନିର୍ମାଣ ଜନିତ ବିସ୍ଥାପନ ସମସ୍ୟା ଓ ବିସ୍ଥାପିତଙ୍କ କରୁଣ କାହାଣୀକୁ ନେଇ ପ୍ରକାଶ ପାଇଛି କବିତା ବାରିକଙ୍କ 'ହୀରାକୁଦ ବନ୍ଧ କହେ' ଉପନ୍ୟାସ । ଏହା ଏକ ତଥ୍ୟ ଭିତ୍ତିକ ଉପନ୍ୟାସ । ହୀରାକୁଦ ବନ୍ଧ ନିର୍ମାଣର ଇତିହାସ, ବନ୍ଧ ନିର୍ମାଣ ପଛର ନିଷ୍ଠୁର ବାସ୍ତବତା, ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ଖବର, ହୀରାକୁଦ ବନ୍ଧର ଉପକାରିତା, ବିସ୍ଥାପିତଙ୍କ ଭାଗ୍ୟ, ବିସ୍ଥାପିତଙ୍କ ମତମନ୍ତବ୍ୟ ଆଦିକୁ ନେଇ ଏହି ଉପନ୍ୟାଟି ରଚିତ । ଉପନ୍ୟାସଟିକୁ ୧୦ ଭାଗରେ ବିଭକ୍ତ କରାଯାଇଛି । ହଜାର ହଜାର ଲୋକଙ୍କ ତ୍ୟାଗ, ବଳିଦାନ, ଉଚ୍ଛେଦ ସମୟର ନିର୍ଯାତନା, ବିସ୍ଥାପିତଙ୍କ ଜୀବନର କାରୁଣ୍ୟ, ଅସହାୟତା, ବିସ୍ଥାପିତଙ୍କ ପ୍ରତି ପ୍ରଶାସନିକ ଉଦାସୀନତାର ଚିତ୍ର ଅତି ମାର୍ମିକ ଭାବେ ଚିତ୍ରିତ ହୋଇଛି ଏହି ଉପନ୍ୟାସରେ । 'ହୀରାକୁଦ ବନ୍ଧ କହେ' ଉପନ୍ୟାସଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ପ୍ରତ୍ୟୟର ପ୍ରତିଶ୍ରୁତି

**ସୁଶାନ୍ତ କୁମାର ନାୟକ**





ଅପୂର୍ବା
ଖାରବେଳ ନଗର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୫୦ ଟଙ୍କା

"ସମୟର ପ୍ରତି ପାହାଚରେ/ ଅନାଗତ ମୁହୂର୍ତ୍ତମାନଙ୍କୁ ଅପେକ୍ଷା କରି/ ଝୁଣ୍ଟୁଥାଏ ଜୀବନ ।" (ଭଗ୍ନସ୍ତୂପ) ସତରେ ସମୟ ଛାଡ଼ିଯାଏ ସ୍ମୃତିର ଛାପ । ଆଉ ଅତୀତର ଭଗ୍ନସ୍ତୂପରୁ ମଣିଷ ଖୋଜୁଥାଏ ଜୀବନ । ସମୟ ସହିତ ବଦଳି ଯାଏ ମଣିଷର ଚରିତ୍ର । ମଣିଷ ଜୀବନ, ସମୟ, ସ୍ମୃତି କଳାତ୍ମକ ଭାବେ ଫୁଟି ଉଠିଛି ସୁଶାନ୍ତ କୁମାର ନାୟକଙ୍କ 'ପ୍ରତ୍ୟୟର ପ୍ରତିଶ୍ରୁତି' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ସଂକଳିତ 'ପ୍ରଥମ ଆଲୁଅ', 'ଭଗ୍ନସ୍ତୂପ', 'ପରିତାପର ଚେହେରା', 'ସ୍ୱପ୍ନଭିଜା ସକାଳ', 'ମେଘ', 'ମରଣର ପିଲାଦିନ', 'ସ୍ମୃତିର ଲୁଚକାଳି ଖେଳ', 'କଳ୍ପନାର ଅବୟବ', 'ଶେଷ ସମୟ', 'ରହସ୍ୟମୟ ଛାଇ', 'ପ୍ରତ୍ୟାବର୍ତ୍ତନ', 'ମୃତ୍ୟୁର ମୁହଁ', 'ପ୍ରତ୍ୟୟର ପ୍ରତିଶ୍ରୁତି', 'ଅଭିଶପ୍ତ ଜୀବନ' ଆଦି କବିତାଗୁଡ଼ିକରେ ସାଂପ୍ରତିକ ସମୟର ଛାପ ଅତ୍ୟନ୍ତ ବଳିଷ୍ଠ ଭାବେ ପ୍ରସ୍ଫୁଟିତ ହୋଇଛି । ମଣିଷ ଅସୁମାରି ସ୍ୱପ୍ନ, ଆଶା, ଆକାଂକ୍ଷା, ମାନବୀୟ ଆବେଗ, ସାମାଜିକ ବାସ୍ତବତାକୁ କବି ଅତି ମାର୍ମିକ ଭାବେ ଅନେକ କବିତାରେ ରୂପାୟିତ କରିଛନ୍ତି । 'ପ୍ରତ୍ୟୟର ପ୍ରତିଶ୍ରୁତି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ବାଲିଘର

**ପ୍ରତିଭା ପରିଡ଼ା**




ବିଦ୍ୟା ପବ୍ଲିଶିଙ୍ଗ୍ ଇଙ୍କ୍
ପଟିଆ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୦୦ ଟଙ୍କା

"ସଂପର୍କ ଆଉ ମମତା ତ ଜୀବନର ପରମାର୍ଥ । ଆଉ ଏଇଥିପାଇଁ ହିଁ ଜୀବନ କେବଳ ମିଥ୍ୟାମାୟାର ବନ୍ଧନ ନୁହେଁ । ସବୁରି ଊର୍ଦ୍ଧ୍ୱରେ ସେଇ ବନ୍ଧନ ତ ମହାସତ୍ୟ ।" (ବାଲିଘର- ପୃଷ୍ଠା-୧୦୮) ମାନବୀୟ ସମ୍ବନ୍ଧ, ସ୍ନେହ, ପ୍ରେମ, ମମତାରେ ବନ୍ଧା ମଣିଷ ଜୀବନ । ପରିବାର ସଦସ୍ୟଙ୍କ ଭିତରେ ରାଗ, ଅଭିମାନ, ମତାନ୍ତର ଭିତରେ ମଧ୍ୟ ସଂପର୍କର ସେତୁ ନିବିଡ଼ ହୋଇଥାଏ । ଏମିତି ଏକ ପାରିବାରିକ ସଂପର୍କକୁ ନେଇ ପ୍ରତିଭା ପରିଡ଼ାଙ୍କ 'ବାଲିଘର' ଉପନ୍ୟାସର କାହାଣୀ ଗତିଶୀଳ । ଗୋଟିଏ ମଧ୍ୟବିତ୍ତ ପରିବାରର ସୁଖ, ଦୁଃଖ, ସଂଘର୍ଷମୟ ଚିତ୍ର ଅତି ମାର୍ମିକ ଭାବେ ଫୁଟି ଉଠିଛି ଏହି ଉପନ୍ୟାସର ଛତ୍ରେଛତ୍ରେ । ଦିନରାତି ଗ୍ଲାନି, ସନ୍ତାପରେ ଜୀବନ ଜୀଉଁଥିବା 'ବାପା' ଚରିତ୍ରକୁ ଅତି ବଳିଷ୍ଠ ଭାବେ 'ବାଲିଘର' ଉପନ୍ୟାସରେ ଚିତ୍ରଣ କରାଯାଇଛି । ବିଟୁ, ଶିଲା ଆଦି ଚରିତ୍ର କାହାଣୀରେ ଅଧିକ ଉତ୍କଣ୍ଠା ଭରିଦେଇଛନ୍ତି । ମଣିଷ ଜୀବନର ଲୁହ, କୋହ, ଆବେଗକୁ ନେଇ ଗତିଶୀଳ ଏହି ଉପନ୍ୟାସର କାହାଣୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ଜନ୍ତର ମନ୍ତର



ଅମିୟ ରଞ୍ଜନ ମହାପାତ୍ର

ଗଛର ଗଭାରେ ଫୁଲ ଫୁଟିବାର
ସବୁ ସମ୍ଭାବନା ସଜେଇଦେଇ ଆସିଥିଲି
ନେଇଛ କି ?
କାକରଗାଧୁଆ ଘାସମାନଙ୍କୁ ଦଳି
ଅଙ୍କା ହୋଇଛି ତମ ପାଦଚିହ୍ନ

ପାହାଡ଼ ଓ ପାହାଡ଼ର ବାହୁବନ୍ଧନ ମଝିରେ
ଥୋଇଦେଇ ଆସିଥିଲି ଉଦିତ ସୂର୍ଯ୍ୟର ଚିତ୍ର
ନେଇଆସିଛ କି ?
ଢେଲାପଥର ମାଡ଼ରେ ଭାଙ୍ଗିଯାଇଥିବା ବତୀଖୁଣ୍ଟ
ଆଲୁଅର ରକ୍ତ ଶୁଖି ପାଲଟିଗଲାଣି ଅନ୍ଧାର

ଜହ୍ନର ଜଉମୁଦ ଦେଇ ଆକାଶର ଲଫାପାରେ
ଲେଖିଦେଇ ଆସିଥିଲି ପୂନେଇଁଟେ
ଧୂମକେତୁର ଲାଞ୍ଜରୁ ନିଆଁ ଢାଳିଦେଲ କି ?
ଡାକବାଲା ଫେରେଇଦେଇ ଗଲା
ଜଳି ଜଳି କୋଇଲା ପାଲଟି ଯାଇଥିବା
ଅମାବାସ୍ୟା ରଙ୍ଗର ବେରିଙ୍ଗ୍ ଚିଠି

ରାସ୍ତାକଡ଼ରେ ଯେତେ ହୋର୍ଡିଂ,
ଛପାହୋଇଛି ଅରଣ୍ୟ ଓ ଅଳନ୍ଧୁର ବର୍ତ୍ତମାନ
ତମେ ଅସରପାମାନଙ୍କୁ ଡାକିଥିଲ କି ?
ଦେଶ ବିରୋଧୀମାନଙ୍କ ହାତରୁ
ଅଇଁଠା ପଡ଼ିଛି ଚାରିଆଡ଼େ


ପିଲାଙ୍କ ବିରୋଧ ଶୋଭାଯାତ୍ରାରେ ପିଲାଏ ନାହାନ୍ତି
ଶବ୍ଦମାନେ ପାଲଟି ଯାଇଛନ୍ତି ଗାଳିଗୁଲଜ
ଛଦ୍ମବେଶରେ ଗର୍ଜୁଛି ସ୍ଲୋଗାନ୍
ଦୃଶ୍ୟମାନଙ୍କ ପ୍ରତି ଲୋମକୂପରେ ହିଂସ୍ରତା
ବାଟଟିଏ ଝୁଣ୍ଟୁଛି ଓ ରକ୍ତାକ୍ତ ହେଉଛି ବାଟସାରା

ଆଉ ଏକ ପୃଥିବୀର ଅନ୍ୟ ଏକ ଆରମ୍ଭ ପାଇଁ
ଇନ୍ଦ୍ରପ୍ରସ୍ଥରୁ ଖାଣ୍ଡବବନ ଯିବା କ'ଣ ନିହାତି ଜରୁରି...? ■

କଳାମଣ୍ଡପ ରାସ୍ତା, ପିଠାପୁର, କଟକ - ୧
ମୋ: ୯୪୩୭୦୨୭୫୭୦



## ଭାବବୋଧ





ଡ. ଅଭୟ ନାରାୟଣ ନାୟକ

ଚକିତ କରେ
ଏତେସବୁ ଅଘଟଣ
ବିବ୍ରତ କରେ କ୍ଷଣ କ୍ଷଣ
ଏ ସଂସାରର ଯେତେକ ରକ୍ତାକ୍ତ କଷଣ
ଏମିତି ଗୋଟାଏ ଜ୍ୱଳନ୍ତ ସହରରେ
ପୋଡ଼ି ଯାଇଥିବା ବସ୍ତି
ଉଜୁଡ଼ି ଯାଇଥିବା ଗାଁ
ଜୁଆର ଭସାଇ ନେଇଥିବା ବସତି
ବର୍ଷାପାଣିରେ ଭାଙ୍ଗିଯାଇଥିବା ମାଟିକାନ୍ଥ
ପବନରେ ଉଡ଼ାଇ ନେଇଥିବା ଟିଣ ଛାତ
ମତେ ପଚାରେ ବାରମ୍ବାର
ଏ ଦୁର୍ଘଟଣା ନା ଘଟଣାର ପ୍ରବାହ
ଏତିକିରେ ବି ଅଟକେ ନାହିଁ
ମୋର ଦରବାରି ପ୍ରଶାସନର
ସଜ ପରମ୍ପରା
ଭାଙ୍ଗେ ସାତ ସପନ
ଭାଙ୍ଗେ ସତ ସପନ
ଲୋଟି ପଡ଼େ ଅସ୍ମିତାର ସୌଧ
ଖୁବ୍ ବିବ୍ରତ ଲାଗେ
ଖୁବ୍ ଅସହାୟ ଲାଗେ ଏ ସକାଳ
କେହି ଜଣେ କହେ
ଏ ସୂର୍ଯ୍ୟ, ଏ ଇନ୍ଦ୍ରଧନୁ, ଏ ଆଲୋକ
ଏ ନଗର, ଏ ଅନ୍ଧାର
ସବୁତ କ୍ଷଣିକର

କ୍ଷଣସ୍ଥାୟୀ ପବନର ଚିତ୍ରିତ ସ୍ୱର
ତଥାପି କାହିଁକି କେଜାଣେ
ଭଲଲାଗେ
ସବୁ ଦୁର୍ଘଟଣା ଭିତରେ
ଦେଖିବାକୁ ସାକାର ସ୍ୱପ୍ନର
ଏକ ଅର୍ଥବୋଧ ସଂସାର
ସଂସାରରେ ଲୋଡ଼ୁଥିବା ଜୀବନ
ହେଉ ଅବା ଈଶ୍ୱରଙ୍କର
ଅଣ-ଈଶ୍ୱର ନିର୍ମିତ
ମଣିଷର ଅଣ-ଈଶ୍ୱର । ■

ଯୁଗ୍ମ ନିର୍ଦ୍ଦେଶକ
ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା
ୟୁନିଟ- ୯ , ଜନପଥ, ଭୁବନେଶ୍ୱର-୨୨
ମୋ. ୯୪୩୭୮ ୯୨୫୪୦

## ଗଙ୍ଗାଧରଙ୍କ 'ତପସ୍ୱିନୀ'ରେ କାରୁଣ୍ୟ



ଡକ୍ଟର ଅଭିମନ୍ୟୁ ବରାଳ

ଭଞ୍ଜ ଯୁଗର ଅବସାନ ପରେ ଉତ୍କଳ ସାହିତ୍ୟ ଗଗନରେ ଯେଉଁ କେତୋଟି ଉଜ୍ଜ୍ୱଳ ଜ୍ୟୋତିଷ୍କର ଅଭ୍ୟୁଦୟ ଘଟିଥିଲା, ତନ୍ମଧ୍ୟରୁ ସ୍ୱଭାବ କବି ଗଙ୍ଗାଧର ମେହେର ଅନ୍ୟତମ । ତତ୍କାଳୀନ ସମ୍ବଲପୁର ଜିଲ୍ଲାର ବରପାଲି ନାମକ ଅଖ୍ୟାତ ପଲ୍ଲୀରେ ଏହି ବିଖ୍ୟାତ କବି ଜନ୍ମ ଗ୍ରହଣ କରିଥିଲେ । ୯ ଅଗଷ୍ଟ ୧୮୬୨ ମସିହା ଶ୍ରାବଣ ପୂର୍ଣ୍ଣିମା ତିଥିରେ ପିତା ଚୈତନ୍ୟ ଓ ମାତା ସେବତୀଙ୍କ କୋଳ ମଣ୍ଡନ କରି ଗଙ୍ଗାଧର ଭୂମିଷ୍ଠ ହୋଇଥିଲେ ଏକ ଗରିବ ବୁଣାକାର ପରିବାରରେ । ବାଲ୍ୟକାଳରୁ ଦାରିଦ୍ର୍ୟର କଷାଘାତ ସହ୍ୟ କରିଥିଲେ ଗଙ୍ଗାଧର । ତତ୍କାଳୀନ ସମୟରେ ଗ୍ରାମ୍ୟ ଶିକ୍ଷାନୁଷ୍ଠାନରୁ ଭର୍ଣ୍ଣାକୁଲରେ ଉତ୍ତୀର୍ଣ୍ଣ ହୋଇଥିଲେ । ଅଧିକ ପଢ଼ିବାର ଆର୍ଥିକ କ୍ଷମତା ତାଙ୍କର ନଥିଲା । ଲୁଗାବୁଣାରେ ପିତାଙ୍କୁ ସାହାଯ୍ୟ କରିବା ସହିତ ପରିବାର ପୋଷଣ କରୁଥିଲେ । ନିଜ ସଂପର୍କରେ କବି କହିଛନ୍ତି:-

ଦରିଦ୍ରତା -ପଙ୍କ-ପୂର୍ଣ୍ଣ ମୋ' ଜୀବନ-ସର
ଜଞ୍ଜାଳ - ଜଳଦ-ଜଳେ- ଆବିଳ ଉଦର ।
(ତପସ୍ୱିନୀ-୧ମ ସର୍ଗ)

ଆଧୁନିକ ଶିକ୍ଷା ଲାଭ କରି ନଥିଲେ ମଧ୍ୟ ସେ ନିଜର ସାଧନା ବଳରେ ଓଡ଼ିଆ ପ୍ରାଚୀନ ସାହିତ୍ୟ, ବିଶେଷତଃ ଭଞ୍ଜ ସାହିତ୍ୟ ତଥା ସଂସ୍କୃତ କାବ୍ୟରାଜି, ପୁରାଣ ଆଦି ଅଧ୍ୟୟନ କରିଥିଲେ । ତାଙ୍କ ରଚିତ 'ତପସ୍ୱିନୀ', 'ପ୍ରଣୟ-ବଲ୍ଲରୀ', 'କୀଚକ ବଧ', 'ଇନ୍ଦୁମତୀ', 'ଉତ୍କଳଲକ୍ଷ୍ମୀ', 'ଅର୍ଘ୍ୟଥାଳୀ' ଆଦି କାବ୍ୟକବିତା ପୁସ୍ତକ ଉତ୍କଳ ସାହିତ୍ୟ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି । ତାଙ୍କ ରଚିତ ଲୋକପ୍ରିୟ କାବ୍ୟ 'ତପସ୍ୱିନୀ' କେବଳ ଓଡ଼ିଆ ସାହିତ୍ୟ କାହିଁକି, ସମଗ୍ର ଭାରତୀୟ ସାହିତ୍ୟରେ ମଧ୍ୟ ବିରଳ । ରାମାୟଣ କଥାବସ୍ତୁ ଉପରେ ଏହି କାବ୍ୟଟି ଆଧାରିତ ହେଲେ ମଧ୍ୟ ଏଥିରେ କବିଙ୍କର ମୌଳିକତା ବେଶ୍ ପ୍ରତିଭାତ ।

'ତପସ୍ୱିନୀ' କାବ୍ୟରେ ଗଙ୍ଗାଧରଙ୍କ ଚରିତ୍ର ଚିତ୍ରଣ ଅନନ୍ୟ ଓ ଅସାଧାରଣ । ନିର୍ବାସିତ ସୀତାଙ୍କର ବାଲ୍ମୀକି ତପୋବନରେ କାଳାତିପାତ କରିବା, ସେହିଠାରେ ତାଙ୍କର ମାନସିକ ଅବସ୍ଥାରେ ଯେଉଁ ଚିତ୍ର ଦେଇଛନ୍ତି, ତାହା କେଉଁ ରାମାୟଣରେ ମିଳିବ? ଏଥିପାଇଁ କବି ମୂଳ 'ରାମାୟଣ', 'ଉତ୍ତର ରାମଚରିତ', 'ରଘୁବଂଶ' ପ୍ରଭୃତି ସଂସ୍କୃତ ଗ୍ରନ୍ଥ ସହିତ ଓଡ଼ିଆ 'ବୈଦେହୀଶ ବିଳାସ'କୁ ଭଲ ଭାବେ ଅଧ୍ୟୟନ ତଥା ମନନ କରିଛନ୍ତି । 'ତପସ୍ୱିନୀ'ରେ କବିଙ୍କର ମୌଳିକତା ତଥା ସ୍ୱାତନ୍ତ୍ର୍ୟ ବେଶ୍ ପ୍ରତିଫଳିତ ।

ସଂସ୍କୃତ କବି ଭବଭୂତିଙ୍କର 'ଉତ୍ତର ରାମଚରିତ' ପରି ପ୍ରେମର ଚିତ୍ରରେ ସଂଭୋଗ ଶୃଙ୍ଗାର ଅପେକ୍ଷା ବିପ୍ରଲମ୍ଭ ଶୃଙ୍ଗାର ତାଙ୍କ କାବ୍ୟର ମୁଖ୍ୟ ସ୍ଥାନ ଅଧିକାର କରିଛି । ବିପ୍ରଲମ୍ଭ ନାୟକ ନାୟିକାଙ୍କର ନିବିଡ଼ ହୃଦୟାକର୍ଷଣ ମଧ୍ୟରେ ସେମାନଙ୍କର ଗଭୀର ମାନସଲୋକର ଯେଉଁ ଶାଶ୍ୱତ ଆଲୋଡ଼ନ ସେ ସୃଷ୍ଟି କରିଛନ୍ତି, ସେଥିରେ ପ୍ରଣୟୀ ଓ ପ୍ରଣୟିନୀଙ୍କର ଚାରିତ୍ରିକ ସୁଷମା ଶତବର୍ଣ୍ଣରେ ଉଦ୍‌ଭାସିତ ହୋଇଉଠିଛି । 'ତପସ୍ୱିନୀ'ରେ ରାମ ଓ ସୀତାଙ୍କ ପ୍ରଣୟ ବର୍ଣ୍ଣନା ମେହେରଙ୍କ ସାରସ୍ୱତ ପ୍ରେମ ଓ ସୌନ୍ଦର୍ଯ୍ୟର ଅପୂର୍ବ ଚିତ୍ର ପ୍ରତିଫଳିତ । ବିଚ୍ଛେଦାଗ୍ନି ଦଗ୍ଧ ରାମ ଓ ସୀତାଙ୍କର କରୁଣ ମୂର୍ତ୍ତି କାହା ଚିତ୍ତର କାରୁଣ୍ୟର ତରଙ୍ଗ ସୃଷ୍ଟି ନ କରିବ? ସୀତା ଭାଗିରଥୀ ତୀର କାନନରେ ପରିତ୍ୟକ୍ତା ହୋଇ ବିଳାପ କରିବାର ଦୃଶ୍ୟକୁ ଗଙ୍ଗାଧର ହୃଦୟସ୍ପର୍ଶୀ ଭାବରେ ପ୍ରକାଶ କରିଛନ୍ତି:-

ବୋଲୁଥାନ୍ତି ସେ ଦୁଃଖିନୀ: "ହା ହା ପ୍ରାଣେଶ୍ୱର!
କରୁଣା-ସରିତ-ପତି, ସ୍ନେହ- ଜଳଧର ।
କି କୁଲଗ୍ନେ ଧରିଥିଲ ଅଭାଗିନୀ କର,
ତା' ଲାଗି ଆଳୟ ହେଲ ଦାରୁଣ ଦୁଃଖର ।
X X X X
କୀର୍ତ୍ତି- ଅନୁରୋଧେ ସିନା କଲ ମୋତେ ତ୍ୟାଗ,
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ!
ଏହି କୀର୍ତ୍ତି-ପତାକାରେ ପାପିନୀର ଚିତ୍ର,
ରହିଯିବ, ଏହା କିନ୍ତୁ ବିଷମ ବିଚିତ୍ର!
ଧିକ ମୋ ଜୀବନ ନାଥ! ଏକା ମୋହଲାଗି,
ଅକଳଙ୍କ ଥାଇ ହେଲ ଅପଯଶ-ଭାଗୀ ।
ତୁମ୍ଭ ଶ୍ରୀଚରଣ ତେଜି କାହିଁରେ ରହିବି?
ଅନଳ ନ ଦହେ ତନୁ; କାହିଁରେ ଦହିବି !"
(ତପସ୍ୱିନୀ, ୧ମ ସର୍ଗ)

ଅଗ୍ନି ପରୀକ୍ଷାର ଅବ୍ୟବହିତ ପୂର୍ବର ଅଗ୍ନିଦେବଙ୍କୁ ସମ୍ବୋଧନ କରି ଜାନକୀ ମହାରାଣୀ ଯେଉଁ ଅପୂର୍ବ ମର୍ମସ୍ପର୍ଶ ତଥା କାରୁଣ୍ୟଭରା ବାଣୀ ଉଚ୍ଚାରଣ କରିଛନ୍ତି ତାହା ଅତ୍ୟନ୍ତ ହୃଦୟଗ୍ରାହୀ ହୋଇଛି ।

"ଜୀବନେ ନ ପାରିଲେ ମୋତେ ମରଣେ,
ସେବିକା କରିଦେବ ପ୍ରଭୁ ଚରଣେ ହେ ।
ମୋ ତନୁ ଦଗ୍ଧ ହେଲେ ହେବତ ଖାର,
ତାହାକୁ କରାଇବ ପାଦପେ ସାର,
ସେ ତରୁକାଷ୍ଠ ନେଇ ବର୍ଦ୍ଧକୀ ହସ୍ତେ,
କରାଇ ଦେବ ପ୍ରଭୁ ପାଦୁକା ମୋତେ ହେ ।"

'ତପସ୍ୱିନୀ'ରେ ସୀତା କେବଳ ବନବାସିନୀ ନୁହଁନ୍ତି, ସେ ଏଠାରେ ବାସ୍ତବରେ ତପସ୍ୱିନୀ । ତପୋବନର ପୂତ ସାତ୍ତ୍ୱିକ ପରିବେଶରେ ସନ୍ୟାସିନୀ ବା ତପସ୍ୱିନୀ ସୁଲଭ ସଂଯମ, ନିଷ୍ଠା, ସହିଷ୍ଣୁତା, ଚିତ୍ତର ଆଧ୍ୟାତ୍ମିକ ଶାନ୍ତି ଓ ନିଷ୍କପଟତା ପ୍ରଭୃତି ସ୍ୱର୍ଗୀୟକୁ ଗୁଣରାଜିର ଆଚରଣରେ ସେ ନିଜର ବନବାସକୁ ପତି-ମଙ୍ଗଳ ସାଧିନୀ ତପସ୍ୟାରେ ପରିଣତ କରି ତପସ୍ୟାର ସିଦ୍ଧି ସ୍ୱରୂପ ନିଜର ସ୍ୱର୍ଗୀୟ ପ୍ରେମ ଓ ପତିବ୍ରତାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ନିର୍ବାସନକୁ ତପସ୍ୟା ଓ ସୀତାଙ୍କୁ ତପସ୍ୱିନୀ ଭାବରେ ଚିତ୍ରଣ କରିବାରେ ଗଙ୍ଗାଧରଙ୍କ ଅପୂର୍ବ ସୌନ୍ଦର୍ଯ୍ୟବୋଧ ଓ ସଂସ୍କାରମୟ ପୁରୁଷର ଅପୂର୍ବ ଅଭିବ୍ୟକ୍ତି ଘଟିଛି ।

ପୁନଶ୍ଚ ସ୍ୱଭାବ କବିଙ୍କ ମାନସଲୋକର ଆଦର୍ଶ ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ଚରିତ୍ର ଅନୁଧ୍ୟାନ କଲେ ଜଣାଯାଏ, କର୍ତ୍ତବ୍ୟାନୁରୋଧରେ ରାମଚନ୍ଦ୍ର ସୀତାଙ୍କୁ ନିର୍ବାସିତ କଲେ ମଧ୍ୟ ଦୁଃସହ ବିଚ୍ଛେଦ ବେଦନାରେ ଜର୍ଜରିତ ହୋଇ ତାଙ୍କ ପ୍ରାଣପକ୍ଷୀ କୁରରୀ ଭଳି କ୍ରନ୍ଦନ କରି ଉଠିଛି । ରାଜାର କଠୋର ରାଜଧର୍ମ ପତ୍ନୀ ପ୍ରେମର ସଂଘର୍ଷରେ କ୍ଷତବିକ୍ଷତ ରାମଚନ୍ଦ୍ରଙ୍କ ହୃଦୟ କି ସାନ୍ତ୍ୱନାର ଭରସା ପୋଷଣ କରିଛି ।

"ମିଥ୍ୟା କଥା ଯେବେ ପ୍ରଜାଏ କହିବେ
ମେଳ ହୋଇ ଶତ ଶତ,
ମିଥ୍ୟା ଜାଣି ଜାଣି ତାଙ୍କୁ ମାନି ମାନି
ବୋଲାଯାଏ ସତ ସତ ।" (ତପସ୍ୱିନୀ, ତୃତୀୟ ସର୍ଗ)

ପ୍ରକୃତି ରଞ୍ଜନ ପାଇଁ ରାମଚନ୍ଦ୍ର ବାଧ୍ୟ ହୋଇ ସୀତାଙ୍କୁ ବନକୁ ପ୍ରେରଣ କରିଛନ୍ତି । ନଚେତ୍ ରାଜ୍ୟରେ ବ୍ୟଭିଚାର ବ୍ୟାପି ଯିବ, ପୁନଶ୍ଚ କହିଛନ୍ତି –

'ହୃଦ ପଛେ ଜ୍ୱଳେ ବିଦ୍ୟୁତ୍- ଅନଳେ
ଜଳଦାନେ ଘନ ବାଧ୍ୟ,
ସୁଖ ତେଜିରାଜା ତୋଷିବ ପରଜା
ତେବେ ତ ପରମାରାଧ ।" (ତପସ୍ୱିନୀ, ତୃତୀୟ ସର୍ଗ)

ରାମଚନ୍ଦ୍ରଙ୍କ ମନସ୍ତତ୍ତ୍ୱକୁ କବି ଗଙ୍ଗାଧର 'ତପସ୍ୱିନୀ'ର ତୃତୀୟ ସର୍ଗରେ ଅତ୍ୟନ୍ତ କମନୀୟ ଭାବରେ ବର୍ଣ୍ଣନା କରିଛନ୍ତି । ଗଙ୍ଗାଧରଙ୍କ 'ତପସ୍ୱିନୀ'ର କାବ୍ୟରେ କାରୁଣ୍ୟ ଚିତ୍ର ଅତ୍ୟନ୍ତ ମର୍ମଭେଦୀ ଭାବେ ପ୍ରତିଫଳିତ ହୋଇଛି ।

ଗଙ୍ଗାଧରଙ୍କ 'ପ୍ରଣୟ ବଲ୍ଲରୀ', 'କୀଚକ ବଧ', 'ଇନ୍ଦୁମତୀ' ପ୍ରଭୃତି କାବ୍ୟକୁ ଦେଖିଲେ ଅନୁମିତ ହୁଏ ଯେ, ଏକ ମଧୁମୟ ଭାବ ସ୍ରୋତ ତହିଁରେ ପ୍ରବାହିତ । ବ୍ୟାସକବି ଫକୀର ମୋହନ 'ଉତ୍କଳ ଭ୍ରମଣ'ରେ କହିଛନ୍ତି-

"ବରପାଲୀ ଦେଶେ ଅଛି ଗଙ୍ଗାଧର ମେହେର,
ତାହାଙ୍କ କବିତା ପଢ଼ିଲାଣି ଢେର ଢ଼େର ।
କବିତାଗୁଡ଼ିକ ପଢ଼ି ମନ ମାନି ଯାଏ,
ଆଉ ସେ ଲେଖିବ କିଛି ବାଟ ଚାହିଁଥାଏ ।"

ଉପରୋକ୍ତ ସ୍ୱଭାବ ସୁଲଭ ସରଳ ରୀତିରେ କବି ଗଙ୍ଗାଧର ଓ ତାଙ୍କ କବିତା ସମ୍ପର୍କରେ ଏହିପରି ଅପ୍ରକଟ ପ୍ରଶସ୍ତି ଉଲ୍ଲେଖ କରି ଯାଇଛନ୍ତି । ବାସ୍ତବିକ ଗଙ୍ଗାଧରଙ୍କ କବି ପ୍ରତିଭା ଯେ ଅତି ଉଚ୍ଚକୋଟୀର ଓ ତାଙ୍କ କାବ୍ୟକବିତା-ସମୂହ ଯେ ଓଡ଼ିଆ ପଦ୍ୟ ସାହିତ୍ୟକୁ ସୁସମୃଦ୍ଧି ଓ ଗୌରବାନ୍ୱିତ କରିଛି, ଏକଥା କହିବା ନିଷ୍ପ୍ରୟୋଜନ । ପଲ୍ଲୀକବି ନନ୍ଦକିଶୋର ବଳ ଯଥାର୍ଥରେ କହିଛନ୍ତି –

"କିନ୍ତୁ ତୁମେ ଦୀନକବି ରହିବ ଜୀବିତ,
ଯେତେ ଦିନ ଥିବ ଭବେ ଓଡ଼ିଆ ସାହିତ୍ୟ ।" ■

ବର୍ଷଣା ବିହାର
ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

# ଚିନିର ଅହେତୁକ ଦରବୃଦ୍ଧି ପାଇଁ ଡବଲ ଇଞ୍ଜିନ ସରକାର ଦାୟୀ: ବିଜେଡି

- ଓଡ଼ିଶାରେ ଚିନିର ଦର ଦେଶରେ ସର୍ବାଧିକ
- ଇଥାନଲ ଉତ୍ପାଦନ ବୃଦ୍ଧି ପରେ ଚିନି ଅଭାବ
- ଦ୍ୱିତୀୟ ସର୍ବବୃହତ୍ତ ରପ୍ତାନିକାରୀ ଥିଲା ଭାରତ
- ଚଳିତବର୍ଷ ଚିନି ବିଦେଶରୁ ଆମଦାନୀ କରିବ

ଭୁବନେଶ୍ୱର,୨୨।୮ (ସମିସ): ଦେଶରେ ଅତ୍ୟାବଶକ ସାମଗ୍ରୀର ଦର ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଦେଶରେ ଅନ୍ୟ ସମସ୍ତ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ଚିନିର ଦର ସର୍ବାଧିକ ହୋଇଥିବାରୁ ବିଜୁ ଜନତା ଦଳ ଏଥିପାଇଁ ଡବଲ ଇଞ୍ଜିନ ସରକାରଙ୍କୁ ଦାୟୀ କରିଛି। ପାର୍ବଣ ଋତୁ ଆଗମନର ଠିକ୍ ପୂର୍ବରୁ ଚିନିର ଦରବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି ବୋଲି ବିଜେଡି କହିଛି।

ଶନିବାର ବିଜୁ ଜନତା ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଚିନି ଭଳି ଏକ ନିତ୍ୟ ଆବଶ୍ୟକ ସାମଗ୍ରୀର ଦରବୃଦ୍ଧି ସମସ୍ତଙ୍କୁ ବ୍ୟଥିତ କରିଛି। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାପଡିଛି ଯେ ଦେଶର ସମସ୍ତ ରାଜ୍ୟମାନଙ୍କ ଭିତରେ ଚିନିର ଦର ଓଡ଼ିଶାରେ ସର୍ବାଧିକ ରହିଛି। ଚିନିର ଦର ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ବା ରାଜ୍ୟ ସରକାର କିଛି ପଦକ୍ଷେପ ନେଇ ନାହାନ୍ତି। ଚିନି ସମେତ ଅତ୍ୟାବଶକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପାଇଁ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ଦାୟୀ। ଡ. ମହାନ୍ତି କହିଥିଲେ ଯେ ଦେଶରେ ପେଟ୍ରୋଲ ସହିତ ଇଥାନଲ ମିଶାଇବା ପାଇଁ କେନ୍ଦ୍ର ସରକାରଙ୍କ ନୀତି ଚିନିର ଅହେତୁକ ଦରବୃଦ୍ଧି ପାଇଁ ଦାୟୀ ବୋଲି ଅଭିଯୋଗ ହେଉଥିଲା ବେଳେ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରିଛନ୍ତି। କିନ୍ତୁ ମିଳିଥିବା ତଥ୍ୟ ଅନୁଯାୟୀ, ଦେଶରେ ଇଥାନଲ ପେଟ୍ରୋଲରେ ମିଶାଇବା ନୀତି ହେବା ପୂର୍ବରୁ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତ ରପ୍ତାନିକାରୀ ଦେଶର ମାନ୍ୟତା ପାଇଥିଲା। ଭାରତରେ ଉତ୍ପାଦିତ ହେଉଥିବା ୨୮ ପ୍ରତିଶତ ଆଖୁ ଇଥାନଲ ଉତ୍ପାଦନ ପାଇଁ ବ୍ୟବହାର ହେଉଛି, ଯାହା ଯୋଗୁଁ ଭାରତରେ ଚିନି ଉତ୍ପାଦନ ହ୍ରାସ ପାଇଛି। କିନ୍ତୁ ଦେଶରେ ଇଥାନଲ ଉତ୍ପାଦନରେ ଅହେତୁକ ବୃଦ୍ଧି ପାଇବା ପରେ, ଚଳିତ ବର୍ଷ ଭାରତ ଚିନି ବିଦେଶକୁ ରପ୍ତାନୀ କରିବା ପରିବର୍ତ୍ତେ ବିଦେଶରୁ ଆମଦାନୀ କରିବ। ଏଥିରୁ ସ୍ପଷ୍ଟ ହେଉଛି ଯେ ଚିନିର ଅଭାବ ମନୁଷ୍ୟକୃତ ଓ ଏଥିପାଇଁ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ରୂପେ ଦାୟୀ।

## ଖଲ୍ଲିକୋଟରେ ପୁଣି ଦାଦନ ଦୁଃଖ

# ଦୁବାଇରେ ଚାଲିଗଲା ଓଡ଼ିଆ ଶ୍ରମିକଙ୍କ ଜୀବନ

ଖଲ୍ଲିକୋଟ,୨୨।୮ (ସମିସ): କାନ୍ଥରୁ ଲିଭିନି 'ଶୁଭ ବିବାହ' ଲେଖା। ଦାଦନ ନେଇଗଲା ସୁନା ସଂସାର। ରାକ୍ଷୀ ବାନ୍ଧିବାକୁ ଚାହିଁଥିବା ଭଉଣୀ ହାତରେ ରହିଗଲା ରାକ୍ଷୀ। ଦୁବାଇରୁ ଆସିଲା ଭାଇର ମୃତ୍ୟୁ ଖବର। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟର ଉତ୍ତମ ଗୌଡ଼ଙ୍କ ଏହି କରୁଣ କାହାଣୀ ପୁଣି ଥରେ ଦାଦନ ଯନ୍ତ୍ରଣାର ନଗ୍ନଛବିକୁ ପଦାରେ ପକାଇଛି। ଖଲ୍ଲିକୋଟ ଏନଏସି ୯ ନମ୍ବର ୱାର୍ଡ ଫାସୁଲା ଗ୍ରାମର କୈଳାଶ ଗୌଡ଼ଙ୍କ ପୁଅ ଉତ୍ତମ ଗୌଡ଼ ପରିବାର ପ୍ରତିପୋଷଣ ପାଇଁ ଗତ ୨ ବର୍ଷ ତଳେ ସୁଦୂର ଦୁବାଇ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ସେଠାରେ ରୋଜଗାର କରି ଯାହା କିଛି ଅର୍ଥ ପଠାଉଥିଲେ ସେଥିରେ ପରିବାର ବେଶ ହସଖୁସିରେ ଚଳି ଯାଉଥିଲେ। ଏବେ ରାକ୍ଷୀକୁ ଘରକୁ ଆସିବାକୁ ଟିକଟ କାଟିଥିଲେ ଉତ୍ତମ। ଭଉଣୀକୁ ମଧ୍ୟ ଫୋନ କରି ଏ ସମ୍ପର୍କରେ ଜଣାଇଥିଲେ। କିନ୍ତୁ ଗତ ତିନିଦିନ ତଳେ ଉତ୍ତମ କମ୍ପାନୀରେ କାମ କରୁଥିବା ବେଳେ ହଠାତ ମୁଣ୍ଡ ବୁଲାଇ ତଳେ ପଡ଼ି ଯାଇ ଅଚେତ ହୋଇ ଯାଇଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲକୁ ନିଆ ଯାଇଥିଲା ଓ ସେଠାରେ ଆଇସିୟୁରେ ରହି ସେ ଚିକିତ୍ସା ହେଉଥିଲେ। କିନ୍ତୁ ଗତକାଲି



ତାଙ୍କର ମୃତ୍ୟୁ ଘଟିଥିବା ଖବର ଘରେ ପହଞ୍ଚିଥିଲା। ମୃତ୍ୟୁ ଖବର ପାଇବା ପରେ ପୂରା ପରିବାର ଶୋକରେ ବୁଡି ଯାଇଥିଲା। ସ୍ତ୍ରୀ ସାଗରୀକା ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ମୁଣ୍ଡ ପିଟି କାନ୍ଦୁଥିବା ବେଳେ ରାକ୍ଷୀ ବାନ୍ଧିବାକୁ ଚାହିଁ ବସିଥିବା ଭଉଣୀ ଝରଣା ଭାଇକୁ ବାହୁନି କାନ୍ଦୁଛନ୍ତି। ବାପା, ମାଆ ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ଦୁଃଖରେ ଭାଙ୍ଗି ପଡିଛନ୍ତି। ମୃତ ଉତ୍ତମଙ୍କ ଗୋଟିଏ ତିନି ବର୍ଷ ବୟସର ପୁଅ କିଛି ବୁଝି ନ ପାରି ସମସ୍ତେ କାନ୍ଦୁଥିବା ଦେଖି ଅବାକ ହୋଇ ଚାହୁଁଥିଲା। ଘରର ଏକମାତ୍ର ରୋଜଗାରିଆ ପୁଅକୁ ଶେଷ ଦର୍ଶନ କରିବାକୁ ଉତ୍ତମଙ୍କ ମୃତଦେହ ଫେରାଇ ଆଣିବାକୁ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ପରିବାର ଲୋକେ।

## ୨୪ ଘଣ୍ଟାରେ ଲଘୁଚାପ

# ଆଜି ୧୮ ଜିଲ୍ଲାରେ ପ୍ରବଳ ବର୍ଷା !

ଭୁବନେଶ୍ୱର,୨୨।୮ (ସମିସ): ଉତ୍ତର ବଙ୍ଗୋପସାଗର ପାଶ୍ୱର୍ବର୍ତ୍ତୀ ପଶ୍ଚିମବଙ୍ଗ ଏବଂ ତତ୍ -ସଂଲଗ୍ନ ବାଂଲାଦେଶ ଉପକୂଳସ୍ଥ ସମୁଦ୍ର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି ବୋଲି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଏହି ସମ୍ଭାବ୍ୟ ଲଘୁଚାପ ଫଳରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ସୂଚନା ଅନୁଯାୟୀ ରବିବାର କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା ଓ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଚି। ଏହାବ୍ୟତୀତ ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ସୋନପୁର, ବଲାଙ୍ଗୀର, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୋମବାର ସୁନ୍ଦରଗଡ଼, ସମ୍ବଲପୁରରେ ପ୍ରବଳରୁ ଅତିପ୍ରକବଳ ବର୍ଷା ସମ୍ଭାବନା ଥିବାବେଳେ ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।


**OFFICE OF THE PRINCIPAL:PARBATIGIRI WOMEN'S COLLEGE:BARGARH**

NOTICE INVITING QUOTATION

Subject: Supply and Installation of Public Address System.

Sealed quotations are invited from reputed authorised dealer and supplier for the supply and installation of Public Address (PA) System for the college campus as detailed below: | S. No. Item Name Configuration/Specification Required:

ESTIMATED COST:RS.2,00,000/-

| PA SYSTEM | |
|---|---|
| BRAND & COMPANY NAME | SONY AND AHUJA |
| ITEMS | |
| Master Unit (Amplifier 20 Capacity) And Mixer | Master Unit for PA System 08 Bit Embedded Microcontroller-Based, 16 Character 2 Line LCD Display, 1 X 6.35mm Mic Port, Independent Volume Control for Speaker Output, Micro-SD Support Up to 32 GB |
| Indoor Column Speaker & Outdoor Horn Speakers | Speaker for Classroom Active Two-Way Classroom Speaker, Built-in Condenser Mic |
| Microphones(Wired and Wireless Sets) | Goose Neck MIC 18" - 20" |
| Shielded Cable,Stand and Connectors | 3 Core Shielded Cable-Per 100 Meter Roll |
| Copper Cable | 2 Core Copper Cable-Per 90 Meter Roll |
| Installation Per Device | Charges for Master Unit & Speaker Per Unit |
| Installation Per Device | Charges for Master Unit & Speaker Per Unit |
| Podium | AMPLIFIER: Power Output – 30 Watts Max, 60 Watts Rated; Push Channels – Mic-1(Goose-neck Mic, Ext), Mic-2, Siren, Line 100V-IN, Aux 200mV; Frequency Response – 50-16,000Hz; Tone Control – Bass ±6dB at 100Hz, Treble ±6dB at 10kHz; USB Option – Yes; Digital Player – USB recording player with USB, SD, MMC card & Bluetooth; USB Charge Outlet – DC 5V, 1A; External Speaker Impedance – 4Ω-16Ω; Power Supply – AC 220/240V, 50/60Hz; Power Consumption – AC, 120VA; Dimensions – W408 x H110 x D240 mm; MICROPHONE (Handheld Transmitter): Microphone element – Dynamic, Cardioid; RF Output Power – 10mW nominal; Frequency Response – 50 - 15,000Hz; Power Requirement – 2x1.5V AA (or Alkaline Cells); Current Consumption – 140 mA; Dimensions – 265 × 51 × 248 mm; Weight (w/o battery) – 190g |
| Lapel Mic | Wireless Lapel Mic |
| All Charges | Installation,Labour, Testing, Tax buffer |

N.B. The eligible firm may submit their quotation and relevant documents to "The Principal Parbatigiri Women's College, Bargarh-768028,Bargarh, Odisha" by Registered/Speed Post Up to 01.00 PM on or before DT.01.09.2026 along with copies of valid GST Registration Certificate/Udyam Registration Certificate/Gem Registration/PAN and last Income Tax Return Certificate.The authority reserves the right to cancel the quotation call without assigning any reason therefore.

Sd/- Principal,
Parbatigiri Women's College, Bargarh


# ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ଚୂନ

# ମୟୂରଭଞ୍ଜରୁ ଧରାପଡ଼ିଲା ମ୍ୟୁଲ୍ ଆକାଉଣ୍ଟଧାରୀ

**ଆସାମ, ଦିଲ୍ଲୀ ଓ ଗୁଜରାଟରୁ ବି ଆସିଛି ଟଙ୍କା**

**୬ ହଜାର ଟଙ୍କାରେ ଭଡ଼ା ଦେଇଥିଲା ଆକାଉଣ୍ଟ**

ଭୁବନେଶ୍ୱର, ୨୨।୮ (ସମିସ): କ୍ରେଡିଟ୍ କାର୍ଡ କରାଇବା ଆଳରେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ଠାରୁ ୯ ଲକ୍ଷ ଟଙ୍କା ଠକି ନେଇଛନ୍ତି ସାଇବର ଠକ। ଅଭିଯୋଗ ପାଇବା ପରେ ମ୍ୟୁଲ୍ ଆକାଉଣ୍ଟଧାରୀକୁ ଗିରଫ କରିଛି ଭୁବନେଶ୍ୱର ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମୟୁରଭଞ୍ଜ ଜିଲ୍ଲା ଝାରପୋଖରୀଆ ଥାନା ଗୁଡ଼ି ସାହିର ରାଜେନ୍ଦ୍ର ସିଂ (୩୧)।

ପୁଲିସ ସୂଚନାନୁଯାୟୀ, ଭୁବନେଶ୍ୱରରେ ରହୁଥିବା ୬୯ ବର୍ଷୀୟ ଚିଦାନନ୍ଦ ରାଓ ଗୌର ଘରୋଇ ବ୍ୟାଙ୍କର ଜଣେ ଅବସରପ୍ରାପ୍ତ ମ୍ୟାନେଜର। ଗତବର୍ଷ ମାର୍ଚ୍ଚରେ ଫେସବୁକ୍ ଜରିଆରେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କ୍ରେଡିଟ୍ କାର୍ଡର ବିଜ୍ଞାପନ ଦେଖିଥିଲେ। ନିଜେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ହୋଇଥିବାରୁ ଉକ୍ତ ବିଜ୍ଞାପନ ଲିଙ୍କରେ ନିଜର ସମସ୍ତ ତଥ୍ୟ ପୂରଣ କରିଥିଲେ। ପରେ ଜଣେ ସାଇବର ଠକ ନିଜକୁ କ୍ରେଡିଟ୍ କାର୍ଡ ଅଧିକାରୀ ବୋଲି ପରିଚୟ ଦେଇ ହ୍ୱାଟ୍ସଆପ୍ ମାଧ୍ୟମରେ ଏକ ନକଲି ଆପ୍ଲିକେସନ୍ 'ଆଇଏନଡି ସ୍ମାର୍ଟ' ଡାଉନଲୋଡ୍ କରିବାକୁ କହିଥିଲା। ଚିଦାନନ୍ଦ ଆପ୍ ଡାଉନଲୋଡ୍ କରିବା ମାତ୍ରେ ତାଙ୍କର ଦୁଇଟି ବ୍ୟାଙ୍କ୍ ଆକାଉଣ୍ଟରୁ ମୋଟ ୯ ଲକ୍ଷ ୩୪ ଟଙ୍କା ଠକେଇ ହୋଇଯାଇଥିଲା।

ଏନେଇ ସେ ସାଇବର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମୋଟ ୯ ଲକ୍ଷ ଠକେଇ ଟଙ୍କାରୁ ୫ ଲକ୍ଷ ଟଙ୍କା ରାଜେନ୍ଦ୍ର ଆକାଉଣ୍ଟକୁ ଯାଇଥିବା ସାଇବର ଟିମ୍ ଜାଣିବାକୁ ପାଇଥିଲା। ରାଜେନ୍ଦ୍ରର ସଂପୃକ୍ତ ବ୍ୟାଙ୍କ୍ ଆକାଉଣ୍ଟଟି ମ୍ୟୁଲ୍ ଆକାଉଣ୍ଟ ଭାବେ ବ୍ୟବହୃତ ହେଉଥିବା ବେଳେ ଓଡ଼ିଶା, ଆସାମ, ଦିଲ୍ଲୀ ଓ ଗୁଜରାଟରୁ ଠକେଇ ହୋଇଥିବା ପ୍ରାୟ ୧୫ ଲକ୍ଷ ଟଙ୍କା ଏହି ଆକାଉଣ୍ଟକୁ ଆସିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଗତକାଲି ରାତିରେ ସାଇବର ପୁଲିସ ମୟୁରଭଞ୍ଜରେ ଚଢ଼ଉ କରି ରାଜେନ୍ଦ୍ରକୁ ଉଠାଇ ଆଣିଥିଲା। ସେ ମାତ୍ର ୬ ହଜାର ଟଙ୍କାର ଲୋଭରେ ନିଜ ବ୍ୟାଙ୍କ ପାସବୁକ୍, ଏଟିଏମ୍ କାର୍ଡ ଓ ପରିଚୟ ପତ୍ର ସାଇବର ଠକମାନଙ୍କୁ ଦେଇଥିଲା ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲା। ଏହାସହିତ ଆହୁରି ୫ଟି ଆକାଉଣ୍ଟ ଖୋଲି ଏହି ବେଆଇନ କାରବାରରେ ସହଯୋଗ କରିଥିଲା। ବ୍ୟାଙ୍କ ଆକାଉଣ୍ଟ ପାସ୍ ବୁକ୍, ଏଟିଏମ୍ କାର୍ଡ ଓ ଆକାଉଣ୍ଟ ସମ୍ବନ୍ଧୀୟ ଅନ୍ୟାନ୍ୟ କାଗଜପତ୍ର ଜବତ କରି ରାଜେନ୍ଦ୍ରକୁ କୋର୍ଟ ଚାଲାଣ କରିଛି। ସେପଟେ ସାଇବର ଠକେଇ ନେଟୱର୍କରେ ସଂପୃକ୍ତ ମାଷ୍ଟରମାଇଣ୍ଡମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## 'ନିଟ୍' ଯୁବପିଢ଼ିଙ୍କୁ...

ଜାତୀୟ ନମୁନା ସର୍ଭେ(ଏନ୍ଏସ୍ଓ) ର ତଥ୍ୟ ଉପରେ ଆଧାରିତ ଏହି ରିପୋର୍ଟରେ ଦେଶର ଏହି ଯୁବ ଗୋଷ୍ଠୀଙ୍କୁ 'ନିଟ୍' ଯୁବପିଢ଼ି ଭାବରେ ଚିହ୍ନଟ କରାଯାଇଛି, ଯେଉଁମାନେ ଶିକ୍ଷା, ନିଯୁକ୍ତି କିମ୍ବା କୌଣସି ତାଲିମ ପାଇନାହାନ୍ତି, ଏଥିରେ ବେକାର ବ୍ୟକ୍ତି ମଧ୍ୟ ସାମିଲ ଅଛନ୍ତି। ନିତି ଆୟୋଗ କହିଛି ଯେ ମହିଳାମାନଙ୍କ ସହିତ ଏହି ଗୋଷ୍ଠୀକୁ ସୁଲଭ କିମ୍ବା ସବ୍ସିଡି ତାଲିମ ଏବଂ ଆର୍ଥିକ ସହାୟତା ଆବଶ୍ୟକ। ଦକ୍ଷତା କାର୍ଯ୍ୟକ୍ରମଗୁଡ଼ିକୁ ସ୍ଥାନୀୟ ଚାହିଦା, ଆତ୍ମନିଯୁକ୍ତି ସୁଯୋଗ ଏବଂ ଉଦୀୟମାନ କ୍ଷେତ୍ର ସହିତ ଯୋଡାଯିବା ଉଚିତ୍।

ନିକଟରେ ନୀତି ଆୟୋଗ ପକ୍ଷରୁ ପ୍ରକାଶିତ '୨୦୪୭ ପାଇଁ ବିକଶିତ ଭାରତ ଗଠନ ଲାଗି ଦକ୍ଷତା ବିକାଶର ପୁନଃକଳ୍ପନା' ଶୀର୍ଷକ ରିପୋର୍ଟରେ ଦେଶର କେବଳ ୮.୨୫% ସ୍ନାତକ ସେମାନଙ୍କ ଯୋଗ୍ୟତା ସହିତ ସମାନ ପଦବୀରେ ନିଯୁକ୍ତ। ହେଲେ ରିପୋର୍ଟରେ ଶିକ୍ଷା ଏବଂ କର୍ମକ୍ଷେତ୍ରରେ ଆବଶ୍ୟକ ଦକ୍ଷତା ମଧ୍ୟରେ ବ୍ୟାପକ ପାର୍ଥକ୍ୟକୁ ଉଜାଗର କରାଯାଇଛି। ଅନେକ ଛାତ୍ର ସେମାନଙ୍କର ଡିଗ୍ରୀ ଶେଷ କରୁଛନ୍ତି, କିନ୍ତୁ ସେମାନଙ୍କଠାରେ ବ୍ୟବହାରିକ ଅଭିଜ୍ଞତା, ଶିଳ୍ପ ଜ୍ଞାନ ଏବଂ ଚାକିରି ପାଇଁ ପ୍ରସ୍ତୁତ ଦକ୍ଷତାର ଅଭାବ ରହିଛି। ରିପୋର୍ଟରେ କୁହାଯାଇଛି ଯେ ଭାରତକୁ କେବଳ ଡିଗ୍ରୀ ଉପରେ ଧ୍ୟାନ ଦେବା ପରିବର୍ତ୍ତେ ନମନୀୟ ଶିକ୍ଷା ଏବଂ ତାଲିମ କାର୍ଯ୍ୟକ୍ରମ ସୃଷ୍ଟି କରିବାକୁ ପଡିବ, ଯାହା ଛାତ୍ରଛାତ୍ରୀମାନଙ୍କୁ ଦକ୍ଷତା ବିକାଶ କରିବାରେ ଏବଂ ଉତ୍ତମ ନିଯୁକ୍ତି ସୁଯୋଗ ଖୋଜିବାରେ ସାହାଯ୍ୟ କରେ। ଡିଗ୍ରୀ ଏବଂ ଚାକିରି ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇ ଆୟୋଗ କହିଛି ଯେ, ବିଏ, ବି. କମ୍ ଏବଂ ବି. ଏସ୍ସି ଭଳି ସାଧାରଣ ଡିଗ୍ରୀ କାର୍ଯ୍ୟକ୍ରମଗୁଡ଼ିକର ପ୍ରାୟତଃ ନିଯୁକ୍ତି ସହିତ ସଂଯୋଗଦୁର୍ବଳ ରହିଥାଏ, ଯେତେବେଳେ କି ଛାତ୍ରଛାତ୍ରୀମାନଙ୍କୁ ଏଣ୍ଟ୍ରି ଲେବଲ ଚାକିରି ସୁରକ୍ଷିତ କରିବା ପାଇଁ ଅତିରିକ୍ତ କର୍ମକ୍ଷେତ୍ର ଦକ୍ଷତା ଆବଶ୍ୟକ ହୋଇଥାଏ। ଏହି ସମସ୍ୟାଟି ବହୁତ ଗମ୍ଭୀର। ସ୍ନାତକୋତ୍ତର କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ପ୍ରାୟ ୩.୪ ନିୟୁତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୧.୧ ନିୟୁତ ବିଏ ପାସ୍ କରିଛନ୍ତି, ଯେତେବେଳେ କି ୨ କୋଟିରୁ ଅଧିକ ଛାତ୍ରଛାତ୍ରୀ ବିଏ, ବି. କମ୍ ଏବଂ ବି. ଏସ୍ସିରେ ନାମ ଲେଖାଇଛନ୍ତି। ରିପୋର୍ଟ ଅନୁଯାୟୀ, ଅନେକ ଛାତ୍ର ଏହି ପାଠ୍ୟକ୍ରମଗୁଡ଼ିକୁ ବାଛିଥାନ୍ତି, କାରଣ ଏହା ସେମାନଙ୍କୁ ସରକାରୀ ନିଯୁକ୍ତି ପାଇଁ ଯୋଗ୍ୟ କରିଥାଏ। ରିପୋର୍ଟରେ ବ୍ୟବହାରିକ ଅଭିଜ୍ଞତା ଏବଂ ଚାକିରି ପ୍ରସ୍ତୁତିର ଅଭାବକୁ ମଧ୍ୟ ଇଙ୍ଗିତ କରାଯାଇଛି। ଏହି ସମସ୍ୟା କେବଳ ନିଯୁକ୍ତି ପରିସଂଖ୍ୟାନ ପର୍ଯ୍ୟନ୍ତ ସୀମିତ ନୁହେଁ। ଛାତ୍ରମାନେ ନିଜେ ସ୍ୱୀକାର କରୁଛନ୍ତି ଯେ ସେମାନଙ୍କଠାରେ ଅନେକ ଦକ୍ଷତାର ଅଭାବ ରହିଛି। ୩୪ ପ୍ରତିଶତ ଛାତ୍ର ଡିଗ୍ରୀ ପଢୁଥିବା ସମୟରେ ଦକ୍ଷତାର ଅଭାବକୁ ଏକ ପ୍ରମୁଖ ଆହ୍ୱାନ ଭାବେ ବିବେଚନା କରନ୍ତି, ଯେତେବେଳେ କି ୧୮% ସାକ୍ଷାତକାର ପାଇଁ ପ୍ରସ୍ତୁତିକୁ ନେଇ ଚିନ୍ତା ପ୍ରକଟ କରୁଛନ୍ତି। ଏହି ସମୟରେ, ୮୦% ଛାତ୍ର ବ୍ୟବହାରିକ ଏବଂ ଶିଳ୍ପ ଅଭିଜ୍ଞତାକୁ ସେମାନଙ୍କ ଡିଗ୍ରୀର ଏକ ପ୍ରମୁଖ ଅସୁବିଧା ବୋଲି ଭାବୁଛନ୍ତି।

ଦେଶର ଯୁବପିଢ଼ି ଏବଂ କର୍ମଜୀବୀ ଜନସଂଖ୍ୟାକୁ ଭଲ ଭାବରେ ବୁଝିବା ପାଇଁ ନିତି ଆୟୋଗ ରିପୋର୍ଟ ଯୁବପିଢ଼ିଙ୍କୁ ୫ଟି ବ୍ୟାପକ ବର୍ଗରେ ବର୍ଗୀକୃତ କରିଛି। ଏଥିରେ ସ୍କୁଲ ଶିକ୍ଷା ବାହାରେ ଥିବା, ଉଚ୍ଚଶିକ୍ଷା, ଆନୁଷ୍ଠାନିକ ଏବଂ ଅନୌପଚାରିକ ତାଲିମ, ଶିକ୍ଷା, ନିଯୁକ୍ତି ଏବଂ ତାଲିମ ବାହାରେ ଥିବା ଯୁବକ ଏବଂ ମହିଳା ଅନ୍ତର୍ଭୁକ୍ତ। ନୀତି ଆୟୋଗର ଏକ ରିପୋର୍ଟ ଅନୁଯାୟୀ, ଭାରତର ଉଚ୍ଚ ଏବଂ ବୈଷୟିକ ଶିକ୍ଷା ବ୍ୟବସ୍ଥାରେ ପଢ଼ାଯାଉଥିବା ପାଠ୍ୟକ୍ରମ ଏବଂ ଶ୍ରମ ବଜାରର ଆବଶ୍ୟକତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ରହିଛି। ଅନେକ ପ୍ରତିଷ୍ଠାନରେ ପଢ଼ାଯାଉଥିବା ପାଠ୍ୟକ୍ରମ ଶିଳ୍ପର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ପାଇଁ ଅପଡେଟ୍ ହୁଏ ନାହିଁ। ଏହା ଡିଗ୍ରୀ, ଡିପ୍ଲୋମା ଏବଂ ପ୍ରମାଣପତ୍ର ଥିବା ସତ୍ତ୍ୱେ ଲୋକଙ୍କ ପାଇଁ ଚାକିରି ଖୋଜିବା କଷ୍ଟକର କରିଥାଏ। ତଥାପି, ଅନେକ ଛାତ୍ର ଏହି ଡିଗ୍ରୀଗୁଡ଼ିକୁ ଅନୁସରଣ କରନ୍ତି କାରଣ ସେମାନେ ବିଶ୍ୱାସ କରନ୍ତି ଯେ ଏହା ସରକାରୀ ନିଯୁକ୍ତି ପାଇଁ ଯୋଗ୍ୟତା ପ୍ରଦାନ କରେ। ପ୍ରସଙ୍ଗ ଏହା ନୁହେଁ ଯେ ବିଏ, ବି. କମ୍ ଏବଂ ବି. ଏସ୍ସି ପାଠ୍ୟକ୍ରମର କୌଣସି ମୂଲ୍ୟ ନାହିଁ। ସତ କଥା ହେଉଛି ଯେ ପ୍ରାୟତଃ, ଏପରି ଡିଗ୍ରୀ ପଢୁଥିବା ଛାତ୍ର ଏବଂ ନିଯୁକ୍ତିଦାତାମାନେ ଜଣେ ସ୍ନାତକ ପ୍ରକୃତ କାମ କ'ଣ କରିପାରିବେ ତାହା ବୁଝିପାରନ୍ତି ନାହିଁ।

## କପି ପାଇଁ...

୨୦୦ କେନ୍ଦ୍ରରେ ୩୫ ହଜାର ୮୦୦ରୁ ଅଧିକ ପିଲା ପରୀକ୍ଷା ଦେଇଛନ୍ତି। ତେବେ ରାଜସ୍ଥାନର ଜୟପୁରର ଶ୍ରୀସତ୍ୟସାଇ ପିଜି କଲେଜ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଚାଲିଥିବା ବେଳେ ବିଦ୍ୟୁତ ବିଭ୍ରାଟ ଦେଖାଦେଇଥିଲା। ଏହି କେନ୍ଦ୍ରରେ ଉପସ୍ଥିତ ୧୯୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୯ ଜଣ ସେମାନଙ୍କର ପରୀକ୍ଷା ଦେଇପାରି ନାହାନ୍ତି। ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ବିଦ୍ୟୁତ କାଟ ହୋଇଥିଲା। ପରୀକ୍ଷାକେନ୍ଦ୍ରରେ କୌଣସି ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ନଥିଲା। ଯାହାଫଳରେ ପରୀକ୍ଷା ଅଧାରୁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ନେଇ କ୍ଷୁବ୍ଧ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ର ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେପଟେ ବିଦ୍ୟୁତ୍ ଚାଲିଯିବାର ସୁଯୋଗ ନେଇ କିଛି ଛାତ୍ର କପି କରୁଥିବା ନେଇ ଗୁରୁତର ଅଭିଯୋଗ ମଧ୍ୟ ହୋଇଛି। ଅଭିଯୋଗ ହୋଇଛି ଯେ ପରୀକ୍ଷା ପୂର୍ବରୁ କିଛି ପରୀକ୍ଷାର୍ଥୀ ବିଦ୍ୟୁତ ବିଭ୍ରାଟ ହେବ ବୋଲି କଥାବାର୍ତ୍ତା କରୁଥିଲେ। ବିଦ୍ୟୁତ ବିଭ୍ରାଟ ହେବାମାତ୍ରେ କେନ୍ଦ୍ରରେ ଆଖିବୁଜା କପି କରାଯାଉଥିବା ଦେଖାଯାଇଥିଲା। ପର୍ଯ୍ୟବେକ୍ଷକ ଉପସ୍ଥିତ ଥିଲେ ମଧ୍ୟ ହସ୍ତକ୍ଷେପ କରିନଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଓ ବିକ୍ଷୋଭ ପରେ ଏହି ॥କେନ୍ଦ୍ର॥ରେ ପରୀକ୍ଷା ବାତିଲ କରାଯାଇଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ) ଏହି ବିଦ୍ୟୁତ ବିଭ୍ରାଟ ପାଇଁ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ଏଡୁକ୍ୱିଟି କ୍ୟାରିୟର ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍କୁ ଦାୟୀ କରିଛି। ପ୍ରଭାବିତ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏନ୍ଟିଏ ଆସନ୍ତା ସେପ୍ଟେମ୍ବର ୧ରେ ପୁନଃ ପରୀକ୍ଷା କରିବାକୁ ଘୋଷଣା କରିଛି। ନୂତନ ଭାବେ ଏହି ପରୀକ୍ଷା ଜୟପୁରର ରାଜସ୍ଥାନ କଲେଜ ଅଫ୍ ଇଞ୍ଜିନିୟରିଂ ଫର ଓମେନ୍ କେନ୍ଦ୍ରରେ ସକାଳ ୧୦ଟାରେ ଅନୁଷ୍ଠିତ ହେବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କୁ ସଂଶୋଧିତ ପ୍ରବେଶ ପତ୍ର ଜାରି କରାଯିବ। ପାରମ୍ପରିକ ଭାରତୀୟ ଚିକିତ୍ସା ଏବଂ ହୋମିଓପାଥି ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଆୟୁଷ ପରୀକ୍ଷା ଜାତୀୟ ସ୍ତରରେ ଆୟୋଜିତ ହୋଇଥାଏ।

## ଏବେ କୌଣସି...

ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିବା ଦାବିରେ ସେମାନଙ୍କ ଆନ୍ଦୋଳନ ପଞ୍ଚମ ଦିନରେ ପହଞ୍ଚିଥିବାବେଳେ ସରକାର ପଦକ୍ଷେପ ନେବାକୁ ସେମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମାତ୍ର ସେମାନଙ୍କ ଦାବି ପୂରଣ ସମ୍ପର୍କରେ ମନ୍ତ୍ରୀ କୌଣସି ସକରାତ୍ମକ ପ୍ରତିକ୍ରିୟା ରଖି ନ ଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟର ଲକ୍ଷାଧିକ ମେଧାବୀଙ୍କ ଦାବି ପ୍ରତି ସମ୍ବେଦନଶୀଳ ନ ହୋଇ ମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ। ବିଜ୍ଞପ୍ତି ପ୍ରକାଶର ପ୍ରକୃତ ତାରିଖ ନ ହେଲେ ବି ଆନୁମାନିକ ଏକ ସମୟ କହିବାକୁ ଆଶାୟୀମାନେ ଦାବି କରିଥିଲେ। ଯାହା ଫଳରେ ମନ୍ତ୍ରୀ ରୋକଠୋକ୍ ନାସ୍ତିବାଣୀ ଶୁଣାଇବା ସହ ଅଲଗା ଚାକିରି ପାଇଁ କାହିଁକି ପଢୁ ନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ଗୋଟିଏପଟେ ରାଜ୍ୟରେ ପ୍ରାୟ ଲକ୍ଷାଧିକ ଶିକ୍ଷକ ପଦ ଖାଲି ପଡ଼ିଛି; ଅନ୍ୟପଟେ ସିଟି ବିଇଡି କରି ଶିକ୍ଷକ ଚାକିରି ପାଇଁ ଦୀର୍ଘ ଦିନରୁ ଆଶାୟୀମାନେ ଚାକିରି ପାଇଁ ପ୍ରସ୍ତୁତ ହେଉଥିବାବେଳେ ମନ୍ତ୍ରୀଙ୍କ ଏପରି ମନ୍ତବ୍ୟ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।

ଆଶାୟୀଙ୍କ ଧାରଣା ଆଜି ଷଷ୍ଠ ଦିନରେ ପହଞ୍ଚିଥିବାବେଳେ ମନ୍ତ୍ରୀଙ୍କ ନାସ୍ତିବାଣୀ ଆନ୍ଦୋଳନର ରୂପରେଖକୁ ପରିବର୍ତ୍ତନ କରିଛି। ଏଣିକି କେବଳ ଧାରଣା ନୁହେଁ, ଶତାଧିକ ଆଶାୟୀ ଆମରଣ ଅନଶନ ଆରମ୍ଭ କରିଛନ୍ତି। ପ୍ରାୟ ୯ ଜଣ ଅନଶନରତ ଆଶାୟୀ ଅସୁସ୍ଥ ହେବା ସହ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅପରପକ୍ଷରେ ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଯୁବ, ଛାତ୍ର ଜନତା ଦଳର ୨ ନେତା ନିଲମ୍ବିତ

ଭୁବନେଶ୍ୱର,୨୨।୮ (ସମିସ): ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ଦୁଇଜଣ ବିଜେଡି ଯୁବ ଓ ଛାତ୍ର ଜନତା ଦଳ ନେତାଙ୍କୁ ମହଙ୍ଗା ପଡ଼ିଛି। ମୟୂରଭଞ୍ଜ ସାରସକଣା ବ୍ଲକର ହରେକୃଷ୍ଣ ଦାସ ଏବଂ ଭୁବନେଶ୍ୱର ଛାତ୍ର ବିଜେଡି ନେତା ଅମିତ କୁମାର ଜେନାଙ୍କୁ ଦଳରୁ ନିଲମ୍ବିତ କରାଯାଇ ଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।


**LOST**

ମୁଁ ମୁକ୍ତିକାନ୍ତ ନାୟକ, ସା- ଘଟଗାଁ, ଜିଲ୍ଲା- କେନ୍ଦୁଝର, ଓଡ଼ିଶା, ପିନ୍- ୭୫୮୦୨୭ ସମସ୍ତ କବଲା ଆଉ ପଟ୍ଟାକୁ ତା ୨୧/୦୭/୨୦୨୬ ରେ ଦାନଗାଦି, ଯାଜପୁରରୋଡ, ଯାଜପୁର ଜେରକ୍ସ କରିବାକୁ ଗଲା ବେଳେ ବାଟରେ କେଉଁଠାରେ ମୋର କବଲା ନଂ- ୨୮୬୫, ତା- ୦୫/୧୦/୨୦୦୫, (ପଟ୍ଟା) ଖାତା ନଂ- ୪୨୨, ତା ୦୩/୦୭/୨୦୦୬ ରେ କେଉଁଆଡେ ହଜି ଯାଇଛି ତା- ୨୧/୦୭/୨୦୨୬ । ଯଦି କେହି ସହୃଦୟ ବ୍ୟକ୍ତି ମୋର କବଲା ଆଉ ପଟ୍ଟା ପାଇବେ ଉକ୍ତ ମୋବାଇଲ୍ ନଂ **9438670857** / **7655898881** ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**DOCUMENT LOST**

ମୁଁ **ଶ୍ରୀ ବ୍ରଜସୁନ୍ଦର ମହାନ୍ତି**, ପିତା- ୰ଜଗବନ୍ଧୁ ମହାନ୍ତି, ଠିକଣା- ବଡ଼ଓସ୍ତିଆ, ପୋ- ବାଲିଗାଁ, ଥାନା- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ପିନ୍- ୭୫୬୧୩୩, ଓଡ଼ିଶା । ତା. ୧୨/୦୭/୨୦୨୬ ରିଖରେ ମୋର ମୂଳ ୨ ଗୋଟି ଦଲିଲ ତା. ୨୮/୦୭/୨୦୨୬ର ବିକ୍ରୟ କବଲା ସଂଖ୍ୟା - ୧୮୦୧ ଏବଂ ତା. ୦୪/୦୭/୨୦୦୩ ରିଖରେ ବିକ୍ରୟ କବଲା ସଂଖ୍ୟା- ୧୪୨୭ ଯାହାକି ବଡ଼ଓସ୍ତିଆ ମୌଜାର ଖାତା ସଂ- ୨୯୦/୧୮୮, ପ୍ଲଟ୍ ନଂ- ୧୧୫୪/୧୬୭୪, ଏ୦.୦୬୫ଡି ଏବଂ ଖାତା ନଂ- ୨୯୦/୧୦୩, ପ୍ଲଟ୍ ନଂ- ୧୧୬୨/୧୫୬୩, ଏ୦.୦୧୩ଡି କେଉଁଠାରେ ହଜିଯାଇଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି, ତେବେ ଦୟାକରି ନିକଟସ୍ଥ ପୋଲିସ୍ ଷ୍ଟେସନ କିମ୍ବା ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ ।

**AFFIDAVIT**

I, Anjan Kumar Jena, S/o Sudam Charan Jena, resident of N-4/76, IRC Village, Nayapalli, Bhubaneswar-751015, declare that my name is wrongly recorded as "Anjan Jena" in my son Asmit Jena's CBSE Class X Certificate / Records, instead of "Anjan Kumar Jena." Both names refer to me. Supported by Affidavit No. CFN.114 dated 18/08/2026, sworn before Executive Magistrate, Bhubaneswar.

**Anjan Kumar Jena**

**AFFIDAVIT**

I, SK MAQSUD ALAM aged about 38 years, S/o-SHAIK MASIUDDIN, Akhund Mohalla, Po-Binjharpur, Dist-Jajpur-755004, ODISHA, declared by this Affidavit No.1786/2026 Dated.23.03.2026, That now onwards I shall Be Known As **MAQSUD ALAM SHAIK** That for all future Purposes.

**AFFIDAVIT**

By virtue of an affidavit No-2688 sworn before The Executive Magistrate Champua on dtd-20/08/2026, I **Md Shahbaz Hussain,** permanent resident of Vill: Muslim Basti Champua, PO/PS- Champua, Dist-Keonjhar, Odisha, Pin-758041 declare that I have changed my name from **Mohammad Shahbaz Hussain** (old name) to **Md Shahbaz Hussain** (new Name). Henceforth, I shall be known as **MD SHAHBAZ HUSSAIN** for all future purposes.

**Md Shahbaz Hussain**

**AFFIDAVIT**

I, Jyotsna Sahoo, D/o-Jogesh Chandra Swain, resident of Flat No- 502, Banalata Apartment, Saheed Nagar, Bhubaneshwar, PIN-751007, Odisha declare by this affidavit No-461, dated- 20.08.2026 that now onwards I shall be known as **JYOSTNA SAHOO** for all future purposes.

**PM SHRI JAWAHAR NAVODAYA VIDYALAYA-2**

**OHPC Road, Near OCC Office, BALIMELA, DIST. MALKANGIRI-764051**

**WALK IN-INTERVIEW**

A walk In-Interview on **28/08/2026 (Friday) at 10:00 am at PM SHRI JNV, Balimela, Malkangiri-II, Odisha** for TGTs- Hindi & TGT Ph.Ed (Female) for the academic session **2026-27**, purely on contractual basis. The eligible/willing/desiring candidates may appear in the interview for the said post. Eligibility as per Govt. norms.

**Date & Venue of interview: PM SHRI JNV Balimela, Malkangiri-II on 28/08/2026Time: 10:00 am to 04:00 pm.**

No TA/DA will be admissible for attending the walk In-Interview.

**Required documents:** Original documents, 01 set of xerox copy, ID passport size photo.

**Sd/- Principal I/C**
**PM SHRI JNV, Malkangiri-II**

25001/984/2627

**OFFICE OF THE SUPERINTENDING ENGINEER RURAL WATER SUPPLY & SANITATION DIVISION, KORAPUT**

At- Malisahi, Back side of SBI bank, Koraput, Pin-764020
Email- eerwss_kpt@rediffmail.com

**Tender Identification No.05/EE/RWSS/KPT/2026-27/18.08.2026**

The Executive Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | 01. Power supply to PWS Point at Kakipadu inconnection with PWS to Badapadu G.P Nuagaon under Pottangi Block JJM<br>02. Power supply to PWS Point at Dalaranginiguda inconnection with PWS to Dalaranginiguda G.P Pukali under Pottangi Block JJM<br>03. Repair to lining of Kulei Distributary from RD 3500m to 3700m in the year 2026-27 |
| 2 | Time period for completion | 2 (Two) Months |
| 3 | Estimated Cost. | 7.14 Lakhs to 7.86 Lakhs, |
| 4 | Total Nos of works | 2 nos. |
| 5 | Tender cost | Rs.4,000.00 |
| 6 | Class of Contractor. | HT, (Elect.) |
| 7 | Availability of Bid document in the web site | Dt. 25.08.2026 at 17.00 hours to 03.09.2026 up to 17.00 hours. |
| 8 | Date of Seeking clarification. | During the Office hours of 25.08.2026 to 02.09.2026 |
| 9 | Date of Opening of Bid. | Dt. 05.09.2026at 11.00 AM |

Further details can be seen in the bidding documents which is available in the e-procurement portal https/www.tendersorissa.gov.in Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

Executive Engineer,
RWS&S.Division, Koraput

OIPR-25001/25034/1/26-27/0007

**OFFICE OF THE SUPERINTENDING ENGINEER, HEAD WORKS DIVISION, SAMAL**
**INVITATION FOR BIDS (IFB)**

32001/730/2627

email ID- se.hwd.samal@gmail.com

'e'-Procurement Notice No. SE-HWD- 05/2026-27

The Superintending Engineer, Head Works Division, Samal on behalf of Governor of Odisha invites Percentage Rate bid in single cover system to be received in ONLINE MODE from eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD for execution of civil works mentioned as detailed below:

| | | | |
|---|---|---|---|
| 1 | No of works | : | 3(Three) No of work |
| 2 | Name of the Work | : | 1. Improvement to Khalpal Distributary from RD 300mt to RD 1650mt for the year 2026-27.<br>2. Improvement to Manikmara Distributary I from RD100m to RD200mt and RD 700mt to RD 900mt for the year 2026-27.<br>3. Repair to lining of Kulei Distributary from RD 3500m to 3700m in the year 2026-27 |
| 3 | Estimated Cost | : | Approximetely 14.26 lakhs to **Rs. 32.92 lakhs** |
| 4 | Cost of tender paper | : | Rs. 6000.00 (Non-refundable) |
| 5 | EMD/ Bid Security | : | Rs. 14,300.00 to Rs. 33,000 (Refundable) |
| 6 | Class of contractor | : | **'D' & 'C' class and 'C' & 'B' Class** |
| 7 | Period of Completion of work | : | 120 days to 180 Days |
| 8 | Date and time of availability of bid Document in the website | : | From 10.00 A.M of Dt. 24.08.2026 to 5.00 P.M. of Dt.02.09.2026 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.03.09.2026 at 11.30 A.M in O/o the Superintending Engineer, Head Works Division, Samal |
| 10 | Date, time and place for finalization of tender through Transparent Lottery System (if required) | : | Intimated later |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : | Superintending Engineer, Head Works Division, Samal, AT/P.O. Samal Barrage Township Dist: Angul, Odisha, PIN-759037 Email ID- se.hwd.samal@gmail.com |

**The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.**

**Superintending Engineer,**
**Head Works Division Samal**

OIPR-32001/32020/1/26-27/0005

34001/641/2627

E-mail.eekalahandi@gmail.com
FAX No.06670-230512

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA**

*E-Procurement Notice*

**Bid Identification No. BC KLD-03/2026-2027**

No. 6559 Dated. 13.08.2026

| | | | |
|---|---|---|---|
| 1 | No. of the work: | : | 03 (Three) Civil works |
| 2 | Estimated cost: | : | Rs 36.00 to 88.00 Lakhs |
| 3 | Period of completion: | : | 07 (Seven) to 12 (Twelve) calendar Months |
| 4 | Date and time of availability of bid document in the portal: | : | 11.00 hrs of 25.08.2026 to 17.00 hrs of 07.09.2026 |
| 5 | Last date/Time for receipt of bid in the portal: | : | 17.00hour of 07.09.2026 |
| 6 | Name and address of the Officer Inviting Bid: | : | **Superintending Engineer, Kalahandi(R&B)Division, Bhawanipatna** |
| 7 | Opening of the Single Cover Bid | : | On 08.09.2026 at 11.00 AM in the Office of the Superintending Engineer, Kalahandi(R&B)Division, Bhawanipatna |

Further details can be seen from the e-procurement portal https://tendersodisha.gov.in

Superintending Engineer
Kalahandi (R&B) Division

OIPR-34001/34017/1/26-27/0003

**କେନ୍ଦ୍ରାପଡ଼ାରେ ବନ୍ୟା**

# ପାଣିରେ ବୁଡ଼ିଛି ଗାଁ, ୨.୪୩ ଲକ୍ଷ ଲୋକ ପ୍ରଭାବିତ

କେନ୍ଦ୍ରାପଡ଼ା,୨୨।୮ (ସମିସ): ବନ୍ୟା ଆସିଲେ ପ୍ରଶାସନ ଦୌଡ଼େ, ଅଧିକାରୀ ଅଞ୍ଚଳ ପରିଦର୍ଶନ କରନ୍ତି, ରିଲିଫ୍ କେନ୍ଦ୍ର ଖୋଲେ, ଡଙ୍ଗା ଚାଲେ, ସ୍ୱାସ୍ଥ୍ୟ ଟିମ୍ ପାଣି ଭିତରକୁ ପହଞ୍ଚେ। କିନ୍ତୁ ବନ୍ୟା ହଟିଗଲା ପରେ ପୁଣି କ'ଣ ହୁଏ? ଆଗାମୀ ବନ୍ୟା ପାଇଁ କେତେ ପ୍ରସ୍ତୁତି ହୁଏ? ବର୍ଷ ପରେ ବର୍ଷ ଏକାଧିକ ଅଞ୍ଚଳ କାହିଁକି ପୁଣି ପାଣି ଘେରରେ ପଡୁଛି। ଏହି ପ୍ରଶ୍ନଗୁଡ଼ିକ ଏବେ କେନ୍ଦ୍ରାପଡ଼ାର ବନ୍ୟା ପରିସ୍ଥିତିକୁ ନେଇ ସବୁଠାରୁ ବଡ଼ ଚିନ୍ତାର ବିଷୟ। ୨୨ ଅଗଷ୍ଟ ସନ୍ଧ୍ୟା ୬ଟା ସୁଦ୍ଧା ଜିଲ୍ଲାର ୫ଟି ବ୍ଲକର ୬୭ଟି ପଞ୍ଚାୟତ ଅଧୀନ ୧୬୪ଟି ଗ୍ରାମ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ବନ୍ୟା ପ୍ରଭାବିତ। ପ୍ରଭାବିତ ଲୋକଙ୍କ ସଂଖ୍ୟା ୨,୪୨,୯୯୨। ୬୫ଟି ଆଶ୍ରୟ କେନ୍ଦ୍ରକୁ ଏଯାବତ୍ ୧୦,୫୫୩ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୧୩୯ଟି ରାସ୍ତା ପାଣିରେ ବୁଡ଼ି ଯୋଗାଯୋଗ ବ୍ୟବସ୍ଥାକୁ ପ୍ରଭାବିତ କରିଛି। ଏହି ସଂଖ୍ୟା କେବଳ ଏକ ବନ୍ୟା ରିପୋର୍ଟ ନୁହେଁ; ଏହା ଜିଲ୍ଲାର ବନ୍ୟା ପରିଚାଳନା ବ୍ୟବସ୍ଥା ପାଇଁ ଏକ ବଡ଼ ପ୍ରଶ୍ନଚିହ୍ନ। ପ୍ରଶାସନ ପକ୍ଷରୁ ରିଲିଫ୍, ମାଗଣା ରୋଷେଇ, ପାନୀୟ ଜଳ, ଔଷଧ ଓ ଉଦ୍ଧାର ବ୍ୟବସ୍ଥା କରାଯାଉଛି। ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଉପଜିଲ୍ଲାପାଳ ଅରୁଣ ନାୟକ ଆଳି ବ୍ଲକର କୁଆଣିଆ ଓ ଗୋପିନ୍ଦପୁର ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏଡିଏମ୍ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ଓ ଏଡିଏମ୍ (ସାଧାରଣ) ନବକ୍ରିଷ୍ଣ ଜେନା ପଟ୍ଟାମୁଣ୍ଡାଇର ଅଳପୁଆ, ତରାଡିପାଳ ଓ ସିଂହଗାଁ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ନିଶ୍ଚିତ ଭାବେ ପ୍ରଶାସନିକ ଦାୟିତ୍ୱର ଅଂଶ । ଲୋକଙ୍କ ଦୁଃଖ

**ଚାଲିଛି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ, କେବେ ସ୍ଥାୟୀ ସମାଧାନ**

ଶୁଣିବା, ରିଲିଫ୍ ବ୍ୟବସ୍ଥା ଯାଞ୍ଚ କରିବା ଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ଜରୁରୀ। କିନ୍ତୁ ପ୍ରଶ୍ନ ହେଉଛି ପରିଦର୍ଶନ କେବଳ ପାଣି ଆସିବା ପରେ ହେବ ନା ଆଗରୁ ମଧ୍ୟ ସମାନ ଗୁରୁତ୍ୱରେ ପ୍ରସ୍ତୁତି ହେବ?

ଘାଗରାଡ଼ିଆ ଗ୍ରାମର ଚିତ୍ର ଆହୁରି ଚିନ୍ତାଜନକ। ଜୁଲାଇରେ ବନ୍ୟାରେ ପ୍ରଭାବିତ ହୋଇଥିବା ଏହି ଅଞ୍ଚଳ ଅଗଷ୍ଟରେ ପୁଣି ପାଣି ଘେରରେ। ଲୋକଙ୍କ ପାଖରେ ଡଙ୍ଗା ଯୋଗେ ସ୍ୱାସ୍ଥ୍ୟକର୍ମୀ ପହଞ୍ଚୁଛନ୍ତି, ଔଷଧ ଦିଆଯାଉଛି, ରକ୍ତଚାପ ଓ ମଧୁମେହ ପରୀକ୍ଷା ହେଉଛି। ଏହା ପ୍ରଶଂସନୀୟ। କିନ୍ତୁ ଏହା ମଧ୍ୟ ପ୍ରଶ୍ନ ଉଠାଏ ଗୋଟିଏ ଅଞ୍ଚଳକୁ ବର୍ଷକୁ ବାରମ୍ବାର ଡଙ୍ଗାରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ହିଁ କି ସ୍ଥାୟୀ ସମାଧାନ? ବନ୍ୟା ସମୟରେ ରିଲିଫ୍ ଦେବା ଆବଶ୍ୟକ, କିନ୍ତୁ ବନ୍ୟାର ମୂଳ କାରଣ ନେଇ ଦୀର୍ଘମିଆଦୀ ପଦକ୍ଷେପ ନିଆଯିବା ତା'ଠାରୁ ଅଧିକ ଆବଶ୍ୟକ। ନଦୀବନ୍ଧର ସ୍ଥିତି, ଦୁର୍ବଳ ସ୍ଥାନ, ଜଳ ନିଷ୍କାସନ ବ୍ୟବସ୍ଥା, ନାଳ ଓ ନଦୀର ପଙ୍କୋଦ୍ଧାର, ରାସ୍ତା ଉଚ୍ଚୀକରଣ ଓ ବନ୍ୟାପ୍ରବଣ ଗାଁଗୁଡ଼ିକର ସ୍ଥାୟୀ ସୁରକ୍ଷା ଏସବୁ ଦିଗରେ ନିରନ୍ତର କାମ ନହେଲେ ପ୍ରତିବର୍ଷ ରିଲିଫ୍ ଦେବା ଏକ ପୁନରାବୃତ୍ତ ଚକ୍ରରେ ପରିଣତ ହେବ।

ଆଉ ଏକ ଚିନ୍ତାଜନକ ଦିଗ ହେଉଛି ଯୋଗାଯୋଗ ବ୍ୟବସ୍ଥା। ୧୩୯ଟି ରାସ୍ତା ପାଣିରେ ବୁଡ଼ିଯିବା ଅର୍ଥ କେବଳ ଯାତାୟାତ ବନ୍ଦ ନୁହେଁ; ଏହା ରୋଗୀଙ୍କୁ ହସ୍ପିଟାଲ ନେବା, ଖାଦ୍ୟ ପହଞ୍ଚାଇବା, ଶିଶୁ ଓ ବୃଦ୍ଧଙ୍କ ସୁରକ୍ଷା, ଜରୁରୀ ସେବା ପହଞ୍ଚାଇବାରେ ବଡ଼ ବାଧା। ବିଦ୍ୟୁତ୍ ବ୍ୟବସ୍ଥାରେ ୮୭୦ ଜଣ ଉପଭୋକ୍ତା ପ୍ରଭାବିତ ହେବା ସହ ୨୩ଟି ଡିଟି ସେଣ୍ଟର ବିଚ୍ଛିନ୍ନ ରହିବା ମଧ୍ୟ ପ୍ରଶାସନ ପାଇଁ ଆଉଏକ ଚ୍ୟାଲେଞ୍ଜ। ବନ୍ୟା ଆସିବା ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ଉଚିତ। ନଚେତ ପ୍ରତିବର୍ଷ ସମାନ ଦୃଶ୍ୟ, ସମାନ ଘୋଷଣା, ସମାନ ରିଲିଫ୍ ଓ ସମାନ ଦୁର୍ଦ୍ଦଶା ଦେଖିବାକୁ ମିଳିବ।

## ବନ୍ୟାଞ୍ଚଳରୁ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କଲେ ତହସିଲଦାର

ରାଜକନିକା,୨୨।୮ (ସମିସ): ଜଳବନ୍ଦୀ ଜୀବନଯାପନ କରୁଥିବା ଜଣେ ଗର୍ଭବତୀ ରୋଗୀଙ୍କୁ ବୋଟ୍ ଯୋଗେ ଉଦ୍ଧାର କରି ମେଡିକାଲରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇ ଏବେ ପ୍ରଶଂସାର ପାତ୍ର ହୋଇଛନ୍ତି




କନିକା ତହସିଲଦାର। ବୈତରଣୀ ନଦୀରେ ବନ୍ୟା ହେବା ଫଳରେ ଏବେ ନଦୀକୂଳିଆ ଗାଁକୁ ବନ୍ୟା ପାଣି ଘେରି ଧନ ଜୀବନ ଅସ୍ତବ୍ୟସ୍ତ କରୁଥିବାବେଳେ କନପୁର ଗାଁ ସେଥିରୁ ବାଦ ପଡିନାହିଁ। କନିକା ତହସିଲଦାର ଭାନୁମତୀ ମାଝୀ ବୋଟ ଯୋଗେ କନପୁର ଗାଁକୁ ଯାଇ ଲୋକଙ୍କ ସମସ୍ୟା ବୁଝିଥିବାବେଳେ ସେହି ଗାଁର ବିଜୟ ସେଠୀଙ୍କ ପତ୍ନୀ ଗର୍ଭବତୀ ଅଛନ୍ତି। ସେ ଜନନୀ ଯନ୍ତ୍ରଣାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତାଙ୍କ ସମସ୍ୟାକୁ ଦେଖି ଆଜି କନିକା ତହସିଲଦାର ନିଜେ ବୋଟ ନେଇ ବିଜୟଙ୍କ ପତ୍ନୀଙ୍କୁ ବନ୍ୟା ପାଣିରୁ ଉଦ୍ଧାର କରି ନିଜ ଗାଡ଼ିରେ ଆଣି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛନ୍ତି। ତାଙ୍କର ଏକ ଶିଶୁ ପୁତ୍ର ଓ ବିଜୟଙ୍କ ସୁରକ୍ଷାକୁ ନଜରେ ରଖି ତହସିଲଦାର ଆଜି ସାନ୍ଧ୍ୟରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କିଛି ଶୁଖିଲା ଖାଦ୍ୟ ସହିତ ଆର୍ଥିକ ସହାୟତା କରିଛନ୍ତି।

## ଜୀବନକୁ ବାଜି ଲଗାଇ ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା

ରାଜନଗର,୨୨।୮ (ସମିସ): ବ୍ରାହ୍ମଣୀ ବନ୍ୟାରେ ରାଜନଗର ବ୍ଲକର ୬ ପଞ୍ଚାୟତର ୩୦ ହାଜର ଲୋକେ ୮ ଦିନ ହେଲା ପାଣି ଘେରରେ ଅଛନ୍ତି। ଗତକାଲିଠାରୁ ପାଣି ଅଳ୍ପ କମିଥିଲେ ମଧ୍ୟ ଲୋକେ ପାଣି ଘେରରେ ରହିଛନ୍ତି। ୮ଦିନ ଧରି ବନ୍ୟା ପାଣି ଘେରରେ ରହିବା ଓ ଠିକ ଭାବେ ଖାଦ୍ୟ ଓ ପିଇବା ପାଣି ନ ପାଇବା ଯୋଗୁ ବିପନ୍ନ ଅସୁସ୍ଥ ହୋଇପଡିଲେଣି। ଏପରି ସଙ୍କଟ ସ୍ଥିତିରେ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ରାଜନଗର ସ୍ୱାସ୍ଥ୍ୟ ବିଭାଗ ଅଣ୍ଟା ଭିଡିଛି। କୁମ୍ଭୀର ଓ ସାପ ଭୟକୁ



ଖାତିର ନ କରି ଜୀବନକୁ ବାଜି ଲଗାଇ ଡଙ୍ଗାରୁ ଓହ୍ଲାଇ ଆଣ୍ଠୁଏ ପାଣିରେ ପଶି ନିରନ୍ତର ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଦଳ। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି, ଡାକ୍ତର ମନୋରଞ୍ଜନ ନାଥ ବନ୍ଧପଡା, ବେଲପାଳ, ରାଜପୁର, ଓସ୍ତିଆ ପଞ୍ଚାୟତର ବନ୍ୟାଞ୍ଚଳକୁ ଡଙ୍ଗା ଯୋଗେ ଯାଇ ଆଣ୍ଠୁଏ ପାଣିରେ ପଶି ଲୋକଙ୍କ ଘରେ ପହଞ୍ଚି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଛନ୍ତି। ଗର୍ଭବତୀ, ପ୍ରସୂତି ମହିଳାଙ୍କଠାରୁ ଆରମ୍ଭ କରି ସାପ କାମୁଡା ରୋଗୀଙ୍କୁ ଚିକିତ୍ସା କରିବା ସହ ସହକର୍ମୀଙ୍କ ସହିତ ରଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଛନ୍ତି। ଡାକ୍ତର ଟିମର ଏଭଳି ସେବା ମନୋଭାବକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

## ବନ୍ୟାଞ୍ଚଳ ବୁଲି ସ୍ଥିତି ପରଖିଲେ ଆଳି ବିଧାୟକ

ରାଜକନିକା, ୨୨।୮ (ସମିସ): ଗତ ମାସ ୨୯ ତାରିଖରୁ ପ୍ରାୟ ଏକମାସ ଧରି ଉଭୟ ବୈତରଣୀ ଓ ଖରସ୍ରୋତା



ବନ୍ୟାରେ ଭାରିଗଦା ପଞ୍ଚାୟତର ୧୦ଟି ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ଏହି ୧୦ଟି ଗ୍ରାମକୁ ଯାଇ ଲୋକଙ୍କ ଅବସ୍ଥା ପରଖିଛନ୍ତି ଆଳି ବିଧାୟକ ପ୍ରତାପ ଦେବ। ଲୋକଙ୍କ ପାଖକୁ ଯାଇ ସେମାନେ ରିଲିଫ ପାଇଛନ୍ତି କି ନା ରନ୍ଧାଖାଦ୍ୟ ଦିଆଯାଇଛି କି ଓ ଗୃହପାଳିତ ପଶୁଙ୍କ ପାଇଁ କି ବ୍ୟବସ୍ଥା ହୋଇଛି, ପଚାରି ବୁଝିଛନ୍ତି। ବହୁ ମହିଳା ଗୋଷ୍ଠୀଙ୍କ ଦୟନୀୟ ଅବସ୍ଥା ଦେଖି ବିଚଳିତ ହୋଇ ତୁରନ୍ତ ସରକାର, ଜିଲ୍ଲା ଓ ବ୍ଲକ ପ୍ରଶାସନ ଲୋକଙ୍କ ଦୁର୍ଦ୍ଦଶା ସମୟରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ହଜାର ହଜାର ହେକ୍ଟର ଚାଷଜମି ଦୀର୍ଘ ଏକମାସ ବୁଡି ରହିବା ଦ୍ୱାରା ଧାନଚାଷ ଧୋଇ ଯାଇ ଚାଷୀଙ୍କ ଆଶା ଭରସାକୁ ଭାଙ୍ଗିଦେଇଛି। ବିଧାୟକ ଉପଯୁକ୍ତ କ୍ଷତିପୂରଣ ସହ ସମସ୍ତ କୃଷି ଋଣ ଛାଡ଼ କରିବାକୁ ସରକାରଙ୍କୁ ଦାବି କରିଛନ୍ତି।

## ବନ୍ୟା ବିପନ୍ନଙ୍କୁ ରିଲିଫ ବାଣ୍ଟିଲେ କନିକା ରାଜା ଶିବେନ୍ଦ୍ର

ରାଜନଗର,୨୨।୮ (ସମିସ): ଆଜି କନିକା ରାଜ ପରିବାର ପକ୍ଷରୁ କନିକା ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ରାଜନଗର ବ୍ଲକର ସବୁଠୁଁ ଅଧିକ



କ୍ଷତିଗ୍ରସ୍ତ ହୋଇଥିବା ଓସ୍ତିଆ ପଞ୍ଚାୟତର ବନ୍ଧପଟଣା, ଉପରଓସ୍ତିଆ, ତଳଓସ୍ତିଆ, ନଗଡ଼ ପ୍ରଭୃତି ଗାଁରେ ପହଞ୍ଚି ବନ୍ୟା ବିପନ୍ନ ଲୋକଙ୍କୁ ଭେଟିବା ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ରାଜାଙ୍କ ସହିତ ଯୁବନେତା ପ୍ରଶାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମଥର ପାଇଁ ବନ୍ୟା ଅଞ୍ଚଳବାସୀଙ୍କୁ ରାଜା ଶ୍ରୀ ଭଞ୍ଜଦେଓ ଭେଟିବା ସମୟରେ ମାଆମାନଙ୍କ ଦ୍ୱାରା ହୁଳହୁଳି ପକାଇ ସ୍ୱାଗତ କରିଥିଲେ। ପ୍ରାରମ୍ଭରେ ଓସ୍ତିଆ, ବନ୍ଧପଟଣା ଗାଁର ଆରାଧ୍ୟ ଦେବତା ଯେକି ପାଣି ଘେରରେ ରହିଥିବା ଶ୍ରୀଶ୍ରୀ ବାଟ ମହାଦେବଙ୍କୁ ଦର୍ଶନ କରି କୃପା ଭିକ୍ଷା କରିଥିଲେ।

## ତୁଳସୀକ୍ଷେତ୍ରରେ ଝୁଲଣ ଯାତ୍ରା

କେନ୍ଦ୍ରାପଡ଼ା,୨୨।୮ (ସମିସ): ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ପୀଠରେ ପବିତ୍ର ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ଏ ଅବସରରେ ଶ୍ରୀମନ୍ଦିର ପରିସର ଭକ୍ତି ଓ ଆଧ୍ୟାତ୍ମିକତାରେ ଭରିଯାଇଛି। ମନ୍ଦିରରୁ ରାଧାକୃଷ୍ଣଙ୍କ ବିଜେ ପ୍ରତୀମାଙ୍କୁ ପୂଜାପଣ୍ଡାଙ୍କ ଦ୍ୱାରା ବିଭିନ୍ନ ଅଳଙ୍କାର ଓ ଆଭୂଷଣରେ ସୁସଜ୍ଜିତ କରାଯାଇ ଝୁଲଣ ଗୃହକୁ ବିଜେ କରାଯାଇଥିଲା। ଦେବଦମ୍ପତିଙ୍କ ବିଜେ ପରେ ନାମ ସଂକୀର୍ତ୍ତନ ଓ ଭକ୍ତିମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେବାୟତ ତଥା ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀଙ୍କ ସୂଚନା ଅନୁଯାୟୀ, ଝୁଲଣ ଯାତ୍ରା ସାତଦିନ ଧରି ଅନୁଷ୍ଠିତ ହେବ। ପ୍ରତ୍ୟେହ ସନ୍ଧ୍ୟାରେ ଭଜନ, ଜଣାଣ, ଚମ୍ପୂ, ଗୀତଗୋବିନ୍ଦ ସମେତ ବିଭିନ୍ନ ଭକ୍ତିମୂଳକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।



## ସ୍ୱୟଂପ୍ରଭା ଗଣବିବାହ ସମିତିର ରନ୍ଧାଖାଦ୍ୟ ବଣ୍ଟନ



ପଟ୍ଟାମୁଣ୍ଡାଇ,୨୨।୮ (ସମିସ): ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତ ବିଶେଷ ଭାବେ କ୍ଷତିଗସ୍ତ ହୋଇଛି। ବିପନ୍ନ ଲୋକଙ୍କୁ ସହାୟତାର ହାତ ବଢ଼ାଇଛି ସ୍ୱୟଂପ୍ରଭା ଗଣବିବାହ ସମିତି ଓ ସମିତି ସଭାପତି ସମାଜସେବୀ ସଞ୍ଜୟ ସ୍ୱାଇଁ, ସମ୍ପାଦକ ମିଟୁ ମନୋଜ ନାୟକ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପୂର୍ବତନ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ଜ୍ୟୋତି ପ୍ରକାଶ ପ୍ରଧାନ, ସୁକାନ୍ତ ଦାସ, ହିମାଂଶୁ କୁଣ୍ଡ, ଆଡଭୋକେଟ ଶିଶିର ମଲିକ, ପିଣ୍ଟୁ ସାହୁ, ଦିବାକର ବେହେରା ପ୍ରମୁଖ ଶ୍ରୀରାମପୁର ପଞ୍ଚାୟତର ଉଦୟପୁର ଡାମରପୁର ପଞ୍ଚାୟତର ଜେନାପାଟଣା ଗ୍ରାମକୁ ଯାଇ ବିପନ୍ନ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରିଥିଲେ।

## ଧନୁର୍ଜୟ ବିଶ୍ୱାଳ ଟ୍ରଷ୍ଟ ପକ୍ଷରୁ ସହାୟତା

ପଟ୍ଟାମୁଣ୍ଡାଇ,୨୨।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଧନୁର୍ଜୟ ବିଶ୍ୱାଳ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକର ବନ୍ୟା ବିପନ୍ନ ତରଡ଼ିପାଳ, ଅଳପୁଆ, ପେଣ୍ଡପାଳ, ଅମୃତମଣୋହି ପଞ୍ଚାୟତର ବିପନ୍ନଙ୍କୁ ଅଟା, ସୁଜି, ଚୁଡା, ବିସ୍କୁଟ, ବ୍ଲିଚିଂ, ପିଇବା ପାଣି ସହିତ ଓଆରଏସ ବଣ୍ଟନ କରାଯାଇଛି। ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ଇଂ ଭଗବାନ ବିଶ୍ୱାଳ ବନ୍ୟା ବିପନ୍ନ ଅଞ୍ଚଳକୁ ଯାଇ ୭ ଶହ ବିପନ୍ନ ପରିବାରକୁ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟାନନ୍ଦ ବିଶ୍ୱାଳ, ଅରୂପାନନ୍ଦ ବିଶ୍ୱାଳ, ହରମୋହନ ବିଶ୍ୱାଳ, ବୁଦ୍ଧେଶ୍ୱର ପାତ୍ର, ପୂର୍ବତନ ସରପଞ୍ଚ ନାରାୟଣ ପରିଡା, ରମେଶ ବାରିକ, ଗିରିଶ ବିଶ୍ୱାଳ, ଅଶୋକ ବିଶ୍ୱାଳ, ରମଣୀରଞ୍ଜନ ଦାଶ, ବିଧୁଭୂଷଣ ବିଶ୍ୱାଳ, ଅଜୟ ରାଉତ ପ୍ରମୁଖ ବିଭିନ୍ନ ବନ୍ୟା ବିପନ୍ନ ଗାଁ ବୁଲି ବିପନ୍ନ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନରେ ସହାୟତା କରିଥିଲେ।



## ବନ୍ୟାଞ୍ଚଳ ବୁଲିଲେ, ରିଲିଫ ବାଣ୍ଟିଲେ ବିଧାୟକ




ରାଜନଗର,୨୨।୮ (ସମିସ): ରାଜନଗରରେ ବନ୍ୟା ସ୍ଥିତି ସଙ୍ଗିନ ରହିଛି। ୨୦୧୧ ପରେ ରାଜନଗରରେ ସବୁଠୁ ଅଧିକ ପାଣି ଆସିଛି। ୮ ଦିନ ହେଲା ରାଜନଗରର ୩୦ ହଜାର ବିପନ୍ନ ପାଣି ଘେରରେ ରହିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ବନ୍ୟାଞ୍ଚଳ ବୁଲି ଲୋକଙ୍କ ଅଭାବ ଅସୁବିଧା ବୁଝିବା ସହିତ ରିଲିଫ ସାମଗ୍ରୀ ବଣ୍ଟନ କରିଛନ୍ତି। ରାଜନଗର ବ୍ଲକ ଅନ୍ତର୍ଗତ ଓସ୍ତିଆ ଓ ବନ୍ଧପଟଣା ଗ୍ରାମରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ବିପନ୍ନ ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ ପ୍ରଦାନ କରିଛନ୍ତି। ବିଧାୟକଙ୍କ ସହିତ ୩୦ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ, ସମାଜସେବୀ ରାଧାକାନ୍ତ ରାଉତରାୟ ପ୍ରମୁଖ ବନ୍ୟାଞ୍ଚଳ ବୁଲି ରିଲିଫ ସାମଗ୍ରୀ ବଣ୍ଟନ କରିଛନ୍ତି।

## ନାବାଳିକାଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ଜଣେ ଗିରଫ

କେନ୍ଦ୍ରାପଡ଼ା,୨୨।୮ (ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଜଣେ ଛଅ ବର୍ଷୀୟା ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ଭଳି ସମ୍ବେଦନଶୀଳ ଅଭିଯୋଗକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହି ଘଟଣାରେ ପୁଲିସ ତୁଣ୍ଡପୁର ଅଞ୍ଚଳର ଅରକ୍ଷିତ ନାୟକ (୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣା ସମୟରେ ନାବାଳିକା ଜଣକ ଘରେ ଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କ ଘରକୁ ଯାଇଥିବା ଅଭିଯୋଗ ହୋଇଛି। ଘରେ କେହି ନ ଥିବାର ସୁଯୋଗ ନେଇ ସେ ନାବାଳିକାଙ୍କ ପ୍ରତି ଯୌନ ନିର୍ଯାତନା କରିଥିବା ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ନାବାଳିକାଙ୍କ ମାଆ ପୁଲିସରେ ଅଭିଯୋଗ କରିବା ପରେ ସଦର ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗ ଆଧାରରେ ଅରକ୍ଷିତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ନାବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ମହିଳାଙ୍କ ସୁନାଚେନ୍ ଝାମ୍ପିନେଲେ ୨ ଦୁର୍ବୃତ୍ତ

ଗରଦପୁର,୨୨।୮ (ସମିସ): କୁଦାନଗରୀ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମର ମହିଳା ନୟନା ରାଉତଙ୍କ ବେକରୁ ୨୨ ଗ୍ରାମ ଓଜନର ସୁନାଚେନ୍ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ନୟନା ଆଜି ସକାଳ ୬ ଘଟିକା ସମୟରେ ଘରୁ ଦାସ ସାହି ଅଭିମୁଖେ ପ୍ରାତଃ ଭ୍ରମଣରେ ଯାଇଥିବାବେଳେ ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ଏହି ଲୁଟ୍ କରିଛନ୍ତି। ଏ ନେଇ ନୟନା ସ୍ଥାନୀୟ କୁଦାନଗରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ କୁଦାନଗରୀ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି ବୋଲି ଥାନା ଅଧିକାରୀ ଜଗନ୍ନାଥ ପ୍ରାଣିଗ୍ରାହୀ ସୂଚନା ଦେଇଛନ୍ତି। ଏଭଳି ଲୁଟ୍ ହେବା କୁଦାନଗରୀ ଥାନା ଅଞ୍ଚଳରେ ନୂଆ କଥା ନୁହେଁ। ଏଥିପୂର୍ବରୁ ଚାଞ୍ଚଳ-କୋରୁଆ ରାସ୍ତାରେ କଲେଜ୍ ଛାତ୍ରୀଙ୍କ ବେକରୁ ବି ସୁନାଚେନ୍ ଲୁଟ ହୋଇଥିଲା। ଏହାଛଡା ଗଜିପୁର ଓ ଧାନମୁଣ୍ଡଳ ରାସ୍ତାରେ ଜଣେ ମହିଳା ସ୍କୁଟିରେ ଯାଉଥିବା ସମୟରେ ଲୁଟେରା ଲୁଟ୍ କରିଥିଲେ। ଥାନା ଅଧୀନରେ ମାହାଳ ଓ ଧସନାପାରିଠାରେ ଥିବା ବିଦେଶୀ ମଦ ଦୋକାନ ଏହାର ମୁଖ୍ୟ କାରଣ ବୋଲି କୁହାଯାଇପାରେ। ମଦ ଦୋକାନ ସମ୍ମୁଖରେ ଦିନଦ୍ୱିପହରରେ ବେଧଡକ ଭାବେ ରାସ୍ତା ମଝିରେ ଠିଆ ହୋଇ ମଦ ପିଉଥିଲେ ମଧ୍ୟ କୁଦାନଗରୀ ପୋଲିସ ଜଳଜଳ କରି ଦେଖୁଥିଲେ ବି ଚୁପ୍ ରହିବା ସମସ୍ତଙ୍କୁ ଆଶଙ୍କାରେ ପକାଇଛି। ଏହାଛଡା ରାତି ହେଲେ ମାହାଳ ଉଚ୍ଚବିଦ୍ୟାଳୟ ପଡିଆ, ଚଅଁପୁର ଖେଳ ପଡିଆ, ଧାନମୁଣ୍ଡଳ-ନାଗଣପୁର ରାସ୍ତାରେ ଅସାମାଜିକ ଯୁବକଙ୍କ ଭିଡ ଜମୁଛି। ଏସବୁ ଘଟଣାକୁ ନେଇ କୁଦାନଗରୀ ଥାନା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ପୁଲିସ ଉପରକୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ, ସାଧାରଣ ଜନସାଧାରଣ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।

### ଏକ୍ସରେ ରୁମ୍‌ରେ ରେଡିଓଗ୍ରାଫରଙ୍କୁ ଡାକ୍ତରଙ୍କ ଆକ୍ରମଣ ଅଭିଯୋଗ

## ଏକ୍ସରେ ବନ୍ଦ କରି କର୍ମଚାରୀଙ୍କ ଧାରଣା

କେନ୍ଦ୍ରାପଡ଼ା,୨୨।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏକ୍ସରେ ବିଭାଗରେ ଜଣେ ଜୁନିୟର ରେଡିଓଗ୍ରାଫରଙ୍କୁ ଜଣେ ଡାକ୍ତର ଆକ୍ରମଣ କରିଥିବା ଅଭିଯୋଗକୁ ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଛି। ଘଟଣାର ପ୍ରତିବାଦରେ ରେଡିଓଗ୍ରାଫର ଓ ଅନ୍ୟ କର୍ମଚାରୀ କିଛି ସମୟ ପାଇଁ ରୋଗୀ ସେବା ବନ୍ଦ କରି ଧାରଣାରେ ବସିଥିବାରୁ ଏକ୍ସରେ ସେବା ବାଧାପ୍ରାପ୍ତ ହୋଇଥିଲା। ପରେ ସିଡିଏମ୍‌ଓଙ୍କ ଆଲୋଚନା ଓ କାର୍ଯ୍ୟାନୁଷ୍ଠାନର ଆଶ୍ୱାସନା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।

ଶୁକ୍ରବାର ରାତିରେ ଏକ୍ସରେ ରୁମ୍‌ରେ ଜୁନିୟର ରେଡିଓଗ୍ରାଫର ସତ୍ୟବ୍ରତ ରାଉତ ଓ ଜଣେ ଡାକ୍ତର ଡ୍ୟୁଟିରେ ଥିଲେ। ରାତି ପ୍ରାୟ ୪ଟା ସମୟରେ ଜଣେ ରୋଗୀ ଏକ୍ସରେ କରାଇବା ପାଇଁ ଆସି ରୁମ୍‌ର କବାଟ ବାଡାଇଥିଲେ। ପ୍ରାୟ ୧୫ ମିନିଟ୍ ପରେ କବାଟ ଖୋଲାଯାଇ ରୋଗୀଙ୍କ ଏକ୍ସରେ କରାଯାଇଥିଲା। ପରେ ଡାକ୍ତର ଜଣକ ଏକ୍ସରେ ରୁମ୍‌କୁ ଆସି ରେଡିଓଗ୍ରାଫର ସତ୍ୟବ୍ରତ ରାଉତଙ୍କୁ ରାତିରେ ଶୋଇଥିବା ନେଇ ପଚାରିବା ସହ ଦୁର୍ବ୍ୟବହାର କରିଥିବା ଓ ତାଙ୍କୁ ମାଡ଼ ମାରିଥିବା ସତ୍ୟବ୍ରତ ଅଭିଯୋଗ କରିଛନ୍ତି। ଏହି ସମୟରେ ଘଟଣାର ଭିଡିଓ ମୋବାଇଲରେ ରେକର୍ଡ କରୁଥିବା ଜଣେ କର୍ମଚାରୀଙ୍କଠାରୁ ଡାକ୍ତର ମୋବାଇଲ

**ସିଡିଏମ୍‌ଓଙ୍କ ହସ୍ତକ୍ଷେପ ପରେ ସ୍ୱାଭାବିକ ହେଲା ସେବା**

ଛଡ଼ାଇ ନେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏଥିସହ ଏକ୍ସରେ ମେସିନ୍‌ରେ ବ୍ୟବହୃତ କ୍ୟାସେଟ୍ ଭାଙ୍ଗି ଦିଆଯାଇଥିବା କର୍ମଚାରୀ ଅଭିଯୋଗ କରିଛନ୍ତି। ଘଟଣା ପରେ ରେଡିଓଗ୍ରାଫର ତାଙ୍କ ଇନ୍‌ଚାର୍ଜ ଗୀତାଞ୍ଜଳି ଜେନାଙ୍କୁ ସୂଚନା ଦେଇଥିଲେ। ପ୍ରାୟ ୪ଟା ୩୦ରେ ଇନ୍‌ଚାର୍ଜ ଏ ସମ୍ପର୍କରେ ମେଡିକାଲ ଏଡିଏମ୍‌ଓ ଡା. କିଶୋର ଚନ୍ଦ୍ର ମିଶ୍ରଙ୍କୁ ଜଣାଇଥିଲେ। ଏଡିଏମ୍‌ଓଙ୍କ ନିର୍ଦ୍ଦେଶରେ ହସ୍ପିଟାଲ ମ୍ୟାନେଜର ଘଟଣାସ୍ଥଳକୁ ଯାଇଥିଲେ। ପରେ ଫାଣ୍ଡିରୁ କର୍ମଚାରୀଙ୍କ ମୋବାଇଲ ଆଣି ତାଙ୍କୁ ଫେରାଇ ଦିଆଯାଇଥିଲା। ଘଟଣା ସମ୍ପର୍କରେ ରାଜ୍ୟ ସଂଘକୁ ଅବଗତ କରାଯିବା ପରେ ସକାଳ ଡ୍ୟୁଟିରେ ଆସିଥିବା କର୍ମଚାରୀ ଏକଜୁଟ ହୋଇ ନ୍ୟାୟ ଦାବିରେ ସେମାନେ ଏକ୍ସରେ ସେବା ବନ୍ଦ କରି ଧାରଣାରେ ବସିଥିଲେ। ଖବର ପାଇ ସିଡିଏମ୍‌ଓ ଡା. ନମିତା ପଟ୍ଟନାୟକ ମେଡିକାଲରେ ପହଞ୍ଚି କର୍ମଚାରୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯୋଗର ତଦନ୍ତ କରାଯାଇ ୭୨ ଘଣ୍ଟା ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେବା ପରେ କର୍ମଚାରୀ ଧାରଣାରୁ ଉଠିଥିଲେ। ପରେ ଏକ୍ସରେ ସେବା ପୁଣି ସ୍ୱାଭାବିକ ଭାବେ ଆରମ୍ଭ ହୋଇଥିଲା। ଏନେଇ କର୍ମଚାରୀ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

**ମାସେ ହେଲା ପାଣି ପମ୍ପ୍ ଅଚଳ**

## ଗଜିପୁରରେ ପାନୀୟଜଳ ସମସ୍ୟା

ଗରଦପୁର,୨୨।୮ (ସମିସ): ଗରଦପୁର ବ୍ଲକ ଭଗବାନପୁର ପଞ୍ଚାୟତର ଗଜିପୁର ଗ୍ରାମରେ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ବସୁଧା ଯୋଜନାରେ ଥିବା ପାନୀୟଜଳ ପ୍ରକଳ୍ପ ଏକମାସରୁ ଉର୍ଦ୍ଧ୍ୱ ହେବ ଅଚଳ ହୋଇପଡିଛି। ଏହାକୁ ସଚଳ କରିବାକୁ ସରପଞ୍ଚଙ୍କ ସମେତ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ବିଭାଗର ଚେତା ପଶୁ ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପାନୀୟଜଳ ପ୍ରକଳ୍ପ ଉପରେ ଗଜିପୁର, ଭଗବାନପୁର ଓ କାବିଲିପୁର ଗ୍ରାମବାସୀ ନିର୍ଭର କରନ୍ତି। ଉକ୍ତ ପ୍ରକଳ୍ପର ପାଣି ପମ୍ପ ଅଚଳ ହୋଇଯିବା ହେତୁ ଅଧିବାସୀଙ୍କ ସମେତ ଗୃହପାଳିତ ପଶୁ ମଧ୍ୟ ପାଣି ମୁନ୍ଦେ ପାଇଁ ନାନାଦି ହଇରାଣ ହେଉଥିବା ଉକ୍ତ ଗ୍ରାମର ପ୍ରକାଶ ଜେନା, ହରିହର ଜେନା ପ୍ରମୁଖ କହିଛନ୍ତି। ଏ ସମସ୍ୟା ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବିଦ୍ୟୁଲତା ରାଉତଙ୍କୁ ପଚାରିବାରୁ ସରପଞ୍ଚ ରାଜେନ୍ଦ୍ର ମଲ୍ଲିକଙ୍କ ସହିତ ଆଲେଚନା କରି ପାଣି ପମ୍ପ ମରାମତି ପାଇଁ ଦିଆଯାଇଛି। ଚାରି/ପାଞ୍ଚ ଦିନ ମଧ୍ୟରେ ଲୋରିଙ୍ଗ କରାଯାଇ ପାନୀୟଜଳ ଯୋଗାଣ ହେବ ବୋଲି କହିଛନ୍ତି।



ଅଧା ଗଛରୁ ବାହାରିଲା କଦଳୀ କାନ୍ଦି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଶିମିଳିଆ ଗ୍ରାମର ରଶ୍ମିକାନ୍ତ ମହାନ୍ତିଙ୍କ ଘର ନିକଟରେ ଥିବା କଦଳୀ ଗଛରେ ଏହା ଦେଖିବାକୁ ମିଳିଛି।

● ପାଟକୁରା ବିଧାୟକଙ୍କ ଅଶାଳୀନ ମନ୍ତବ୍ୟ ନେଇ ତେଜୁଛି ବିବାଦ

## ପ୍ରତିବାଦରେ ଅରବିନ୍ଦଙ୍କ କୁଶପୁତ୍ତଳିକା ଦାହ



ଡେରାବିଶ,୨୨।୮ (ସମିସ): ପାଟକୁରା ବିଧାୟକ ଆରବିନ୍ଦ ମହାପାତ୍ରଙ୍କ ଅଶାଳୀନ ମନ୍ତବ୍ୟକୁ ନେଇ ଆଜି ସନ୍ଧ୍ୟାରେ ଚାନ୍ଦୋଳଠାରେ ଚାନ୍ଦୋଳ ମଣ୍ଡଳ ବିଜେପି ପକ୍ଷରୁ ଅରବିନ୍ଦଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଚାନ୍ଦୋଳ ମଣ୍ଡଳ ବିଜେପିର ସମ୍ପାଦକ ବିକାଶ କୁମାର ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ଶତପଥୀ ଓ ମମତା ସେଠୀ, ମଣ୍ଡଳ ଉପସଭାପତି ସଂଜୟ ତ୍ରିପାଠୀ, ମୁକୁନ୍ଦପୁର ପଞ୍ଚାୟତ ପ୍ରମୁଖ ବିଦ୍ୟୁତ୍ ଭୂଷଣ ମହାନ୍ତି, ଖମୋଳ ପଞ୍ଚାୟତ ପ୍ରମୁଖ ଅଜୟ ମଲ୍ଲ, ବସପୁର ପଞ୍ଚାୟତ ପ୍ରମୁଖ ସୁରେଶ ଚନ୍ଦ୍ର ପଟ୍ଟନାୟକ, ମଣ୍ଡଳ ଉପସଭାପତି ସୁଚିତ୍ରା ସାହୁ, ଗୌରହରି ଦାସ ଯୋଗଦେଇ ଗତକାଲି ଡେରାବିଶ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯେଉଁ ଅଶାଳିନ ମନ୍ତବ୍ୟ ପ୍ରଦାନ କରିଥିଲେ, ତା'ର ତୀବ୍ର ପ୍ରତିବାଦ କରି ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ, ଶ୍ରୀ ମହାପାତ୍ର ଗତକାଲି ବ୍ଲକ୍ କର୍ମଚାରୀଙ୍କ କଲମ ଛାଡ଼ ଆନ୍ଦୋଳନକୁ ସମର୍ଥନ କରି ଜନପ୍ରତିନିଧିଙ୍କ ବ୍ୟତୀତ ବ୍ଲକ୍‌କୁ ଆସୁଥିବା ଯେକୌଣସି ବ୍ୟକ୍ତିଙ୍କୁ କାର୍ଯ୍ୟାଳୟ ପରିସରରୁ ତଣ୍ଟିଆ ମାରି ବିଦା କରବା ପାଇଁ ପ୍ରତ୍ୟକ୍ଷ ଭାବେ ପ୍ରୋତ୍ସାହିତ କରିଥିଲେ। ଏଥିସହିତ ଏହି ବ୍ଲକ କାର୍ଯ୍ୟାଳୟ କାହା ବାପାର ନୁହେଁ ବୋଲି ତାଙ୍କ ମନ୍ତବ୍ୟରେ କହିଥିଲେ। ଏହି ଘଟଣାରେ ବୁଦ୍ଧିଜୀବୀ ମହଲରେ ତାଙ୍କ ମନ୍ତବ୍ୟକୁ ନେଇ ନାପସନ୍ଦ କରାଯାଇଥିବାବେଳେ ଜଣେ ଶିକ୍ଷିତ ଜନପ୍ରତିନିଧିଙ୍କ ମୁଖରୁ ଏଭଳି ଅଶାଳୀନ ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

# ମଦ ମୁକ୍ତ ଓଡ଼ିଶା ଗଠନ ଦାବି: ସଚେତନତା ସଭା ଓ ତ୍ରିରଙ୍ଗା ଯାତ୍ରା

ଜଗତସିଂହପୁର,୨୨।୮ (ସମିସ)



ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସଂପୂର୍ଣ୍ଣ ମଦମୁକ୍ତ ଓଡ଼ିଶା ଦାବିରେ ଜଗତସିଂହପୁର ଜିଲ୍ଲାର ପିତେଇପୁର ପଞ୍ଚାୟତ ଉଗାଳପୁର ଗ୍ରାମଠାରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଥାଉକି ବିଜେପି ସରକାର ଶାସନକୁ ଆସିବା ପୂର୍ବରୁ ଦଳ ପକ୍ଷରୁ ଜାରି କରାଯାଇଥିବା ସଂକଳ୍ପ ପତ୍ରରେ ଓଡ଼ିଶାକୁ ମଦମୁକ୍ତ ରାଜ୍ୟ ଘୋଷଣା କରିବା ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ମଦମୁକ୍ତ କରିବା ପରିବର୍ତ୍ତେ ଓଡ଼ିଶାରେ ବିଜେପି ସରକାର ମଦ ପ୍ରସାରଣ କାର୍ଯ୍ୟରେ ମାତିଛନ୍ତି। ଏହାର ପ୍ରତିବାଦରେ ରାଜ୍ୟର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ତ୍ରିରଙ୍ଗା ଯାତ୍ରା ୭୨ ଦିନରେ ପହଞ୍ଚିଲାଣି। ଏହି ଯାତ୍ରାକୁ ସମର୍ଥନ କରି ପିତେଇପୁର ଠାରେ ଜିଲ୍ଲା ଶାଖାର ଆବାହିକା ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଆହ୍ୱାନରେ ସଚେତନତା ସଭା ସହ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ପିତେଇପୁର ପଞ୍ଚାୟତ ଉଗାଳପୁର ଗାଁ ପରିକ୍ରମା କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଙ୍ଗଠନର ରାଜ୍ୟ କାର୍ଯ୍ୟାଳୟ ସଂପାଦକ ଶୁଭେନ୍ଦୁ ରାଉତ ରାୟ, ଉପସଭାପତି ଖଗେଶ୍ୱର ବଳ, ବରିଷ୍ଠ ଗାନ୍ଧୀବାଦୀ ସୁରେନ୍ ରାଉତ ଓ ମଣ୍ଡାସାହି ପଞ୍ଚାୟତର ସବିତା ବେହେରା, ଲିଲି ପଢିହାରୀ, ରାଧା ପ୍ରଧାନ ଏବଂ ସ୍ଥାନୀୟ ଅଞ୍ଚଳର କର୍ମୀ ପୁଷ୍ପଲତା ଦଳାଇ, ସରସ୍ୱତୀ ସ୍ୱାଇଁ, ସୀମାରାଣୀ, ସ୍ୱର୍ଣ୍ଣପ୍ରଭା ବାରିକ, ସ୍ୱପ୍ନା ରାଉତ, ସସ୍ମିତା ମହାନ୍ତି, ସନ୍ଧ୍ୟାରାଣୀ ସ୍ୱାଇଁ, ଶାନ୍ତିଲତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

ପିତେଇପୁର ଗ୍ରାମର ମଦ ମୁକ୍ତ ଅଭିଯାନର କର୍ମୀମାନେ ତ୍ରିରଙ୍ଗା ଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଉକ୍ତ ଯାତ୍ରାରେ ପୁଷ୍ପଲତା ଦଳାଇ, ସରସ୍ୱତୀ ସ୍ୱାଇଁ ପ୍ରମୁଖ ସହ ଲଯୋଗ କରିଥିଲେ।

# ସେପ୍ଟେମ୍ବର ୧୨ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଜଗତସିଂହପୁର,୨୨।୮ (ସମିସ): ଜଗତସିଂହପୁର ଜିଲ୍ଲାସ୍ତରୀୟ ଓ ତାଲୁକ ସ୍ତରୀୟ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସେପ୍ଟେମ୍ବର ୧୨ ତାରିଖରେ ସମସ୍ତ ଅଦାଲତ ଏବଂ ସମସ୍ତ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ଟ୍ରାଫିକ ଚାଲାଣ ମାମଲା, ରାଜସ୍ୱ ମାମଲା, ଶ୍ରମ ବିବାଦ, ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ମୋଟର ଦୁର୍ଘଟଣା ଦାବି ସଂପର୍କୀତ ଓ ଅନ୍ୟାନ୍ୟ ଦିୱାନୀ ମକଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମକଦ୍ଦମା ନୁହେଁ ପ୍ରାକ ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା) ବିଏସ୍ଏନ୍ଏଲ୍ ବିବାଦ, ବ୍ୟାଙ୍କ ଋଣ ବିବାଦ, ସାଲିସ୍ ଯୋଗ୍ୟ ଟ୍ରାଫିକ ଚାଲାଣ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୁଡାନ୍ତ ଏବଂ ଅମଳ ଯୋଗ୍ୟ। ଯଦି କୌଣସି ବିଚାରାଧୀନ ମୋକଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ପ୍ରଦାନ କରାଯାଇଛି।

# ଆମ ଗାଁ ସାହିତ୍ୟ ସଂସଦର ବର୍ଷା ଆସର




ଜଗତସିଂହପୁର,୨୨।୮ (ସମିସ)

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ବୃନ୍ଦାବନଚନ୍ଦ୍ର ମନ୍ଦିର ପରିସରରେ ଆମ ଗାଁ ସାହିତ୍ୟ ସଂସଦର ବର୍ଷା ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଆସରରେ ସଂସଦର ସମ୍ପାଦକ ଅଲେଖ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ, ସୁଶ୍ରୀ ଗୀତା ରଥ ବର୍ଷା ଉପରେ ବିଭିନ୍ନ କବିଙ୍କର ଲେଖାକୁ ନେଇ ସମୀକ୍ଷା କରିଥିଲେ। ସେହିପରି ଉପସ୍ଥିତ ସଭ୍ୟ ସଭ୍ୟାମାନେ ବର୍ଷା ଉପରେ ସ୍ୱରଚିତ କବିତା ମାନ ପାଠ କରିଥିଲେ।

ଏହି ଅବସରରେ ସଂସଦର ଉପ ସଭାପତି କୈଳାସ ଚନ୍ଦ୍ର ମଲ୍ଲିକଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଆସରରେ ବନମାଳୀ ମହାରଣା, ଶାନ୍ତନୁ ମିଶ୍ର, ସଦାଶିବ ବିଶ୍ୱାଳ, ରାଜକିଶୋର ସାହୁ, ସୁବାସ ନାୟକ, ଶୁଭ୍ରାଂଶୁ ଆଚାର୍ଯ୍ୟ, ନିରଞ୍ଜନ ପାତ୍ର, ପରୀକ୍ଷିତ ମହାନ୍ତି, ସରୋଜ ନାୟକ, ନିମାନନ୍ଦ ଦାସ, ଉପେନ୍ଦ୍ର ନାଥ ରଥ, ଭାସ୍କର ଚନ୍ଦ୍ର ବେହେରା ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ବିଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମନ୍ତ୍ରୀଙ୍କୁ ଭେଟିଲେ ବିଜେପି ନେତା

# ବାଲିପାଟଣା ସାପ୍ତାହିକ ହାଟ ସମସ୍ୟା ଦୂର ଦାବି

ବାଲିକୁଦା,୨୨।୮ (ସମିସ)

ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ଅନ୍ତର୍ଗତ ବାଲିପାଟଣା ସାପ୍ତାହିକ ହାଟର ଦୁରବସ୍ଥା ସମ୍ପର୍କରେ ବାଲିକୁଦା ଅଞ୍ଚଳର



ବିଜେପି ନେତା ଟୁକୁନା ରାଉତ ଆଜି ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକଙ୍କୁ ଭେଟି ବାଲିପାଟଣା ହାଟର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଶ୍ରୀ ରାଉତ ମନ୍ତ୍ରୀଙ୍କୁ ହାଟର ସମ୍ପୂର୍ଣ୍ଣ ଦୁରବସ୍ଥାର ଭିଡିଓ ଦେଖାଇବା ସହ ହାଟରେ ତୁରନ୍ତ ମୌଳିକ ସୁବିଧା ଯୋଗାଇବାକୁ ଦାବି ଜଣାଇଥିଲେ। ହାଟରେ ସ୍ଥାୟୀ ପିଣ୍ଡି, ହାଟ ଗୃହ, ଡ୍ରେନେଜ, ପାର୍କିଂ ଷ୍ଟାଣ୍ଡ ଓ ଆଲୋକୀକରଣ ଭଳି ସୁବିଧା ନଥିବାରୁ ଚାଷୀ, ବ୍ୟବସାୟୀ ଓ ସାଧାରଣ ଲୋକେ ପ୍ରତି ସପ୍ତାହରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ସେ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ। ବିଶେଷକରି ବର୍ଷା ହେଲେ ହାଟ ପରିସର କାଦୁଅ ଓ ପାଣିରେ ଭରିଯାଉଥିବାରୁ ଚାଷୀମାନେ ପାଲ ତଳେ କିମ୍ବା ଖୋଲା ଆକାଶ ତଳେ ପନିପରିବା ବିକ୍ରି କରୁଛନ୍ତି। ଅନ୍ୟପକ୍ଷରେ ପାର୍କିଂ ଷ୍ଟାଣ୍ଡ ନଥିବାରୁ ଶହ ଶହ ବାଇକ୍ ଓ ସାଇକେଲ ମୁଖ୍ୟ ରାସ୍ତା ଉପରେ ରଖାଯାଉଥିବାରୁ ଯାତାୟାତ ବ୍ୟାହତ ହେଉଛି। ହାଟର ଆଲୋକୀକରଣ ବ୍ୟବସ୍ଥା ଅଚଳ ହୋଇଥିବା ସହ ଜବରଦଖଲ ଯୋଗୁଁ ଡ୍ରେନେଜ କାମ ଅଧାରେ ଅଟକିଥିବା ନେଇ ମଧ୍ୟ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ବାଲିପାଟଣା ହାଟ ଉପରେ ବରମୁଣ୍ଡଳୀ ସମେତ ପ୍ରାୟ ୮ଟି ପଞ୍ଚାୟତ ଏବଂ ବାଲିକୁଦା ଓ ନାଉଗାଁ ବ୍ଲକର ଶତାଧିକ ଚାଷୀ ଓ ବ୍ୟବସାୟୀ ନିର୍ଭରଶୀଳ। ତେଣୁ ହାଟର ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ କରିବା ସହ ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ସୁବିଧା ସୃଷ୍ଟି କରିବାକୁ ଶ୍ରୀ ରାଉତ ଦାବି କରିଥିଲେ।

ମନ୍ତ୍ରୀ ରବି ନାଏକ ହାଟର ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ରାଉତ ସୂଚନା ଦେଇଛନ୍ତି।

# ସହପାଠୀଙ୍କ ପରିବାରକୁ ସହାୟତା



ବାଲିକୁଦା,୨୨।୮ (ସମିସ): ବନ୍ଧୁତ୍ୱ କେବଳ ସୁଖର ସାଥୀ ହେବା ନୁହେଁ, ବିପଦ ଓ ଦୁଃଖର ସମୟରେ ପାଖରେ ଠିଆ ହେବା ହିଁ ପ୍ରକୃତ ବନ୍ଧୁତ୍ୱ। ଏହାର ଏକ ଭାବପୂର୍ଣ୍ଣ ଉଦାହରଣ ସୃଷ୍ଟି କରିଛନ୍ତି ଜନତା ହାଇସ୍କୁଲର ୨୦୦୪ ମାଟ୍ରିକ୍ ବ୍ୟାଚ୍‌ର ସହପାଠୀମାନେ। ସହପାଠୀ ଗୌରାଙ୍ଗ ଦାସଙ୍କ ଅକାଳ ବିୟୋଗରେ ତାଙ୍କ ପରିବାର ପ୍ରତି ସହଯୋଗର ହାତ ବଢ଼ାଇଛନ୍ତି ୨୦୦୪ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମାନେ। ନିଜ ମଧ୍ୟରୁ ଅର୍ଥ ସଂଗ୍ରହ କରି ୬୦ ହଜାର ଟଙ୍କା ସହାୟତା ରାଶି ଗୌରାଙ୍ଗଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ବ୍ୟାଚ୍‌ର କିଛି ସହପାଠୀ ଗୌରାଙ୍ଗଙ୍କ ଘରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଏହି ସହାୟତା ରାଶି ହସ୍ତାନ୍ତର କରିଥିଲେ। ଏହି ଭାବପୂର୍ଣ୍ଣ ଅବସରରେ ଜନତା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ବିଶ୍ୱାଳ, ସୁଧାକର ନାୟକ ଓ ରଞ୍ଜନ କୁମାର ମହାନ୍ତି ଉପସ୍ଥିତ ରହି ଗୌରାଙ୍ଗଙ୍କ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ପରିଡ଼ା ଓ ପଞ୍ଚାୟତ ସମିତି ସଦସ୍ୟ ମଧ୍ୟ ଉପସ୍ଥିତ ରହି ପରିବାର ପ୍ରତି ସମବେଦନା ଜଣାଇଥିଲେ। ଏହି ଅବସରରେ ସହପାଠୀମାନେ ଗୌରାଙ୍ଗଙ୍କ ସହ ସ୍କୁଲ ଜୀବନରେ ବିତାଇଥିବା ସ୍ମୃତିକୁ ମନେ ପକାଇଥିଲେ।

# ଚନକଣ ଗ୍ରାମରେ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ

ପାରାଦୀପ, ୨୨।୮ (ସମିସ): ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ଅଧୀନ ଉଦୟଚାନ୍ଦପୁର ଅନ୍ତର୍ଗତ ଚନକଣ ଗ୍ରାମରେ ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଉଦଘାଟିତ ହୋଇ ଯାଇଛି। ଉକ୍ତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଂସଦ ବିଭୁପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ପାରାଦୀପ ଗଡ଼ ସରପଞ୍ଚ ସସ୍ମିତା ବେହେରା, ବରିଷ୍ଠ ଆଇନଜୀବୀ ତଥା କୁଜଙ୍ଗ ଓକିଲ ସଂଘ ସଭାପତି ସଞ୍ଜୟ କୁମାର ବେହେରା, ପିପିଏଲ ୟୁନିଟ୍ ହେଡ ଓ ଜେନେରାଲ ମ୍ୟାନେଜର ସୁମିତ୍ ସେନାପତି ପ୍ରମୁଖ ଯୋଗଦେଇଥିଲେ। ପିପିଏଲ୍ ସହାୟତାରେ ହୋଇଥିବା ଉକ୍ତ ଗୋଷ୍ଠୀ ଶିକ୍ଷାକେନ୍ଦ୍ରରେ ଛାତ୍ରଛାତ୍ରୀ ପଠା ପଢ଼ିବା ସହିତ, ମହିଳା ଓ ଗ୍ରାମବାସୀଙ୍କ ବିଭିନ୍ନ ବୈଠକ ଅନୁଷ୍ଠିତ ହୋଇପାରିବ। ଆଗାମୀ ଦିନରେ ପିପିଏଲ ଚନକଣ ଗ୍ରାମର ପ୍ରତିପରିବାରକୁ ଏକ କିଲୋୱାଟ ପର୍ଯ୍ୟନ୍ତ ସୋଲାର ସିଷ୍ଟମ୍ ଲଗେଇବା ପାଇଁ ପ୍ରତିଶ୍ରୁତି ଦେଇଛି ବୋଲି ସଞ୍ଜୟ କୁମାର ବେହେରା ପ୍ରକାଶ କରିଥିଲେ। ତୁରନ୍ତ ଉକ୍ତ ଗ୍ରାମ ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଘୋଷଣା କରିଥିଲେ। ପିପିଏଲ ସିଏସ୍ଆର୍ ମ୍ୟାନେଜର ସୌମ୍ୟ ଓମ ପ୍ରକାଶ ଧନ୍ୟବାଦ୍ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲାଲମୋହନ ଗିରି, ଚନ୍ଦ୍ର ଶେଖର ଚୌଧୁରୀ, ଅନନ୍ତ ବିଶ୍ୱାଳ, ଅଲେଖ ମହାରଥା, ସଂଗ୍ରାମ ବେହେରା, ସେକ ମୋମୋନି, ସେକ ହବିବ ପ୍ରମୁଖ ଯୋଗଦେଇଥିଲେ।



# ବାଜପେୟୀଙ୍କ ତିରୋଧାନ ଦିବସ



ଜଗତସିଂହପୁର,୨୨।୮ (ସମିସ): ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଗୋପାଳ ସାଗର ସ୍ଥିତ ଆବାସିକ କାର୍ଯ୍ୟାଳୟରେ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇ ଅଟଳବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଲୋକାଭିମୁଖୀ ଜନକଲ୍ୟାଣ ଯୋଜନା, ଗରିବ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ସମ୍ପର୍କରେ ଆଲୋକପାତ କରିଥିଲେ।


ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ପୂର୍ବତନ ସାଧାରଣ ସମ୍ପାଦକ ଜଗନ୍ନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଅକ୍ଷୟ ପାତ୍ର, ଜଗତସିଂହପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ପୂର୍ବତନ କାଉନସିଲର ସୁଶାନ୍ତ ସ୍ୱାଇଁ, ଅଶୋକ ଭୋଇ, ବଳରାମପୁର ସରପଞ୍ଚ ଅଞ୍ଜନ ସାମଲ, ଅଳସୁଧା ସରପଞ୍ଚ ଭ୍ରମର ବର ସ୍ୱାଇଁ, ଯୁବନେତା ସମୀର ସାହାଣୀ, ଦେବୀ ପାଢ଼ୀ, ଯୁଧିଷ୍ଠିର ସ୍ୱାଇଁ, ସମୀର ପଟ୍ଟନାୟକ, ଗୋଲାମ ଅଲ୍ଲୀ ଖାଁ, ବିଷ୍ଣୁ ବେହେରା, ବରୋଦା ପ୍ରସାଦ ରାୟ ପ୍ରମୁଖ ଯୋଗଦେଇଥିଲେ। ଶକ୍ତିଧର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅସ୍ମିତା ଓ ପ୍ରିୟଦର୍ଶିନୀଙ୍କୁ ପ୍ରତିଭା ସମ୍ମାନ

ତିର୍ତ୍ତୋଲ,୨୨।୮ (ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ କଟରା ରାଧାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅସ୍ମିତା ସାହୁ ଓ ପ୍ରିୟଦର୍ଶିନୀ ଚଇନିଙ୍କୁ ବିଦ୍ୟାଳୟ ପରିସରରେ ଉତ୍ସବରେ ୧୯୮୧ ମାଟ୍ରିକ ବ୍ୟାଚ ପକ୍ଷରୁ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ବ୍ୟାଚ୍‌ର ସଂଯୋଜକ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ ସ୍ୱାଇଁ ଓ ମୁଖ୍ୟଅତିଥି ପଞ୍ଚସଖା ସେତୁ ସଭାପତି ଧୀରେନ୍ଦ୍ର ନାଥ ବିଶ୍ୱାଳ ଯୋଗଦେଇ ଦୁଇ ଛାତ୍ରୀଙ୍କୁ ପ୍ରଂଶସାପତ୍ର, ଶିଲ୍ଡ, ଅର୍ଥ ରାଶି ଓ ଉତ୍ତରୀୟ ପ୍ରଦାନ କରି ଏହି ସମ୍ମା ରେ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁଲିନ ପରିଜା ଅଧ୍ୟକ୍ଷତା କରିଥିବା ବେଳେ ପରିଚାଳନା କମିଟି ସଭାପତି ଜଗନ୍ନାଥ ଆଚାର୍ଯ୍ୟ, ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ତ୍ରିପାଠୀ, ଶିକ୍ଷକ ପ୍ରକାଶ ଚନ୍ଦ୍ର ରାଉତ, ବିଜୟ ଲକ୍ଷ୍ମୀ ଜେନା, ଦୁର୍ଗା ପ୍ରସାଦ ସେଠୀ, ଅଞ୍ଜନାରାଣୀ ଦାସ, ସୁମିତ୍ରା ବେହେରା, ପ୍ରିୟଙ୍କା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ବ୍ୟାଚ ପକ୍ଷ ରୁ ସୃଜନୀ ପ୍ରତିଭା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ର ସୁବ୍ରତ ମହାନ୍ତି, ଗୁରୁଦତ୍ତ ବଳ, ଦିଲୀପ ସାହାଣୀ ଓ ଶରତ ଚନ୍ଦ୍ର ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରାକେଶ ବେହେରା ଧନ୍ୟବାଦ୍ ଦେଇଥିଲେ।

# ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସର ଟାୟାର ଫାଟିଲା

ପାରାଦୀପ,୨୨।୮ (ସମିସ): ଗୁରୁତର ରୋଗୀମାନଙ୍କୁ ସହସା ଉନ୍ନତ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ହେଉଛି ଏକ ମାତ୍ର ମାଧ୍ୟମ। ମାତ୍ର ଏହି ଆମ୍ବୁଲାନ୍ସ ସେବା ଏବେ କୋମାରେ ଥିବା ପରି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆମ୍ବୁଲାନ୍ସର ଦୁର୍ଘଟଣା ଏବଂ ଅଧା ବାଟରେ ଖରାପ ହେବାର ଖବର ଆସୁଥିବା ବେଳେ ଆଜି ବନ୍ଦର ସହର ପାରାଦୀପ ରେ ଘଟିଥିବା ଘଟଣା ଅତି ସମ୍ବେଦନଶୀଳ ହୋଇଛି। ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ପ୍ରସୂତିଙ୍କୁ ପାରାଦୀପ ଅଠରବାଙ୍କିରୁ ଜଗତସିଂହପୁର ସ୍ଥାନାନ୍ତର କରାଯାଉଥିଲା। ମାତ୍ର ଅଧ ବାଟରେ ଉକ୍ତ ଆମ୍ବୁଲାନ୍ସର ଟାୟାର ଫାଟି ଯିବାରୁ ତାହା ଦୁର୍ଘଟଣା ଗ୍ରସ୍ତ ହୋଇଛି। ପାରାଦୀପ-କଟକ ରାସ୍ତାର ଗଡ଼ ନିକଟରେ ହଠାତ୍ ଆମ୍ବୁଲାନ୍ସର ଗୋଟିଏ



ଟାୟାର ଫାଟି ଯିବାରୁ ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ଏକ ବାଇକ ସହିତ ପିଟି ହୋଇଥିଲା। ସେପଟେ ପ୍ରସୂତି ଜଣଙ୍କ ଆମ୍ବୁଲାନ୍ସ ଭିତରେ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ବାଇକ୍‌ରେ ଥିବା ଜଣେ ମହିଳା ଓ ଜଣେ ଯୁବକ ଆହାତ ହୋଇ ତଳେ ପଡ଼ିଥିଲେ। ଯାହା ରୋଗୀଙ୍କ ଜୀବନ ସହିତ ଖେଳିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଥିବା ପାରାଦୀପ ଲକ୍ ଥାନାର କିଛି ଷ୍ଟାଫ୍ ଏହି ଅଭାବନୀୟ ପରିସ୍ଥିତିରେ ସଙ୍ଗେ ସଙ୍ଗେ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗାଡ଼ କରି ପ୍ରସୂତିଙ୍କୁ ଜଗତସିଂହପୁର ପଠାଇଥିବା ବେଳେ ଆହାତ ଦୁଇ ଜଣଙ୍କୁ ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଏହି ଘଟଣା ଏବେ ରାଜ୍ୟର ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିରେ ଥିବା ଅବହେଳାକୁ ପଦାରେ ପକାଇଛି।

# ନିଶା ନିବାରଣ ସଚେତନତା

ଜଗତସିଂହପୁର, ୨୨।୮ (ସମିସ): ଜିଲ୍ଲା ବରିଷ୍ଠ ନାଗରିକ ଫୋରମ ଆନୁକୂଲ୍ୟରେ ତ୍ରିରଙ୍ଗା ଶୋଭାଯାତ୍ରା ସହ 'ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ' 'ୱାଡା' ସଂସ୍ଥା ସହଯୋଗରେ ଠାକୁରପାଟଣାସ୍ଥିତ ହରିହର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ଫୋରମର ସଭାପତି ମଧୁସୂଦନ ସାହୁ ସଭାପତିତ୍ୱ କରିଥିବା ବେଳେ ୱାଡାର ମୁଖ୍ୟ ଗତିକୃଷ୍ଣ ଶତପଥୀ ମୁଖ୍ୟବକ୍ତା ଭାବେ ନିଶା ସେବନର ଭୟାବହତା ଏବଂ ସମାଜ ତଥା ବ୍ୟକ୍ତି ଉପରେ ଏହାର କୁପ୍ରଭାବ ବିଷୟରେ ବୁଝାଇଥିଲେ। ଏହି ମତ ବିନିମୟ କାର୍ଯ୍ୟକ୍ରମେର ବରିଷ୍ଠ ନାଗରିକ ଏବଂ ଶିକ୍ଷାବିତ ନିକୁଞ୍ଜ କିଶୋର ବେହେରା ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବରିଷ୍ଠ ନାଗରିକ ଫୋରମର କାର୍ଯ୍ୟକାରୀ ସଭାପତି ଭରତ ଚନ୍ଦ୍ର ନାଥ, ଉପସଭାପତି ବୈକୁଣ୍ଠ ମହାପାତ୍ର, ସାଧାରଣ ସମ୍ପାଦକ ହିତେଶ ମହାନ୍ତି, କୋଷାଧକ୍ଷ ବିଜୟ ନାୟକ, ଯୁଗ୍ମ ସମ୍ପାଦକ ଦ୍ୱାରିକାନାଥ ମହାପାତ୍ର, ଉପଦେଷ୍ଟା କମିଟିର ବସନ୍ତ କୁମାର ରାଉତ, ସୁର ପ୍ରସାଦ ନାୟକ, ପଦ୍ମନାଭ ପଣ୍ଡା, ତଥା ସଭ୍ୟ ଭଗବାନ ମହାନ୍ତି, ଶୁକଦେବ ବେହେରା, ପ୍ରମୋଦ ସାହୁ, ଲିଙ୍ଗରାଜ ଲେଙ୍କା, ମାଧବେନ୍ଦ୍ର ଗୋଛାୟତ ଏବଂ ବିନୟ ଦାଶ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ଗୁରୁପ୍ରସାଦ କାନୁନଗୋ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



### ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

# ଉଚ୍ଚଶିକ୍ଷା ପାଇଁ ନାମଲେଖା ପଞ୍ଜୀକରଣ ଅବଧି ବୃଦ୍ଧି

ଜଗତସିଂହପୁର,୨୨।୮ (ସମିସ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷାରେ ନାମ ପଞ୍ଜୀକରଣ ତାରିଖ ଆସନ୍ତା ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯୁକ୍ତ ଦୁଇ କିମ୍ବା ଯୁକ୍ତ ତିନିରେ ପାଠ୍ୟକ୍ରମ ସରିଲା ପରେ ବହୁ ଛାତ୍ରଛାତ୍ରୀ ତଥା ଯୁବକ ଯୁବତୀ ଉଚ୍ଚଶିକ୍ଷାରୁ ବିଭିନ୍ନ କାରଣ ପାଇଁ ବଞ୍ଚିତ ହେଇ ଆସୁଥିଲେ। ହେଲେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପଠନ କେନ୍ଦ୍ର ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଖୋଲିବା ପରେ ବିଗତ ଦିନ ମାନଙ୍କରେ ହଜାର ହଜାର ଛାତ୍ରଛାତ୍ରୀ ଏହାର ସୁଯୋଗ ନେଇ ପାରିଛନ୍ତି। ବିଶେଷ କରି ଏହି ମୁକ୍ତ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ସାରଣୀ ଓ ପୁସ୍ତକ ନିୟମିତ ପାଠ୍ୟକ୍ରମ ଭଳି ଉଚ୍ଚକୋଟିର ରହିଛି। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଅଧୀନରେ ତଥା ୟୁଜିସି ସ୍ୱୀକୃତିପ୍ରାପ୍ତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ଏହି ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ କଳାରେ ସ୍ନାତକ ଓ ସ୍ନାତକୋତରେ କଳା, ବାଣିଜ୍ୟ ସହିତ, ସାମ୍ବାଦିକତା ଓ ଗଣମାଧ୍ୟମ, ଗ୍ରାମୀଣ ଉନ୍ନୟନ ସହିତ ପ୍ରଥମ କରି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ରେ ସ୍ନାତକୋତର ବିଷୟ ପାଇଁ ନାମ ଲେଖା ଚାଲୁଛି। ନିୟମିତ ପାଠ୍ୟକ୍ରମର ଦେୟ ଠାରୁ ବହୁ କମ ଅର୍ଥ ଦେବାକୁ ପଡୁଥିବା ବେଳେ ରାଜ୍ୟ ସରକାରଙ୍କ ସମସ୍ତ ଛାତ୍ରବୃତ୍ତି ମଧ ପାଇବର ସୁଯୋଗ ରହିଛି। ଏହି ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ବିଶେଷତ୍ୱ ହେଉଛି ଯେ ଏଥିରେ ନାମ ପଞ୍ଜୀକରଣ ପାଇଁ କୌଣସି ବୟସ ନ ଥିବା ବେଳେ ସାଧାରଣ ଗୃହିଣୀ, ବିଭିନ୍ନ ବ୍ୟବସାୟ, ତଥା କୌଣସି ବୃତ୍ତିରେ ଚାକିରି କରିଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ଏକ ସୁଯୋଗ ରହିଥିବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀ ତଥା ଯୁବବର୍ଗମାନଙ୍କ ମଧ୍ୟରେ ଅଧିକ ଆଗ୍ରହ ପ୍ରକାଶ ପାଉଛି। ଏହି ନାମଲେଖା ପଞ୍ଜୀକରଣ ସମ୍ପର୍କରେ ଅଧିକ ଜାଣିବା ପାଇଁ ବିଶ୍ୱବିଦ୍ୟାଳୟର ନିଜସ୍ୱ ୱେବସାଇଟରେ ସମସ୍ତ ତଥ୍ୟ ଉପଲବ୍ଧ ରହିଛି। ଏଥି ସହିତ ସ୍ଥାନୀୟ ଜଗତସିଂହପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଏହାର ଆଞ୍ଚଳିକ କେନ୍ଦ୍ରରୁ ମଧ୍ୟ ସମସ୍ତ ତଥ୍ୟ ସିଧାସଳଖ ପାଇପାରିବେ ବୋଲି ଆଞ୍ଚଳିକ କେନ୍ଦ୍ରର ସଂଯୋଜକ ପିନାକୀ ମହାନ୍ତି ଜଣାଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୭୧ • ପାଉଣ୍ଡ ୧୨୮.୭୩
- ୟୁରୋ ୧୧୦.୦୫ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୯,୫୦୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୫୪୦.୦୦
- ନିଫ୍ଟି ୨୪,୨୫୨.୦୦


**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

ବିଶେଷଜ୍ଞଙ୍କ ଚେତାବନୀକୁ ଅଣଦେଖା

# ମହଙ୍ଗା ପଡ଼ିଲା ଚିନି ନୀତିରେ ୟୁ-ଟର୍ଣ୍ଣ

## ରପ୍ତାନି ବଦଳରେ ବିଦେଶରୁ ଚିନି କିଣିବେ ସରକାର




ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ସମ୍ପ୍ରତି ଚିନି ଉଚ୍ଚ ଦର ସାରା ଦେଶରେ ଏକ ପ୍ରକାର ଆତଙ୍କ ସୃଷ୍ଟି କରିଛି। ଦେଶର ଅଧିକାଂଶ ଭାଗରେ ଚିନି କିଲୋ ପିଛା ୭୦ ଟଙ୍କା ଛୁଇଁଛି। ଫଳରେ ବଜାରରେ ଚିନି ମୂଲ୍ୟ ହ୍ରାସ କରିବା ପାଇଁ ଗୁରୁବାର ପ୍ରାୟ ୧୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ସରକାର ଆଗାମୀ ପାର୍ବଣ ଋତୁ ପୂର୍ବରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ୧୦ ଲକ୍ଷ ଟନ୍ କଞ୍ଚା ଚିନିର ଶୁଳ୍କମୁକ୍ତ ଆମଦାନିକୁ ଅନୁମୋଦନ କରିଛନ୍ତି। ଏହା ସରକାରଙ୍କ ଚିନି ନୀତିରେ ଏକ ବଡ଼ ପରିବର୍ତ୍ତନ। ମାତ୍ର ୯ ମାସ ପୂର୍ବରୁ ୨୦୨୫ ନଭେମ୍ବରରେ ସରକାର ବମ୍ପର ଫସଲ ଆଶା କରି ୧.୫ ନିୟୁତ ଟନ୍ ଚିନି ରପ୍ତାନି ମଞ୍ଜୁରୀ ଦେଇଥିଲେ। ପରେ ଏହାକୁ ୨ ନିୟୁତ ଟନ୍‌କୁ ବୃଦ୍ଧି କରାଯାଇଥିଲା। ତଥାପି, ବାଣିଜ୍ୟ ଠିକ୍ ଭାବରେ ଆରମ୍ଭ ହେବା ପୂର୍ବରୁ, କେବଳ ୮ ଲକ୍ଷ ଟନ୍ ପଠାଯାଇଥିବା ସହିତ, ଘରୋଇ ଷ୍ଟକ୍ ହ୍ରାସ ପାଇବା ଯୋଗୁଁ ସରକାର ରପ୍ତାନି ଉପରେ ରୋକ୍ ଲଗାଇଥିଲେ। ଏହି ନୀତିଗତ ପରିବର୍ତ୍ତନ ଏବେ ୨୦୨୫-୨୬ ପାଇଁ ଚିନି ଉତ୍ପାଦନ ଏବଂ ଷ୍ଟକ୍ ଆକଳନ ଉପରେ ପ୍ରଶ୍ନ ଉଠାଇଛି। ଭାରତକୁ ଏହାର ଚିନି ନୀତିରେ ୟୁ-ଟର୍ଣ୍ଣ ନେବା ମହଙ୍ଗା ପଡିଛି। ଯାହାଫଳରେ ଦେଶ ଏବେ ରପ୍ତାନି ବଦଳରେ ଆମଦାନି କରିବା ସ୍ଥିତିରେ ପହଞ୍ଚିଛି। ଏହା ଭୁଲ ଉତ୍ପାଦନ ଏବଂ ଷ୍ଟକ୍ ଆକଳନ ଯୋଗୁଁ ହୋଇଛି। ସାମ୍ପ୍ରତିକ ସପ୍ତାହଗୁଡ଼ିକରେ ଚିନି ଦର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି।

ଜଣେ ବରିଷ୍ଠ ଶିଳ୍ପ କାର୍ଯ୍ୟନିର୍ବାହୀ କହିଛନ୍ତି ଯେ ୨୦୨୬ ପୂର୍ବରୁ ଚିନି ଦର ବୃଦ୍ଧିନ୍‌ଇେ ସତର୍କତା ସଙ୍କେତ ଆସିବା ଆରମ୍ଭ ହୋଇଯାଇଥିଲା। ଫେବୃଆରୀରେ, ଯେତେବେଳେ ପେଷଣ ଋତୁ କିଛି ମାସ ପୁରୁଣା ଥିଲା, ସରକାର ପୂର୍ବ ୧୫ ଲକ୍ଷ ଟନ୍ ବ୍ୟତୀତ ୫ ଲକ୍ଷ ଟନ୍ ଚିନି ରପ୍ତାନିକୁ ଅନୁମୋଦନ କରିଥିଲେ। ସେ କହିଛନ୍ତି ଯେ ଏହି ଘଟଣାରୁ ଜଣାପଡୁଛି ଯେ ଏହା ବ୍ୟବସ୍ଥାକୁ ଭ୍ରମିତ କରିବା ପାଇଁ କରାଯାଇଥିଲା ଯେ ମୌଳିକ ସ୍ଥିତି ଦୃଢ଼ ଥିଲା, ଯଦିଓ ଉତ୍ପାଦନ ବ୍ୟବହାର ଅପେକ୍ଷା ପଛରେ ଥିଲା। ସେ କହିଛନ୍ତି, ଆମ ପାଖରେ ସୂଚନା ଅଛି ଯେ ଯୋଗାଣ ସଙ୍କଟ ମାର୍ଚ୍ଚ ମାସରେ ହିଁ ଆରମ୍ଭ ହୋଇଥିଲା, ଯେତେବେଳେ ମିଲ୍‌ଗୁଡିକ ସେମାନଙ୍କର ମାସିକ ଘରୋଇ ବିକ୍ରି କୋଟା ପୂରଣ କରିବାକୁ ସଂଘର୍ଷ କରୁଥିଲେ। ସେତେବେଳେ ମୂଲ୍ୟ ଧୀରେ ଧୀରେ ବୃଦ୍ଧି ପାଉଥିଲା ଏବଂ ଏହା ହିଁ ସରକାରଙ୍କ ପାଇଁ ସତର୍କ ଘଣ୍ଟି ଥିଲା। ମାତ୍ର ଦୁଇ ମାସ ମଧ୍ୟରେ ଘରୋଇ ବଜାରରେ ଚିନି ମୂଲ୍ୟ ପ୍ରାୟ ୪୦% ବୃଦ୍ଧି ପାଇଛି। ବଜାର ଆକଳନ ଅନୁଯାୟୀ, ମହାରାଷ୍ଟ୍ର ସମେତ ସାରା ଦେଶରେ ଏକ୍ସ-ମିଲ୍ ମୂଲ୍ୟ ବର୍ତ୍ତମାନ ପ୍ରତି କ୍ୱିଣ୍ଟାଲ୍ ୫୪୦୦-୫୬୭୦ ଟଙ୍କା ରହିଛି। ଏଥିମଧ୍ୟରୁ ଏସ୍-ଗ୍ରେଡ୍ ୫୭୫୦ ଏବଂ ଏମ୍-ଗ୍ରେଡ୍ ୫୮୫୦-୫୯୦୦ ଟଙ୍କା (ଜିଏସ୍‌ଟି ବ୍ୟତୀତ) ରହିଛି। ସରକାରଙ୍କ ସାମ୍ପ୍ରତିକ ପଦକ୍ଷେପ ପରେ, ବିତର୍କ ଏବେ ପ୍ରାରମ୍ଭିକ ଉତ୍ପାଦନ ଆକଳନ ଏବଂ ପରବର୍ତ୍ତୀ ଆକଳନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଉପରେ କେନ୍ଦ୍ରିତ। ଏହା ଏହାର ଚିନି ନୀତିରେ ଏକ ବଡ଼ ପରିବର୍ତ୍ତନକୁ ଦର୍ଶାଉଛି।

୨୦୨୫ ଜୁଲାଇ ୩୧ରେ ପ୍ରକାଶିତ ପ୍ରାରମ୍ଭିକ ଆକଳନରେ ଭାରତୀୟ ଚିନି ଏବଂ ଜୈବ-ଶକ୍ତି ନିର୍ମାତା ସଂଘ (ଆଇଏସ୍‌ଏମ୍‌ଏ) ୨୦୨୫-୨୬ ଚିନି ଋତୁ ପାଇଁ ଭାରତର ଉତ୍ପାଦନ ୩୪.୯ ନିୟୁତ ଟନ୍ ଆକଳନ କରିଥିଲା। ତଥାପି, ପରବର୍ତ୍ତୀ ଆକଳନ ଯଥେଷ୍ଟ କମ୍ ଥିଲା। ଚଳିତବର୍ଷ ମାର୍ଚ୍ଚ ୬ରେ, ଅଲ୍ ଇଣ୍ଡିଆ ଚିନି ବ୍ୟବସାୟୀ ସଂଘ ଏହାର ନିଟ୍ ଚିନି ଉତ୍ପାଦନ ଆକଳନକୁ ୪.୪% ହ୍ରାସ କରି ୨୮.୩ ନିୟୁତ ଟନ୍ କରିଥିଲା। ଏ ସମ୍ପର୍କରେ ପୂର୍ବତନ କୃଷି ସଚିବ ସିରାଜ ହୁସେନ କହିଛନ୍ତି ଯେ ଚିନି ଉତ୍ପାଦନ ଆକଳନ ଭୁଲ ପ୍ରମାଣିତ ହୋଇଛି, କିନ୍ତୁ ଷ୍ଟକ୍ ଏବଂ ରପ୍ତାନି ତଥ୍ୟ ଭୁଲ ନୁହେଁ। କମ୍ ଉତ୍ପାଦନ ସାମ୍ନାରେ ରପ୍ତାନିକୁ ଅନୁମତି ଦେବା ଏକ ଭୁଲ ନିଷ୍ପତ୍ତି ହୋଇପାରେ। କେୟାରଏଜ୍ ରେଟିଂ ନିର୍ଦ୍ଦେଶକ ରାଭଲିନ୍ କୌର ସେଠୀ କହିଛନ୍ତି ଯେ ଏହି ଋତୁରେ ପ୍ରାରମ୍ଭିକ ଏବଂ ପ୍ରକୃତ ଆକଳନ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଥିଲା। ଅପରପକ୍ଷେ ଶିଳ୍ପର ଆକଳନ ଅନୁଯାୟୀ, ଇଥାନଲ୍ ପାଇଁ ୨.୪ ନିୟୁତ ଟନ୍ ଚିନି ପୃଥକ କରିବା ପରେ, ୨୦୨୫-୨୬ରେ ନିଟ୍ ଚିନି ଉତ୍ପାଦନ ୨୭.୯ ନିୟୁତ ଟନ୍ ହେବ। ୪.୭ ନିୟୁତ ଟନ୍ ଖୋଲା ଷ୍ଟକ୍ ସହିତ, ମୋଟ ଉପଲବ୍ଧତା ୩୨.୬ ନିୟୁତ ଟନ୍ ଥିଲା। ପ୍ରଥମେ ୨୮ ନିୟୁତ ଟନ୍ ଘରୋଇ ବ୍ୟବହାର ତୁଳନାରେ ଶେଷ ଷ୍ଟକ୍ ପର୍ଯ୍ୟାପ୍ତ ଥିଲା। ୮ ଲକ୍ଷ ଟନ୍ ଚିନି ରପ୍ତାନି ପରେ, କିଛି ଆକଳନ ଅନୁଯାୟୀ ଷ୍ଟକ୍ ହ୍ରାସ ପାଇ ୩.୫-୩.୯ ନିୟୁତ ଟନ୍ ହୋଇଛି। ଏହା ୬ ନିୟୁତ ଟନ୍ ମାନକ ବଫର (ତିନି ମାସର ବ୍ୟବହାର)ଠାରୁ ବହୁତ କମ୍। ବିଶେଷଜ୍ଞମାନେ କହିଛନ୍ତି ଯେ ବର୍ତ୍ତମାନ ଘୋଷିତ ଆମଦାନିର ପରିମାଣ ପ୍ରାୟ ପୂର୍ବ ରପ୍ତାନି ସହିତ ସମାନ। ରିପୋର୍ଟଗୁଡ଼ିକ ଏହା ମଧ୍ୟ ସୂଚାଇ ଦେଉଛି ଯେ ଚିନିର ଉପଲବ୍ଧତା ବୃଦ୍ଧି କରିବା ପାଇଁ ମିଲ୍‌ଗୁଡ଼ିକୁ ଶୀଘ୍ର ପେଷଣ ଆରମ୍ଭ କରିବାକୁ କୁହାଯାଉଛି।

ସରକାରଙ୍କୁ ଖଡ୍‌ଗେଙ୍କ ପ୍ରଶ୍ନ

## ଚିନି ଦରବୃଦ୍ଧି ପାଇଁ ଦାୟୀ କିଏ ?



ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଦେଶରେ ଚିନିର ବଢୁଥିବା ଦର ଓ ଷ୍ଟକ୍‌କୁ ନେଇ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ୍‌ଗେ ଶନିବାର ସରକାରଙ୍କୁ ତୀବ୍ର ସମାଲେଶଚନା କରିଛନ୍ତି। ଏହି ପ୍ରସଙ୍ଗରେ ଖଡ୍‌ଗେ ସରକାରଙ୍କୁ ୩ଟି ପ୍ରଶ୍ନ କରିଛନ୍ତି। ସେ 'ଆତ୍ମ ନିର୍ଭର ଭାରତ'ର ସେହି ସ୍ଥିତିକୁ ନେଇ ପ୍ରଶ୍ନ କରିଛନ୍ତି ଯେଉଁଥିରେ ବିଦେଶରୁ ଚିନି ଆମଦାନୀ କରାଯାଉଛି, ଅନ୍ୟ ପଟେ ଆଖୁକୁ ପେଟ୍ରୋଲରେ ବ୍ଲେଣ୍ଡିଂ କରାଯାଉଥିବା ଇଥାନଲ ତିଆରିରେ ଉପଯୋଗ କରାଯାଉଛି। ତେବେ ଏହା ପୂର୍ବରୁ କେନ୍ଦ୍ର ସରକାର ଶୁକ୍ରବାର ସଫସଫା କହିଥିଲେ ଯେ ଚିନି ମୂଲ୍ୟ ବୃଦ୍ଧିରେ ଇଥାନଲର କୌଣସି ଭୂମିକା ନାହିଁ। ଦେଶର କିଛି ସହରରେ ଚିନି କେଜି ପିଛା ଦର ୭୦ ଟଙ୍କାକୁ ପହଞ୍ଚିଲାଣି। ଗତ ୩ ମାସରେ ଚିନି ଦର ପାଖାପାଖି ୪୦% ବୃଦ୍ଧି ହୋଇଛି। ଅର୍ଥାତ କେଜି ପିଛା ଦରରେ ୧୯ ଟଙ୍କା ବୃଦ୍ଧି ହେଲାଣି। ଏଣୁ କେନ୍ଦ୍ର ସରକାର ଚିନି ଦର ନିୟନ୍ତ୍ରଣ କରିବାକୁ ଅକ୍ଟୋବର ୩୧ ତାରିଖ ସୁଦ୍ଧା ୧୦ ଲକ୍ଷ ଟନ ଚିନି ଶୁଳ୍କ ମୁକ୍ତ ଆମଦାନୀ ପାଇଁ ଅନୁମତି ଦେଇଛନ୍ତି।ନ୍ୟାସନାଲ ଫେଡେରେସନ ଅଫ କୋ-ଅପରେଟିଭ ସୁଗାର ଫ୍ୟାକ୍ଟ୍ରିଜ୍ (ଏନଏଫସିଏସଏଫ) ଅନୁସାରେ ଗତବର୍ଷ ଅତ୍ୟଧିକ ବର୍ଷା ଯୋଗୁ ଆଖୁ ଫସଲ ଖରାପ ହୋଇଥିଲା। ଏଣୁ ଚିନି ରିକଭରି ହାର ଅର୍ଥାତ ଆଖୁରୁ ଚିନି ପ୍ରସ୍ତୁତି ହାର ୧୨%ରୁ ତଳକୁ ହ୍ରାସ ହୋଇଥିଲା। ଅନ୍ୟ ଅର୍ଥରେ ୧ କ୍ୱିଣ୍ଟାଲ ଆଖୁରୁ ୧୨ କେଜିରୁ ବି କମ୍ ଚିନି ଉତ୍ପାଦନ ହୋଇଛି। ଏଣୁ ଦେଶରେ ମୋଟ ଚିନି ଉତ୍ପାଦନ ୩୦ ନିୟୁତ ଟନ ମଧ୍ୟରେ ଥିଲା। ଏହା ଆନୁମାନିକ ଉତ୍ପାଦନ ୩୨ ମିଲିୟନ ଟନରୁ କମ୍ ଥିଲା। ସରକାରଙ୍କ ନୂଆ ଇଥାନଲ ବ୍ଲେଣ୍ଡିଂ ନୀତି ଯୋଗୁ ଚିନି ଉତ୍ପାଦନ ବଦଳେ ଇଥାନଲ ଉତ୍ପାଦନ ଲାଗି ବହୁ ମାତ୍ରାରେ ଆଖୁ ଉପଯୋଗ ହେଉଛି। ଅଲ ଇଣ୍ଡିଆ ଡିଷ୍ଟିଲର୍ସ ଆସୋସିଏସନ ଅନୁସାରେ ଦେଶରେ ଗତବର୍ଷ ୭୨୦ କୋଟି ଲିଟର ଇଥାନଲ ଉତ୍ପାଦନ ହୋଇଛି।

## ଦେଢ଼ ଲକ୍ଷ ଛୁଇଁବ ୨୨ କ୍ୟାରେଟ୍ ସୁନା

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ବିଗତ କିଛି ଦିନ ହେବ ଘରୋଇ ବଜାରରେ କ୍ରମାଗତ ଭାବେ ସୁନା ଓ ରୁପା ମୂଲ୍ୟରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ଶନିବାର ମଧ୍ୟ ସୁନା ଏବଂ ରୁପା ମୂଲ୍ୟରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ମୂଲ୍ୟ ୧.୬୩ ଲକ୍ଷ ଟଙ୍କା ଛୁଇଁବାକୁ ବସିଛି। ସୁନା ଚଳିତ ବର୍ଷ ୩୪ ହଜାର ଟଙ୍କା ମହଙ୍ଗା ହେଲାଣି। କେବଳ ଅଗଷ୍ଟ ମାସରେ ସୁନା ମୂଲ୍ୟ ପାଖାପାଖି ୨୦ ,୦୦୦ ଟଙ୍କା ବଢ଼ିଛି। ସେହିପରି ଏକ କିଲୋଗ୍ରାମ ରୁପା ମୂଲ୍ୟ ୨.୭୦ ଲକ୍ଷ ଟଙ୍କାରେ ପହଞ୍ଚିଛି। ଅଗଷ୍ଟ ମାସରେ ସୁନା ଭଳି ରୁପା ମୂଲ୍ୟରେ ମଧ୍ୟ ବଡ଼ ବୃଦ୍ଧି ଘଟିଛି। ଚଳିତ ମାସ ରୁପା ଦରରେ ୩୮ ହଜାର ଟଙ୍କା ମହଙ୍ଗା ହୋଇଛି। ଏଥିରେ ସବୁଠଶରୁ ବଡ଼ କଥା ହେଉଛି, ବର୍ତ୍ତମାନ ଘରୋଇ ବଜାରରେ ପ୍ରଥମ ଥର ପାଇଁ ୨୨ କ୍ୟାରେଟ୍ ସୁନା ଦର ଦେଢ଼ ଲକ୍ଷ ଟଙ୍କା ଛୁଇଁବାକୁ ବସିଛି। ରାଜଧାନୀ ଭୁବନେଶ୍ୱରରେ ଶନିବାର ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ମୂଲ୍ୟ ୧.୪୯ ଲକ୍ଷ ଟଙ୍କା ଉପରେ ରହିଛି। ସେହିପରି ରୁପା କିଲୋଗ୍ରାମ ପିଛା ୨.୭୦ ଲକ୍ଷ ଟଙ୍କାରେ ପହଞ୍ଚିଛି।


ଚଳିତବର୍ଷ ସୁନା ଏବଂ ରୁପାର ମୂଲ୍ୟରେ ନିରନ୍ତର ପରିବର୍ତ୍ତନ ଜାରି ରହିଛି। ୩୧ ଡିସେମ୍ବର ୨୦୨୫ରେ ୧୦ ଗ୍ରାମ ସୁନା ୧. ୩୩ ଲକ୍ଷ ଟଙ୍କା ଉପରେ ଥିଲା, ଯାହା ଏବେ ୧.୬୩ ଲକ୍ଷ ଟଙ୍କାରେ ପହଞ୍ଚିଛି। ସେହିପରି ରୁପାର ମୂଲ୍ୟକୁ ଯଦି ଆମେ ଦେଖିବା ଏଥିରେ ୪୦ ହଜାର ଟଙ୍କା ବୃଦ୍ଧି ଦେଖିବାକୁ ମିଳିଛି। ୩୧ ଡିସେମ୍ବର ୨୦୨୫ରେ ରୁପା କିଲୋଗ୍ରାମ ପ୍ରତି ୨.୩୦ ଲକ୍ଷ ଟଙ୍କା ଥିଲା, ଯାହା ଏବେ ୨.୭୦



ଲକ୍ଷ ଟଙ୍କାରେ ପହଞ୍ଚିଛି। ତେବେ ଚଳିତ ବର୍ଷ ଜାନୁଆରୀ ମାସରେ ସୁନା ଓ ରୁପା ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚି ଥିଲା। ୧୦ ଗ୍ରାମ ୨୪ କ୍ୟାରେଟ ସୁନା ଦର ୨୯ ଜାନୁଆରୀରେ ୧.୭୬ ଲକ୍ଷ ଟଙ୍କା ହୋଇଯାଇଥିଲା। ସେତେବେଳେ ରୁପା କେଜି ୩.୮୬ ଲକ୍ଷ ଟଙ୍କା ରହିଥିଲା।

ସୁନା ଦର ଲଗାତାର ତୃତୀୟ ସପ୍ତାହ ଧରି ବଜାରରେ ସୁନା ଦର ବୃଦ୍ଧି ଆଡକୁ ଅଗ୍ରସର ହୋଇଛି। ସେହିପରି ଦୁର୍ବଳ ଆମେରିକୀୟ ଡଲାର ଓ ଦୀର୍ଘ ଅବଧି ଆମେରିକୀୟ ବଣ୍ଡ ଅସନ୍ତୁଳନ ଯୋଗୁ ରୁପା ମଧ୍ୟ ସର୍ବକାଳୀନ ଉଚ୍ଚତମ ସ୍ତର ଆଡକୁ ଏବେ ଅଗ୍ରସର ହେଉଛି। ଅନ୍ତର୍ଜାତୀୟ ବଜାରରେ ଶୁକ୍ରବାର ସୁନାର ହାଜିର ମୂଲ୍ୟ ପ୍ରତି ଆଉନ୍ସ ୮୧.୫୮ ଡଲାର ଅର୍ଥାତ ୨% ବଢି ୪,୬୦୦.୯୧ ଡଲାରକୁ ପହଞ୍ଚି ଯାଇଛି। ସେହିପରି ରୁପା ୩% ବଢି ପ୍ରତି ଆଉନ୍ସ ୬୯.୮୭ ଡଲାର ହୋଇଯାଇଛି। ମେ ୧୮ ତାରିଖ ପରେ ସୁନାର ଏହା ଉଚ୍ଚତମ ଦର ହୋଇଥିବା ବେଳେ ଲଗାତାର ତୃତୀୟ ସପ୍ତାହ ବୃଦ୍ଧି ଆଡକୁ ଯାଉଛି।

## ସେୟାର ବଜାରରେ ବଢୁଛି ଛୋଟ ସହରର କ୍ରେଜ୍




**ପ୍ରତି ଶହେରୁ ୩୬ ଜଣ ନୂତନ ନିବେଶକ ଟାୟାର-୨ ଏବଂ ୩ ସହରର**

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଭାରତରେ ଷ୍ଟକ୍ ବଜାର ଆଉ କେବଳ ମୁମ୍ବାଇ, ଦିଲ୍ଲୀ କିମ୍ବା ବେଙ୍ଗାଲୁରୁ ଭଳି ମହାନଗରଗୁଡ଼ିକର କାହାଣୀ ନୁହେଁ। କ୍ଷୁଦ୍ର ଏବଂ ମଧ୍ୟମ ଆକାରର ସହରଗୁଡ଼ିକର ନିବେଶକମାନେ ଦ୍ରୁତ ଗତିରେ ଏହି ପ୍ରତିଯୋଗିତାରେ ଯୋଗ ଦେଉଛନ୍ତି, ଏବଂ ତଥ୍ୟ ଏହା ସ୍ପଷ୍ଟ କରେ। ଜୁଲାଇ ମାସର ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ତଥ୍ୟ ଅନୁଯାୟୀ, ନୂତନ ନିବେଶକ ପଞ୍ଜୀକରଣର ୩୬% ପାଇଁ ଟାୟାର-୨ ଏବଂ ଟାୟାର-୩ ସହରଗୁଡ଼ିକର ଭାଗ ଅଧିକ ରହିଛି। ଏହାର ଅର୍ଥ ହେଉଛି ଯେ ପ୍ରତି ୧୦୦ ଜଣ ନୂତନ ନିବେଶକଙ୍କ ମଧ୍ୟରୁ ପ୍ରାୟ ୩୬ ଜଣ ବର୍ତ୍ତମାନ ଛୋଟ ସହରରୁ ଆସୁଛନ୍ତି। ଯାହା ଫଳରେ ଛୋଟ ସହରଗୁଡ଼ିକ ଏବେ ଷ୍ଟକ୍ ବଜାରର ନୂତନ ପାୱାରହାଉସ୍ ପାଲଟିଛି। ସହର ମଧ୍ୟରେ ଅହମ୍ମଦାବାଦରେ ନିବେଶକଙ୍କ ସଂଖ୍ୟା ପ୍ରତି ମାସରେ ୪୯.୩% ବୃଦ୍ଧି ପାଇଛି।

ଜୁଲାଇ ମାସର ଏନ୍‌ଏସ୍‌ଇ ତଥ୍ୟ ଦର୍ଶାଉଛି ଯେ ଛୋଟ ସହରଗୁଡ଼ିକ ଷ୍ଟକ୍ ବଜାରରେ ଦ୍ରୁତ ଗତିରେ ଆକର୍ଷଣ ବଢୁଛନ୍ତି। ନୂତନ ନିବେଶକ ପଞ୍ଜୀକରଣର ୩୬% ପାଇଁ ଟାୟାର-୨ଏବଂ ଟାୟାର-୩ ସହରଗୁଡ଼ିକର ବଡ଼ ଯୋଗଦାନ ରହିଥିବା ଜଣାପଡିଛି। ଆକର୍ଷଣୀୟ ଭାବରେ ସେୟାର ବଜାରରେ ଏହି ଅଭିବୃଦ୍ଧି ଏପରି ଏକ ସମୟରେ ଘଟୁଛି, ଯେତେବେଳେ ଇରାନ-ଆମେରିକା ଉତ୍ତେଜନା, ଶୁଳ୍କ-ସମ୍ବନ୍ଧୀୟ ଅନିଶ୍ଚିତତା ଏବଂ ବିଶ୍ୱ ବଜାର ଅସ୍ଥିରତା ନିରନ୍ତର ଖବରର ଶିରୋନାମାରେ ରହିଛି। ଏହାସତ୍ତ୍ୱେ, ଛୋଟ ସହରରୁ ନିବେଶକଙ୍କ କ୍ରମାଗତ ବୃଦ୍ଧି ପାଉଥିବା ପ୍ରବେଶ ସୂଚାଇ ଦିଏ ଯେ ଡିଜିଟାଲ୍ ନିବେଶ ପ୍ଲାଟଫର୍ମର ଉପଲବ୍ଧତା, ସହଜ ଏବଂ ସୁଲଭ ବାଣିଜ୍ୟ ସୁବିଧା ଏବଂ ବୃଦ୍ଧି ପାଇଥିବା ଆର୍ଥିକ ସଚେତନତା ଯୋଗୁଁ ନିବେଶ ଜଗତ ଯଥେଷ୍ଟ ପରିମାଣରେ ବିସ୍ତାରିତ ହୋଇଛି।

## ରାଜଧାନୀରେ ନୂଆ ରିଅଲ ଇଷ୍ଟେଟ୍ ପ୍ରକଳ୍ପ 'ଷ୍ଟଲୱାର୍ଟ ଆଟ୍‌ମସ୍ଫିୟର୍'



**୩୨ ମହଲାର ସୁଉଚ୍ଚ କୋଠାର ପ୍ରତ୍ୟେକ ଆପାର୍ଟମେଣ୍ଟରୁ ଫରେଷ୍ଟ ଭ୍ୟୁ ସୁବିଧା**

ଭୁବନେଶ୍ୱର,୨୨।୮ (ସମିସ): ଲୋକଙ୍କୁ ପ୍ରିମିୟମ୍ ଜୀବନଶୈଳୀର ଅନୁଭୂତି ଦେବା ଲକ୍ଷ୍ୟ ନେଇ ଷ୍ଟଲୱାର୍ଟ ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍ ରାଜଧାନୀ ଭୁବନେଶ୍ୱରରେ ନୂଆ ରିଅଲ ଇଷ୍ଟେଟ୍ ପ୍ରକଳ୍ପ 'ଷ୍ଟଲ୍‌ୱାର୍ଟ ଆଟ୍‌ମସ୍ଫିୟର' ଆଣିଛି। ରବିବାର ଉନ୍ମୋଚନ ହେବାକୁ ଯାଉଥିବା ଏହି ପ୍ରକଳ୍ପଟି ଭୁବନେଶ୍ୱରର ଉତ୍କଳ ହସ୍‌ପିଟାଲ ରୋଡ୍‌ରେ ରହିଛି। ଷ୍ଟଲୱାର୍ଟ ଆଟ୍‌ମସ୍ଫିୟରର ସ୍ୱତନ୍ତ୍ରତା ହେଉଛି ଏହାର ଅବସ୍ଥାନ, ପରିକଳ୍ପନା ଏବଂ ଜୀବନଶୈଳୀକୁ ନେଇ ଥିବା ବିଶେଷ ବ୍ୟବସ୍ଥା। ପ୍ରକଳ୍ପଟି ୨୦୦ ଫୁଟ୍ ଚଉଡ଼ା ରାସ୍ତା ଉପରେ ଅବସ୍ଥିତ ଏବଂ ଏକାମ୍ର କାନନ ପାର୍କଠାରୁ ମାତ୍ର ୩ ମିନିଟ୍ ଦୂରରେ। ଏହାର ୬୮୦ ଫୁଟ୍ ରିଜର୍ଭ ଫରେଷ୍ଟ ଫ୍ରଣ୍ଟେଜ୍ ଥିବାରୁ ପ୍ରତ୍ୟେକ ଆପାର୍ଟମେଣ୍ଟରୁ ପ୍ରାକୃତିକ ଜଙ୍ଗଲର ଦୃଶ୍ୟ ଉପଭୋଗ କରିହେବ। 'ଷ୍ଟଲୱାର୍ଟ ଆଟ୍‌ମସ୍ଫିୟର'କୁ ୪ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରକଳ୍ପରେ ୩ ବିଏଚ୍‌କେ ଏବଂ ୩ ବିଏଚ୍‌କେର ଡବଲ ୟୁନିଟ୍ ବାସଗୃହ ରହିବ। ଆଟ୍‌ମସ୍ଫିୟର କେବଳ ଆଜିର ପରିବାର ପାଇଁ ଘର ନିର୍ମାଣ କରିବା ନୁହେଁ; ଏହା ଏପରି ଏକ ସ୍ଥାନ ସୃଷ୍ଟି କରିବା, ଯାହା ଆଗାମୀ ପିଢ଼ିମାନଙ୍କ ପାଇଁ ମଧ୍ୟ ପ୍ରାସଙ୍ଗିକ ଓ ଅର୍ଥପୂର୍ଣ୍ଣ ରହିବ ବୋଲି ଷ୍ଟଲୱାର୍ଟ ପ୍ରୋଜେକ୍ଟର ପ୍ରତିଷ୍ଠାତା ତଥା ସିଏମ୍‌ଡି ଶରତ କୁମାର ସାହୁ କହିଛନ୍ତି। 'ଷ୍ଟଲୱାର୍ଟ ଆଟମସ୍ଫିୟର'ରେ ଲକ୍ଜୁ୍ୟରୀ ଏବଂ ପ୍ରାକୃତିକ ପରିବେଶକୁ ଗୁରୁତ୍ୱ ଦିଆଯାଉଥିବା ସିଇଓ ସୁବ୍ରତ କୁମାର ସାହୁ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଉପସଭାପତି (ବିଜ୍‌ନେସ୍ ଅପରେସନ୍) ରୋହିତ୍ ବାଘେଲ୍, ଉପସଭାପତି (କମ୍ପାନୀ ବ୍ୟାପାର) ସ୍ମୃତି ସ୍ୱଜଳିକା ଏବଂ ଉପସଭାପତି (ପ୍ରକଳ୍ପ ଓ ଇଞ୍ଜିନିୟରିଂ) ଆଦିତ୍ୟ ନାରାୟଣ ସାହୁ ଉପସ୍ଥିତ ଥିଲେ।

## ମହିଳା ଉଦ୍ୟୋଗୀଙ୍କ ପାଇଁ 'ଉଦ୍ୟମୀ ଶକ୍ତି' ଜାତୀୟ ସେମିନାର




ଭୁବନେଶ୍ୱର,୨୨।୮ (ସମିସ): ମହିଳା ଉଦ୍ୟୋଗୀଙ୍କୁ ବଜାର ସହ ଯୋଡ଼ିବା, ଡିଜିଟାଲ ପ୍ଲାଟଫର୍ମରେ ସୁଯୋଗ ସୃଷ୍ଟି କରିବା ଏବଂ ସରକାରୀ ଯୋଜନାର ଲାଭ ପହଞ୍ଚାଇବା ଲକ୍ଷ୍ୟରେ 'ଉଦ୍ୟମୀ ଶକ୍ତି' ଶୀର୍ଷକ ଜାତୀୟ ସେମିନାର ଆୟୋଜିତ ହୋଇଛି। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଅଧୀନ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ, କଟକ ଓ ଦ ଉତ୍କଳ ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ୟୁସିସିଆଇଏଲ୍ ପରିସରରେ ଏହି ସେମିନାର ଅନୁଷ୍ଠିତ ହୋଇଥିଲା। 'ମହିଳା ଉଦ୍ୟୋଗୀଙ୍କ ପାଇଁ ମାର୍କେଟିଂ, ଇ-କମର୍ସ ଓ ଯୋଜନା ସହାୟତା' ଏହାର ବିଷୟବସ୍ତୁ ଥିଲା। ଏହି ସେମିନାରରେ ପ୍ରାୟ ୧୧୦ ଜଣ ମହିଳା ଉଦ୍ୟୋଗୀ ଓ ବିଭିନ୍ନ ଅଂଶୀଦାର ଯୋଗଦେଇଥିଲେ। ଏଥିରେ ଡିଜିଟାଲ ମାର୍କେଟିଂ, ଇ-କମର୍ସ ପ୍ଲାଟଫର୍ମ, ସରକାରୀ ଯୋଜନା, ଅର୍ଥଯୋଗାଣର ସୁଯୋଗ ଏବଂ ବ୍ୟବସାୟକୁ ବିସ୍ତାର କରିବାର ବିଭିନ୍ନ ମାର୍ଗ ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର-କମ୍-ସଚିବ ରଶ୍ମିତା ପଣ୍ଡା ଯୋଗଥିଲେ। ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ, କଟକର ନିର୍ଦ୍ଦେଶକ ପି.କେ. ଗୁପ୍ତା ଆଇଇଡିଏସ୍ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ୟୁସିସିଆଇଏଲ୍ ସଭାପତି ଡ. ପ୍ରବୋଧ ମହାନ୍ତି ଓ ୟୁସିସିଆଇଏଲ୍ ସଚିବ ସଞ୍ଜୀବ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ୟୁସିସିଆଇଏଲ୍ ସମ୍ପାଦକ ଡ. ସଞ୍ଜୀବ ମହାପାତ୍ର ବ୍ରାଣ୍ଡିଂ, ମାର୍କେଟିଂ, ଡିଜିଟାଲ ପ୍ଲାଟଫର୍ମ ସମ୍ପର୍କରେ କହିଥିଲେ।

# ଚୀନ୍ ଛାଡ଼ି ଭାରତରେ ସ୍ମାର୍ଟଫୋନ୍ ନିର୍ମାଣ କରିବ ଗୁଗଲ !

## କେବଳ ଆଇଫୋନ୍ ନୁହେଁ; ଅନ୍ୟ ଉତ୍ପାଦ ବି ତିଆରି କରିବ ଆପଲ୍

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଭାରତରେ ଆପଲ ଓ ଗୁଗଲର ହାର୍ଡୱେର୍ ମାନୁଫାକ୍ଚରିଂ ଆହୁରି ବଢ଼ିବାକୁ ଯାଉଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଆପଲ ଭାରତରେ ଆଇଫୋନ ବ୍ୟତୀତ ଅନ୍ୟ ଉତ୍ପାଦର ମାନୁଫାକ୍ଚରିଂ ମଧ୍ୟ ବଢ଼ାଇବା ନେଇ ସରକାର ସହ ଆଲୋଚନା କରୁଛି। ଅନ୍ୟପଟେ ଗୁଗଲ ଚୀନ୍‌ରୁ ନିଜର ରପ୍ତାନିମୁଖୀ ଉତ୍ପାଦନର ବଡ଼ ଅଂଶ ଭାରତକୁ ସ୍ଥାନାନ୍ତର କରିପାରେ। ଗୁଗଲ ୨୦୨୩ ଅକ୍ଟୋବରରେ ଭାରତରେ ପିକ୍ସେଲ ସ୍ମାର୍ଟଫୋନ୍ ଉତ୍ପାଦନ ଆରମ୍ଭ କରିବା ଘୋଷଣା କରିଥିଲା। ପ୍ରଥମେ ପିକ୍ସେଲ୍ ୮ ମଡେଲ୍ରୁ ଏହି ଉତ୍ପାଦନ ଆରମ୍ଭ ହୋଇଥିଲା। ଭାରତକୁ ଏକ ପ୍ରମୁଖ ବଜାର ଭାବେ ଦେଖିବା ସହ ଦେଶରେ ଉତ୍ପାଦନ ବଢ଼ାଇବା ଦିଗରେ ଏହା ପ୍ରାରମ୍ଭିକ ପଦକ୍ଷେପ ବୋଲି ଗୁଗଲ କହିଥିଲା।

ଡିକ୍ସନ ଟେକ୍ନୋଲୋଜୀ ସମେତ ବିଭିନ୍ନ ମାନୁଫାକ୍ଚରିଂ ପାର୍ଟନର୍ ଭାରତରେ ଗୁଗଲ ପିକ୍ସେଲ ଫୋନ୍ ଆସେମ୍ବଲ୍ କରୁଛନ୍ତି। ୨୦୨୫ରେ ଗୁଗଲ ଭାରତରେ ପିକ୍ସେଲ ଉତ୍ପାଦନ ବଢ଼ାଇବା ସହ ଦେଶରେ ତିଆରି ଡିଭାଇସ୍କୁ ରପ୍ତାନି ପାଇଁ ପ୍ରସ୍ତୁତ କରୁଥିଲା। ଏହି ସପ୍ତାହରେ ପ୍ରକାଶିତ ରିପୋର୍ଟ ଅନୁସାରେ, ୨୦୨୭ରୁ ଗୁଗଲ ଚୀନ୍ରେ ପିକ୍ସେଲ ଫୋନ୍, ସ୍ମାର୍ଟୱାଚ୍ ଓ ୱାୟରଲେସ୍ ଇୟରବଡ୍ ଉତ୍ପାଦନ ବନ୍ଦ କରି ଭାରତ ଓ ଭିଏତନାମ୍ରୁ ଉତ୍ପାଦନ ସ୍ଥାନାନ୍ତର କରିପାରେ। ଭାରତରେ ଆପଲର ମାନୁଫାକ୍ଚରିଂ ନେଟୱର୍କ ଗୁଗଲ ତୁଳନାରେ ଅଧିକ ବଡ଼। ଆପଲ ୨୦୧୭ରୁ ଭାରତରେ ଆଇଫୋନ ଆସେମ୍ବଲି ଆରମ୍ଭ କରିଥିଲା। ଏବେ ଫକ୍ସକନ ଓ ଟାଟା ଗ୍ରୁପର ଭଳି କମ୍ପାନୀର ସହଯୋଗରେ ଦେଶରେ ଆଇଫୋନ ଉତ୍ପାଦନ ବ୍ୟାପକ ଭାବେ ହେଉଛି। କାଉଣ୍ଟର ପଏଣ୍ଟର ଆକଳନ ଅନୁସାରେ, ୨୦୨୬ରେ ବିଶ୍ୱର ମୋଟ ଆଇଫୋନ ଉତ୍ପାଦନର ପ୍ରାୟ ୨୬ ପ୍ରତିଶତ ଭାରତରେ ତିଆରି ହୋଇପାରେ। ଭାରତ ଏବେ ଆପଲ ପାଇଁ ଏକ ବଡ଼ ଆଇଫୋନ ରପ୍ତାନି କେନ୍ଦ୍ର ଭାବେ ମଧ୍ୟ ଉଭା ହୋଇଛି। ଏବେ ସରକାରଙ୍କ ଲକ୍ଷ୍ୟ ହେଉଛି ଆପଲ ଏବେ କେବଳ ଆଇଫୋନ ଉତ୍ପାଦନରେ ସୀମିତ ନରହି ଅନ୍ୟ ହାର୍ଡୱେର୍ ଉତ୍ପାଦକୁ ମଧ୍ୟ ଭାରତରେ ଉତ୍ପାଦନ କରୁ। ଆପଲର ଭାରତୀୟ ଯୋଗାଣକାରୀମାନେ ଫାଇନାଲ୍ ଆସେମ୍ବଲି ବ୍ୟତୀତ ବିଭିନ୍ନ କମ୍ପୋନେଣ୍ଟ ମଧ୍ୟ ଦେଶରେ ଉତ୍ପାଦନ କରୁଛନ୍ତି।




ସେପଟେ ଘରୋଇ ବ୍ରାଣ୍ଡଗୁଡିକୁ ମଜଭୁତ କରିବାକୁ ଭାରତ ଜୋରସୋରରେ ଉଦ୍ୟମ ଚଳାଇଛି। ସରକାର ନୂଆ ମୋବାଇଲ ଫୋନ ମେନୁଫେକ୍ଚରିଂ ସ୍କିମ୍ ଲାଗୁ କରିଛନ୍ତି। ପୂର୍ବରୁ ଚାଲିଥିବା ବଡ଼ ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରିଂ ପାଇଁ ପିଏଲଆଇ ଯୋଜନା ୩୧ ମାର୍ଚ୍ଚ ୨୦୨୬ରେ ଶେଷ ହୋଇଥିଲା। ଜୁଲାଇରେ କ୍ୟାବିନେଟ୍ ଅନୁମୋଦନ କରିଥିବା ନୂଆ ଯୋଜନାରେ ୬୨,୫୦୦ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା ରହିଛି। ସରକାରୀ ତଥ୍ୟ ଅନୁସାରେ, ଭାରତରେ ବ୍ୟବହୃତ ମୋବାଇଲ୍ ଫୋନ୍ର ପ୍ରାୟ ୯୯.୨ ପ୍ରତିଶତ ଦେଶରେ ହିଁ ଉତ୍ପାଦନ ହେଉଛି। ଆର୍ଥିକ ବର୍ଷ ୨୦୨୬ରେ ସ୍ମାର୍ଟଫୋନ୍ ଭାରତର ସବୁଠାରୁ ବଡ଼ ଏକକ ରପ୍ତାନି ଉତ୍ପାଦ ବର୍ଗ ହୋଇଛି।

ଟେଲିଭିଜନ ପ୍ରିମିୟର

## 'ଜଗା ପରି ଭାଇ ଜଗତେ ନାହିଁ'

ରାଖୀ ପୂର୍ଣ୍ଣିମା ପୂର୍ବରୁ ଦର୍ଶକଙ୍କ ପାଇଁ ଆଜି ସନ୍ଧ୍ୟା ୬ଟା ୩୦ରେ ଜୀ-ସାର୍ଥକରେ ଟେଲିଭିଜନ ପ୍ରିମିୟର ହେବ ଏକ ହୃଦୟସ୍ପର୍ଶୀ ନୂତନ ଓଡ଼ିଆ ଚଳଚ୍ଚିତ୍ର 'ଜଗା ପରି ଭାଇ ଜଗତେ ନାହିଁ'। ପ୍ରଭୁ ଶ୍ରୀକୃଷ୍ଣ ଏବଂ ଦେବୀ ଦ୍ରୌପଦୀଙ୍କ ଅମର ସମ୍ପର୍କରୁ ଅନୁପ୍ରାଣିତ ଏହି ଚଳଚ୍ଚିତ୍ରଟି ଏମିତି ଏକ ବିଶ୍ୱାସକୁ ଆଧାର କରି ନିର୍ମାଣ କରାଯାଇଛି। ଯାହା ପ୍ରମାଣିତ କରେ ଯେ, ପ୍ରକୃତ ଭାଇ-ଭଉଣୀ ସମ୍ପର୍କ କେବଳ ରକ୍ତରେ ନୁହେଁ, ବରଂ ନିଛକ ପ୍ରେମ, ବିଶ୍ୱାସ ଏବଂ ତ୍ୟାଗ ଉପରେ ଗଢ଼ି ଉଠିଥାଏ। କାହାଣୀ ଏକ ନିର୍ଭୀକ ଡେଲିଭରୀ ବୟ 'ଜଗା' ଏବଂ 'ବର୍ଣ୍ଣାଳୀ'ଙ୍କୁ କେନ୍ଦ୍ର କରି ଗତିଶୀଳ। ଯେତେବେଳେ ଜଗା ନିଜ ଜୀବନକୁ ବାଜି ଲଗାଇ ବର୍ଣ୍ଣାଳୀକୁ ଏକ ବିପଦରୁ ରକ୍ଷା କରେ, ସେତେବେଳେ କୃତଜ୍ଞତା ସ୍ୱରୂପ ବର୍ଣ୍ଣାଳୀ ତାଙ୍କ ହାତରେ ରାକ୍ଷୀ ବାନ୍ଧେ ଏବଂ ସେଠାରୁ ଏକ ଅତୁଟ ସମ୍ପର୍କର ଜନ୍ମ ହୁଏ। ପରିବାର ପକ୍ଷରୁ ତିରସ୍କାର, କଠିନ ସମୟ ଏବଂ ସ୍ୱାମୀଙ୍କ ଅସୁବିଧା ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜଗା ହିଁ ବର୍ଣ୍ଣାଳୀର ସବୁଠାରୁ ବଡ଼ ଶକ୍ତି ଏବଂ ରକ୍ଷା କବଚ ସାଜି ଠିଆ ହୁଏ। ବିଶ୍ୱାସଘାତକତା ଓ ଲୋଭ ବିରୋଧରେ ଉଭୟେ କିପରି ସଂଗ୍ରାମ କରିଛନ୍ତି ଏବଂ ଅଦମ୍ୟ ସାହସ ଓ ଦୟାଭାବ ସହ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିଛନ୍ତି, ତାହା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ। ଚଳଚ୍ଚିତ୍ରଟିରେ ମୁଖ୍ୟ ଭୂମିକାରେ ଆର. ରଞ୍ଜନ ପଣ୍ଡା, ଭକ୍ତି ପଟ୍ଟନାୟକ, ଉଦିତ ଗୁରୁ ଏବଂ ସୋନାଲିସା ନାୟକ ନଜର ଆସିବେ। ପାରିବାରିକ ଡ୍ରାମା, ଥ୍ରିଲ୍, ଆବେଗ ଏବଂ ରକ୍ଷାବନ୍ଧନର ପବିତ୍ର ବାର୍ତ୍ତା ବହନ କରୁଥିବା ଏହି ସିନେମା ପ୍ରତିଟି ଓଡ଼ିଆ ପରିବାରର ହୃଦୟ ଜିଣିବ ବୋଲି ପ୍ରଯୋଜନା ସଂସ୍ଥା ଦୃଢ଼ ଆଶା ରଖିଛି। ■



## ଗଣେଶ ପୂଜାରେ 'ଦାହାନ୍- ଦି ଇଭିଲ୍ ୱିଦିନ୍'




ଗଣେଶ ପୂଜାରେ ଆସୁଛି ଓଡ଼ିଆ ହରର୍ ଚଳଚ୍ଚିତ୍ର 'ଦାହାନ୍- ଦି ଇଭିଲ୍ ୱିଦିନ୍'। ଓଡ଼ିଆ ଦର୍ଶକଙ୍କ ଭଲ ପାଇବାକୁ ଦୃଷ୍ଟିରେ ରଖି ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍ ପଛକୁ ପଛ ଗୋଟିଏ ପରେ ଗୋଟିଏ ନୂଆ ନୂଆ ଚଳଚ୍ଚିତ୍ର ଉପହାର ଦେଇ ଚାଲିଛି। ତେବେ ଦୁଇ ଭଉଣୀଙ୍କ କାହାଣୀକୁ ନେଇ ଦାହାନର କାହାଣୀ ଗତିଶୀଳ ହୋଇଥିବା ବେଳେ ଟିଜର୍ ଦେଖି ଦର୍ଶକ ବହୁତ ଉତ୍ସାହିତ ଅଛନ୍ତି ଏବଂ ଶୁଭମୁକ୍ତିକୁ ଉତ୍କଣ୍ଠାରେ ଅପେକ୍ଷା କରିଛନ୍ତି। ଏଥିରେ ବହୁ ଉଚ୍ଚକୋଟୀର ଅତ୍ୟାଧୁନିକ ଭିଏଫ୍ଏକ୍ସ କାମ ଦେଖିବାକୁ ମିଳିବ। ଏହି ଓଡ଼ିଆ ହରର୍ ସିନେମାର କାହାଣୀ, ଚିତ୍ରନାଟ୍ୟ ସାଙ୍ଗକୁ ନିର୍ଦ୍ଦେଶନାଭାର ନେଇଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଅନୁପମ ପଟ୍ଟନାୟକ। ଏହାକୁ ବର୍ଷା ପଟ୍ଟନାୟକ ଏବଂ ଅନୁପମ ପଟ୍ଟନାୟକ ପ୍ରଯୋଜନା କରିଛନ୍ତି। ଏହି ସିନେମା ଦର୍ଶକଙ୍କୁ ଡରାଇବ ନାହିଁ ବରଂ ଏହି କାହାଣୀ ସିନେମା ହଲ୍ରୁ ବାହାରିବା ପରେ ବି ଦର୍ଶକଙ୍କ ମନରେ ଛାପ ଛାଡ଼ିଯିବ ବୋଲି ନିର୍ଦ୍ଦେଶକ ଅନୁପମ କହିଛନ୍ତି। 'ଦାହାନ୍' ମାଧ୍ୟମରେ ଓଡ଼ିଆ ସିନେମାର କାହାଣୀ ବର୍ଣ୍ଣନା ଶୈଳୀ ଏବଂ ବୈଷୟିକ ମାନଦଣ୍ଡରେ ଏକ ନୂଆ ବିପ୍ଳବ ଆଣିବ ବୋଲି ଆଶା କରାଯାଉଛି। ଏହି ସିନେମାରେ ବର୍ଷା ପଟ୍ଟନାୟକ, ଅରୋଶିଖା ମିଶ୍ର, ସମ୍ରାଟ ମହାପାତ୍ର, ପାର୍ଥସାରଥୀ ରାୟ, ନିଶାନ୍ତ ମାଜିଠିଆ, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଣବ ପ୍ରସନ୍ନ ରଥ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ପ୍ରଣବ ପ୍ରସନ୍ନ ରଥ ସଂଳାପ ଲେଖିଥିବା ବେଳେ କ୍ୟାମେରା ପରିଚାଳନା ଦୀପକ କୁମାର ଓ ସମ୍ପାଦନା ରଶ୍ମିରଞ୍ଜନ ଦାଶ କରିଛନ୍ତି। ଟ୍ରେଣ୍ଡରେ ଥିବା ଯୁବ ସଙ୍ଗୀତ ନିର୍ଦ୍ଦେଶକ ଇଂ. ଆଶିଷ ପ୍ରଧାନ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଗୋପାଳ ଚନ୍ଦ୍ର ଘଡ଼ାଇ କାର୍ଯ୍ୟକାରୀ ପ୍ରଯୋଜକ ଦାୟିତ୍ୱ ବହନ କରିଛନ୍ତି। ■


## ସେପ୍ଟେମ୍ବରରେ 'ଅଭିସାର'

### ପ୍ରଥମଥର ମୁଖ୍ୟ ନାୟିକାରେ ତୃତୀୟ ଲିଙ୍ଗୀ



'ପୁଷ୍ପଜନ ଏଣ୍ଟରଟେନମେଣ୍ଟ' ଦ୍ୱାରା ନିର୍ମାଣ ହୋଇଥିବା ଏକ ମୌଳିକ କାହାଣୀର ଚଳଚ୍ଚିତ୍ର 'ଅଭିସାର: ଏକ ପ୍ରେମ କାହାଣୀ' ସେପ୍ଟେମ୍ବରରେ ମୁକ୍ତିଲାଭ କରିବ। ପୂର୍ବରୁ ରିଲିଜ୍ ହୋଇଥିବା ଏହାର ପୋଷ୍ଟର ଏବଂ ଗୀତକୁ ଦର୍ଶକଙ୍କ ଅହେତୁକ ଭଲପାଇବା ମିଳିଛି। ଚଳଚ୍ଚିତ୍ରର କାହାଣୀ ସଂଘମିତ୍ରା ଭଞ୍ଜ ଲେଖିଥିବା ବେଳେ ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ରଞ୍ଜିତ ମହାନ୍ତି। ଏହାକୁ ବିଜୟ କେତନ ମିଶ୍ର ଏବଂ ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରଯୋଜନା କରିଛନ୍ତି। ଚିତ୍ରଭୋଳନରେ ପ୍ରସନ୍ନ କୁମାର ଏବଂ ସମ୍ପାଦନା ଦାୟିତ୍ୱରେ ରହିଛନ୍ତି ଚନ୍ଦ୍ରଶେଖର ମିଶ୍ର। ଏଥିରେ ସଙ୍ଗୀତ ନିର୍ଦ୍ଦେଶକ ବିଭୂତି ଭୂଷଣ ଗଡ଼ନାୟକ ଅଛନ୍ତି। ସିନେମାର ମୁଖ୍ୟ ଚରିତ୍ରରେ ମୀରା ପରିଡ଼ା, ନବାଗତ ଅଭିନେତା ରୁଦ୍ର ପ୍ରତାପ ମହାନ୍ତି ଏବଂ ଅଭିନେତ୍ରୀ ଭୂମି ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟ ମହାନ୍ତି, ଶିବାଜୀ ରାଜା ପ୍ରମୁଖ ଅଭିନୟ କରିଛନ୍ତି। ମୁଖ୍ୟ ଅଭିନେତ୍ରୀ ଭୂମିକାରେ ଥିବା ଭୂମି ଜଣେ କିନ୍ନର। ଜଣେ କିନ୍ନରଙ୍କୁ ମୁଖ୍ୟ ଅଭିନେତ୍ରୀ ଚରିତ୍ରରେ ନେଇ ସିନେମା ନିର୍ମାଣ କରିବା ଏହା ପ୍ରଥମ। ଚଳଚ୍ଚିତ୍ରର କାହାଣୀ ଚିରାଚରିତ କାହାଣୀଠୁ ଅଲଗା ଏବଂ ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରଥମ ବୋଲି ନିର୍ଦ୍ଦେଶକ ରଞ୍ଜିତ ମହାନ୍ତି କହିଛନ୍ତି। 'ଅଭିସାର, ଏକ ପ୍ରେମ କାହାଣୀ'କୁ ଓଡ଼ିଶାବାସୀ ଢେର ଭଲ ପାଇବା ଦେବେ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକଟ କରିଛି। ■

## 'ହବାସପୁରୀ ୱିଭିଂ: ଦ ସେକେଣ୍ଡ ଆଣ୍ଡ ଲାଷ୍ଟ ଡେଥ୍'ର ପୋଷ୍ଟର ରିଲିଜ୍




ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଚଳଚ୍ଚିତ୍ର ମାଧ୍ୟମରେ ବିଶ୍ୱ ଦରବାରରେ ପହଞ୍ଚାଇବାରେ 'ରିତୁପ୍ରିୟା ପ୍ରଡକ୍ସନ୍ସ' ଏବଂ ପ୍ରସିଦ୍ଧ ଚଳଚ୍ଚିତ୍ର ପ୍ରଯୋଜକ ଅତିଶ କୁମାର ରାଉତ ସଦାସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛନ୍ତି। ଏହି କ୍ରମରେ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ନେଇ ନିର୍ମିତ ହେଉଥିବା ବହୁ ପ୍ରତୀକ୍ଷିତ ଓଡ଼ିଆ ବୃତ୍ତଚିତ୍ର 'ହବାସପୁରୀ ୱିଭିଂ: ଦ ସେକେଣ୍ଡ ଆଣ୍ଡ ଲାଷ୍ଟ ଡେଥ୍'ର ସ୍ୱତନ୍ତ୍ର ପୋଷ୍ଟର ଜାତୀୟ ହସ୍ତତନ୍ତ ଦିବସ ଅବସରରେ ରିଲିଜ ହୋଇଛି। 'ହବାସପୁରୀ ୱିଭିଂ' କଳାହାଣ୍ଡି ଜିଲ୍ଲାର ପ୍ରସିଦ୍ଧ ତଥା ଲୁପ୍ତପ୍ରାୟ ହବାସପୁରୀ ହସ୍ତତନ୍ତ ପରମ୍ପରା, ଏହାର ଇତିହାସ, ବର୍ତ୍ତମାନର ସଂଘର୍ଷ ଏବଂ ଏହାର ପୁନରୁଦ୍ଧାର ସମ୍ଭାବନାକୁ ନେଇ ନିର୍ମିତ ହୋଇଛି। ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ପ୍ରଯୋଜକ ଅତିଶ କୁମାର ରାଉତ ଏହାର ପ୍ରଯୋଜନା ଭାର ସମ୍ଭାଳିଥିବା ବେଳେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ବିଶ୍ୱନାଥ ରଥ ଏବଂ ମୟୂର ମହାପାତ୍ର ଏହାର ଯୁଗ୍ମ ନିର୍ଦ୍ଦେଶନା ଦେଉଛନ୍ତି। ଏହି ବୃତ୍ତଚିତ୍ରଟି ବିଶ୍ୱନାଥ ରଥଙ୍କ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଚଳଚ୍ଚିତ୍ର 'କୋଟପାଡ଼ ୱିଭିଂ: ଦ ଷ୍ଟୋରୀ ଅଫ୍ ଆ ରେସ୍ ଏଗେନ୍ଷ୍ଟ ଟାଇମ୍'ର ଅନ୍ୟ ଏକ ପରିକଳ୍ପନା। ଏହି ଡକ୍ୟୁମେଣ୍ଟାରୀ ଭାରତର ସାଂସ୍କୃତିକ ସିନେମା ଜଗତରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବାର ପ୍ରତିଶ୍ରୁତି ଦିଏ। ■

ସାକ୍ଷାତକାର

## 'ଜଣେ କଳାକାର ପାଇଁ ପ୍ରତ୍ୟେକ ଚରିତ୍ର ଗୁରୁତ୍ୱପୂର୍ଣ୍ଣ'

ତୃଷ୍ଣା ମହାକୁଳ, ଅଭିନେତ୍ରୀ

'କପାଳ ଲିଖନ କେ କରିବ ଆନ' ଅର୍ଥାତ୍ ଭାଗ୍ୟରେ ଯାହା ଲେଖା ଥାଏ ତାହା ଅବଶ୍ୟ ଘଟିଥାଏ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଭୁବନେଶ୍ୱରର ତୃଷ୍ଣା ମହାକୁଳ। ପିଲାଦିନେ ସେ ଓଡ଼ିଶୀ ଏବଂ ମଡର୍ଣ୍ଣ ଡ୍ୟାନ୍ସ ଶିଖୁଥିଲେ। ହେଲେ ସୌଭାଗ୍ୟବଶତଃ ତାଙ୍କୁ 'ମହାବାତ୍ୟା' ଟେଲି ଫିଲ୍ମରେ ଶିଶୁ କଳାକାର ଭାବେ କାମ କରିବାକୁ ସୁଯୋଗ ମିଳିଥିଲା। ଏହା ପରେ ସେ ଆଉ ପଛକୁ ଫେରି ଚାହିଁନାହାଁନ୍ତି। ଏକାଧିକ ଧାରାବାହିକରେ ସେ ଶିଶୁ କଳାକାର ଭାବେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜିଣିଛନ୍ତି। 'ଆଶାର ଆକାଶ' ଧାରାବାହିକରେ ଡେବ୍ୟୁ କରିବା ପରେ ଏକାଧିକ ଧାରାବାହିକ ଓ ସିନେମାରେ ସେ ଅଭିନୟ କରିଛନ୍ତି। ଏବେ ତୃଷ୍ଣା ଲୋକପ୍ରିୟ ଧାରାବାହିକ 'ସୁନା ଝିଅ'ରେ ଖୁଡ଼ି ଚରିତ୍ରରେ ଘରେ ଘରେ ପରିଚିତ। ତେବେ ଏହି ଲାଇନ୍କୁ ଆସିବାକୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ।



**ରଙ୍ଗିନ ଦୁନିଆକୁ କେମିତି ଆସିଲେ?**

● ପିଲାଦିନୁ ମୁଁ ଓଡ଼ିଶୀ, ମଡର୍ଣ୍ଣ ଡ୍ୟାନ୍ସ ଶିଖୁଥିଲି। ଚେସ୍ ଖେଳୁଥିଲି। ଅଭିନୟ ବିଷୟରେ କିଛି ଜାଣିନଥିଲି କି ଭବିଷ୍ୟତରେ ଅଭିନେତ୍ରୀଟିଏ ହେବି ବୋଲି ଧାରଣା ନଥିଲା। ହେଲେ ଭଗବାନଙ୍କ ଆଶୀର୍ବାଦରୁ ଏହି ଲାଇନ୍କୁ ମୁଁ ଟାଣି ହୋଇ ଆସିଲି। ଏଥିରେ ମୋର ସ୍କୁଲ ଶିକ୍ଷକ ତଥା ହାସ୍ୟ ଅଭିନେତା ଶଙ୍କର୍ଷଣ ପ୍ରଧାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ 'ମହାବାତ୍ୟା' ନାମକ ଏକ ଟେଲି ଫିଲ୍ମରେ ଶିଶୁ କଳାକାର ଭାବେ ଅଭିନୟ କରିବାକୁ ମୋତେ ସୁଯୋଗ ଦେଇଥିଲେ। ଏହାପରେ 'ଗାୟତ୍ରୀ', 'ଜୀବନ ଯମୁନାରେ ଜୁଆର ଉଠେରେ', 'ବୋହୂ' ଆଦି ଧାରାବାହିକରେ ଶିଶୁ କଳାକାର ଭାବେ ଅଭିନୟ କରିଥିଲି। ପରେ 'ଆଶାର ଆକାଶ'ରେ ସେକେଣ୍ଡ ଲିଡ୍ରେ ଶାଶ୍ୱତୀ ଭୂମିକାରେ ଅଭିନୟ କଲି। ଏହା ପରେ 'ରାନୀ', 'ତୋ ଅଗଣାର ତୁଳସୀ ମୁଁ', 'ତୋ ପାଇଁ ମୁଁ', 'ମା' ଯାହାର ସାହା' ଅଭିନୟ କରିବାର ସୁଯୋଗ ପାଇଲି। ଏବେ 'ସୁନା ଝିଅ'ରେ ଖୁଡ଼ି ଚରିତ୍ରରେ ଅଭିନୟ କରୁଛି।

**ଅଭିନୟ ପାଇଁ ବିଧିବଦ୍ଧ ତାଲିମ ନେଇଥିଲେ କି?**

● ଅଭିନୟ କରିବାକୁ ମୁଁ ବିଧିବଦ୍ଧ ଭାବେ ତାଲିମ ନେଇ ନାହିଁ। ଜଣେ କଳାକାର ପାଇଁ ପ୍ରତ୍ୟେକ ଚରିତ୍ର ଗୁରୁତ୍ୱପୂର୍ଣ୍ଣ। ତେଣୁ ସକାରାତ୍ମକ ଚରିତ୍ର କରୁ କରୁ ନକାରାତ୍ମକ ଚରିତ୍ର ମିଳିଲେ ମଧ୍ୟ ତାହାକୁ କରିବା ପାଇଁ ବାଧ୍ୟ। ସେଥିପାଇଁ ପ୍ରତ୍ୟେକ ଚରିତ୍ରକୁ ମୁଁ କେମିତି ଜୀବନ୍ତ କରିପାରିବି, ସେହି ଦିଗ ପ୍ରତି ବିଶେଷ ଦୃଷ୍ଟି ଦିଏ।

**ସିନେମାରେ ବି ତୃଷ୍ଣା ଜଲୱା ଦେଖାଇଛନ୍ତି?**

● ମୁଁ ବହୁତ ଭାଗ୍ୟଶାଳୀ ଯେ ଧାରାବାହିକ ପରି ସିନେମାରେ କାମ କରିବାକୁ ସୁଯୋଗ ମିଳିଛି। 'ଭାବେ ସିନା କହିପାରେନା' ହଲ୍ରେ ରିଲିଜ୍ ହୋଇଥିଲା। ଏହାପରେ ତରଙ୍ଗର 'ପ୍ରେମ୍ ଫର୍ ସେଲ୍', ଜୀ ସାର୍ଥକର 'କୁଳାଙ୍ଗାର' ଆଦି ସିନେମାରେ ମୁଁ ଅଭିନୟ କରିସାରିଛି।

**ପ୍ରଥମ ପାରିଶ୍ରମିକ କେତେ ମିଳିଥିଲା?**

● ବୋଧହୁଏ ପ୍ରଥମ ପାରିଶ୍ରମିକ ୫୦୦ ଟଙ୍କା ମିଳିଥିଲା।

**କେଉଁ ଚରିତ୍ର ଆପଣଙ୍କୁ ଅଧିକ ଲୋକପ୍ରିୟତା ଦେଇଛି?**

● 'ତୋ ଅଗଣାର ତୁଳସୀ ମୁଁ'ର ଶୁଭି ଚରିତ୍ରଟି ମୋତେ ଅଧିକ ଲୋକପ୍ରିୟତା ଦେଇଛି। ସେହିପରି 'ତୋ ପାଇଁ' ଧାରାବାହିକର ନକାରାତ୍ମକ ଚରିତ୍ରକୁ ମଧ୍ୟ ଦର୍ଶକ ଭଲପାଇବା ଦେଇଥିଲେ।

**ସୁଟିଂ ନଥିଲେ କ'ଣ କରନ୍ତି?**

● ସୁଟିଂ ନଥିଲେ ମୁଁ ଘରେ ରୁହେ। ଭଉଣୀର ଛୋଟ ଛୁଆ ସହିତ ସମୟ ବିତାଏ। ଘର ବାହାର କାମ କରେ।

**ଫିଟ୍ ରହିବାର ଫର୍ମୁଲା?**

● ଫିଟ୍ ରହିବାକୁ ନିୟମିତ ବ୍ୟାୟାମ କରେ। ଆଗରୁ ଜିମ୍ ଯାଉଥିଲି ହେଲେ ଏବେ ସୁଟିଂ ବ୍ୟସ୍ତତା ଯୋଗୁଁ ସମୟ ମିଳୁ ନାହିଁ। ତେଣୁ ସନ୍ତୁଳିତ ଖାଦ୍ୟପେୟକୁ ଅଧିକ ଗୁରୁତ୍ୱ ଦିଏ।

**ଭବିଷ୍ୟତରେ କେଉଁ ଚରିତ୍ରରେ କାମ କରିବାକୁ ଇଚ୍ଛା ରହିଛି?**

● ମୋତେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ଅଛି। ଭବିଷ୍ୟତରେ ମୁଖ୍ୟ ଚରିତ୍ର ଯାହା ଦର୍ଶକଙ୍କ ହୃଦୟକୁ ଛୁଉଁଥିବ ସେମିତି ଚରିତ୍ରରେ କାମ କରିବାକୁ ଆଗ୍ରହ ରହିଛି।

**ଦର୍ଶକଙ୍କ ପ୍ରଶଂସାକୁ କେମିତି ଗ୍ରହଣ କରନ୍ତି?**


● ଦର୍ଶକ ଆମ ପାଇଁ ଭଗବାନ। ସେମାନଙ୍କ ପ୍ରଶଂସା ହିଁ ଜଣେ କଳାକାରଙ୍କୁ ଆଗକୁ ନେବାରେ ସାହାଯ୍ୟ କରେ।

**ବର୍ତ୍ତମାନ ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଅଭିନୟ ଜଗତକୁ ଯେଉଁମାନେ ଆସୁଛନ୍ତି ସିନିୟର କଳାକାରଙ୍କଠାରୁ ସବୁବେଳେ ଶିଖିବା ମନୋବୃତ୍ତି ରଖନ୍ତୁ। ଧୈର୍ଯ୍ୟ ରଖି କାମ କଲେ ଅଭିନୟ ନିଶ୍ଚିତ ଭାବେ ଭଲ ହେବ। ■

## ସତସତିକା ବାଘ ସହ ସୁଟିଂ

ପରଦା ପଛର କାହାଣୀ



ବଲିଉଡ୍ ଫିଲ୍ମରେ କେତେକ କଳାକାର ନିଜେ ଷ୍ଟଣ୍ଟ୍ ପ୍ରଦର୍ଶନ କରି ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି। ତେବେ କିଛି ଦୃଶ୍ୟ ବଡ଼ିବିଲଡ୍ର ଏବଂ ଷ୍ଟଣ୍ଟମ୍ୟାନ୍ଙ୍କ ଦ୍ୱାରା ସୁଟିଂ କରାଯାଏ। ହେଲେ ବଲିଉଡ୍ରେ ଏଭଳି ଏକ ଫିଲ୍ମ ଥିଲା ଯେଉଁଥିରେ ଅମିତାଭ ବଚ୍ଚନ ଅପ୍ରଶିକ୍ଷିତ ବାଘ ସହ ଷ୍ଟଣ୍ଟ ସୁଟିଂ କରିଥିଲେ। ନିକଟରେ ପ୍ରତିଷ୍ଠିତ ଆକ୍ସନ ମାଷ୍ଟର୍ ମୋହନ ବଗ୍ଗଡ୍ ଏକ ସାକ୍ଷାତକାରରେ ଫିଲ୍ମ 'ଖୁନ୍ ପସିନା'ରେ ଅମିତାଭ ବଚ୍ଚନଙ୍କ ଫାଇଟ୍ ଦୃଶ୍ୟ ପଛର ଏକ ରୋଚକ କାହାଣୀ ପ୍ରକାଶ କରିଥିଲେ। ତାଙ୍କ କହିବାନୁଯାୟୀ, ସେ ଏହି ଫିଲ୍ମରେ ଅମିତାଭଙ୍କ ପାଇଁ ଷ୍ଟଣ୍ଟ କରିଥିଲେ। ଏଥିରେ ଏକ ବାଘ ଦୃଶ୍ୟ ଥିଲା। ଅମିତାଭଙ୍କ ପାଇଁ ଯେଉଁ ଷ୍ଟଣ୍ଟମ୍ୟାନ୍ଙ୍କୁ ପ୍ରଥମେ ବଛାଯାଇଥିଲା ତାଙ୍କ ରଙ୍ଗ ଶ୍ୟାମଳ ଥିଲା। ଏଥିପାଇଁ ମେକର୍ସଙ୍କୁ ଲାଗିଲା ସେ ଏଥିପାଇଁ ଫିଟ୍ ହେବେନି। ତେଣୁ ନିର୍ଦ୍ଦେଶକ ଏ ନେଇ ବୀରୁ ଦେବ୍ଗନ୍ଙ୍କୁ ପଚାରିଥିଲେ ତାଙ୍କ ଟିମ୍ର କେହି ସଦସ୍ୟ ଏହି ଷ୍ଟଣ୍ଟ କରିପାରିବେ କି? ଏହାପରେ ମୋହନଙ୍କୁ ପଚାରିବାରୁ ସେ ଏହି ଷ୍ଟଣ୍ଟ କରିବା ପାଇଁ ରାଜି ହୋଇଥିଲେ। ବାଘ ସହ ଷ୍ଟଣ୍ଟ ଥିବାରୁ ତାଙ୍କୁ ପ୍ରଥମେ ଭୟ ଲାଗିଥିଲା। ଯେଉଁ ଦିନ ଏହି ଦୃଶ୍ୟ ସୁଟ୍ ଥିଲା ସେଦିନ ଅଭିଷେକ୍ ବଚ୍ଚନ ଜନ୍ମ ହୋଇଥିଲେ। ପୁଅ ଜନ୍ମ ହେବା ଖୁସିରେ ଅଭିନେତା ମଧ୍ୟ ବିପଜ୍ଜନକ ଷ୍ଟଣ୍ଟ ସୁଟ୍ କରିବାକୁ ରାଜି ହୋଇଥିଲେ। ସେ ଖୁସି ହୋଇ ମୁଁ ସିଂହ, ମୋ ପୁଅ ସିଂହ, ମୋ ଘରେ ଏକ ସିଂହ ଜନ୍ମ ହୋଇଥିବା କହି କିଛି ଭଲ ସଟ୍ ଦେଇଥିଲେ। ଷ୍ଟଣ୍ଟମ୍ୟାନ୍ଙ୍କ କହିବାନୁଯାୟୀ, ଏହି ଷ୍ଟଣ୍ଟ ସମୟରେ ଆଘାତ ମଧ୍ୟ ପାଇଥିଲେ। ବାଘଟି ପ୍ରଶିକ୍ଷଣ ନେଇ ନଥିବାରୁ ସେ ଷ୍ଟଣ୍ଟ ସୁଟ୍ ସମୟରେ କ୍ଷତି ପହଞ୍ଚାଉଥିଲା। ଅବଶ୍ୟ ତା'ର ମୁହଁକୁ ବନ୍ଧା ଯାଇଥିଲା। ■

■ ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍

# ଭାରତର ଗାୟତ୍ରୀ-ତ୍ରିଶାଙ୍କୁ କାଂସ୍ୟ



ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଭାରତର ମହିଳା ଯୁଗଳ ଯୋଡି ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିଶା ଜଲି ଏଠାରେ ଚାଲିଥିବା ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହି ପଦକ ସହ ଭାରତର ଅଭିଯାନ ଶେଷ ହୋଇଛି ଏବଂ ୨୦୧୧ ପରଠାରୁ ଭାରତ ସମସ୍ତ ଚାମ୍ପିଅନସିପ୍‌ରେ ଗୋଟିଏ ହେଲେ ପଦକ ଜିତିବରେ ସମର୍ଥ ହୋଇଛି। ମହିଳା ଯୁଗଳରେ ଭାରତ ଶେଷଥର ୨୦୧୧ରେ ପଦକ ବିଜୟୀ ହୋଇଥିଲା। ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନୀ ପୋନ୍ନାପ୍ପା ଏହି ପଦକ ଜିତିଥିଲେ।

ଆଜି ଖେଳାଯାଇଥିବା ସେମିରେ ଚତୁର୍ଥ ସିଡ ତଥା ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ଲିଉ ଶେଙ୍ଗ ଶୁ ଓ ତାନ ନିଙ୍ଗଙ୍କ ଯୋଡି ୧୮-୨୧, ୨୧-୧୩, ୨୧-୮ ସେଟ୍‌ରେ ଭାରତର ଗାୟତ୍ରୀ-ତ୍ରିଶାଙ୍କୁ ପରାସ୍ତ କରିଥିଲେ। ଏହା ଫଳରେ ନିୟମଅନୁଯାୟୀ ସେମିଫାଇନାଲରେ ପରାଜିତ ହୋଇଥିବା ଏହି ଭାରତୀୟ ଯୋଡି କାଂସ୍ୟ ପଦକ ବିଜୟୀ ହେବେ। ସେମିରେ ଭାରତୀୟ ଯୋଡି ପ୍ରଥମ ସେଟ୍‌ରେ ଦମ୍ ଦେଖାଇ ୨୧-୧୮ରେ ଜିତିଥିଲେ। କିନ୍ତୁ ଦୁଇଜଣ ଯୁବ ଖେଳାଳି ସେହି ଜୋଶ ନେଇ ଦ୍ୱିତୀୟ ଓ ତୃତୀୟ ସେଟ୍‌ରେ ଖେଳିପାରି ନ ଥିଲେ।

ପୁରୁଷ ବିଭାଗ ଏକକରେ ୫ଜଣ ଯାକ ଶୀର୍ଷ ଖେଳାଳି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଏହା ଫଳରେ ଏଥର ଜଣେ ନୂଆ ଖେଳାଳି ଚାମ୍ପିଅନ ହେବା ନିଶ୍ଚିତ ହୋଇଛି। ମହିଳା ଏକକରେ ଟମ୍ ସିଡ୍ ଆନ୍ ସେ ୟଙ୍ଗ, ତୃତୀୟ ସିଡ୍ ୱାଙ୍ଗ ଝି ୟି ଓ ଦ୍ୱିତୀୟ ସିଡ୍ ଆକାନେ ୟାମାଗୁଚି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ସମସ୍ତ ୫ଟି ବିଭାଗର ଫାଇନାଲ ସମେତ ପ୍ରତିଯୋଗିତା ଶେଷ ହେବ।

■ ଲାଉସେନ ଡାଇମଣ୍ଡ ଲିଗ୍

# ସିଜନର ଶ୍ରେଷ୍ଠ ସତ୍ତ୍ୱେ ନୀରଜ ଦ୍ୱିତୀୟ

ଲାଉସାନେ, ୨୨।୮ (ଏଜେନ୍ସି): ସୁଇଜରଲାଣ୍ଡର ଲାଉସେନରେ ଗତକାଲି ଅନୁଷ୍ଠିତ ଡାଇମଣ୍ଡ ଲିଗ୍‌ରେ ଭାରତର ଷ୍ଟାର୍ ଆଥ୍‌ଲେଟ ନୀରଜ ଚୋପ୍ରା ସିଜନର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ନୀରଜ ୮୮.୦୫ ମିଟରକୁ ଜାଭେଲିନ ଫିଙ୍ଗିଥିଲେ। ତେବେ ନୀରଜ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଶ୍ରୀଲଙ୍କାର ରୁମେଶ ପଥିରାଗେ ୮୮.୧୪ ମିଟର ଫିଙ୍ଗି ପୋଡିୟମର ଶୀର୍ଷ ସ୍ଥାନରେ ରହି ବାଜିମାତ୍ କରିନେଇଥିଲେ। ଗ୍ରେନେଡାର ସୁପରଷ୍ଟାର୍ ତଥା ପୂର୍ବତନ ବିଶ୍ୱ ଚାମ୍ପିଅନ ଆଣ୍ଡରସନ ପିଟର୍ସ ତୃତୀୟ ସ୍ଥାନରେ ରହିଥିଲେ। ସେ ୮୬.୬୯ ମିଟର ଜାଭେଲିନ ଫିଙ୍ଗିଥିଲେ।

ନିକଟରେ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟପଦକ ଜିତିଥିବା ନୀରଜ ଏଠାରେ ତାଙ୍କ ପ୍ରଥମ ପ୍ରୟାସରେ ୮୩.୫୪ ମିଟର ଦୂରତା ହାସଲ କରିଥିଲେ। ଏହାପରେ ଦ୍ୱିତୀୟ ପ୍ରୟାସରେ ନୀରଜ ସିଜନ ଶ୍ରେଷ୍ଠ ୮୮.୦୫ ମିଟର ଫିଙ୍ଗି ଶୀର୍ଷକୁ ଉଠିଥିଲେ। କିନ୍ତୁ ଶ୍ରୀଲଙ୍କାର ରୁମେଶ ୮୮.୧୪ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ନୀରଜଙ୍କୁ ପଛରେ ପକାଇଦେଇଥିଲେ। ଫଳରେ ଗ୍ଲାସଗୋ ପରେ ରୁମେଶ କ୍ରମାଗତ ଦ୍ୱିତୀୟ ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଚଳିତ ଡାଇମଣ୍ଡ ଲିଗ୍ ସିରିଜରେ ରୁମେଶଙ୍କ ଏହା ତୃତୀୟ ବିଜୟ। ଏଥିପୂର୍ବରୁ ସେ ରୋମ ଓ ଦୋହାରେ ମଧ୍ୟ ଚାମ୍ପିଅନ ହୋଇଥିଲେ।

# ମହିଳା ପର୍ବତାରୋହୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨୨।୮ (ସମିସ): ଓଡ଼ିଶାର ଏକ ମହିଳା ପର୍ବତାରୋହୀ ଦଳ ଅଗଷ୍ଟ ୧୫ରେ ହିମାଚଳ ପ୍ରଦେଶର ମାଉଣ୍ଟ ୟୁନମ ଆରୋହଣ କରିବା ପରେ ଗତକାଲି ଓଡ଼ିଶା ଫେରିଆସିଛନ୍ତି। ଏହି ପର୍ବତାରୋହୀ ଦଳକୁ ଆଜି ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସମ୍ବର୍ଦ୍ଧିତ କରିଛନ୍ତି। ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ୫ଜଣ ଓଡ଼ିଆ ମହିଳା ଅଗଷ୍ଟ ୧୫ରେ ୟୁନମ ଆରୋହଣ କରିବା ସହ ୮୦ ମିଟର ତିରଙ୍ଗା ଉତ୍ତୋଳନ କରିଥିଲେ। ଓଡ଼ିଶା ପର୍ବତାରୋହଣ ଇତିହାସରେ ଏହା ଏକ ମାଇଲଖୁଣ୍ଟ ହୋଇ ରହିବ।

# ଉତ୍କଳ ସ୍ପୋର୍ଟସ ମିଟ୍ ଆରମ୍ଭ

ଭୁବନେଶ୍ୱର,୨୨।୮ (ସମିସ): ଉତ୍କଳ କରାଟେ ସ୍କୁଲ୍‌ର ୪୬ତମ ପ୍ରତିଷ୍ଠା ଦିବସ ଅବସରରେ ଆଜିଠାରୁ ଆରମ୍ଭ ହୋଇଛି ଉତ୍କଳ ସ୍ପୋର୍ଟ୍ସ ମିଟ୍। ୩ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭୁବନେଶ୍ୱର, ପୁରୀ, କଟକ, ଖୋର୍ଦ୍ଧା ଓ କଟକ ଜିଲ୍ଲାରୁ ୨୨୦ ଜଣ କରାଟେକା ଅଂଶଗ୍ରହଣ କରିଛନ୍ତି। ୧୧ ବର୍ଷରୁ ଉର୍ଦ୍ଧ୍ୱରୁ ଆରମ୍ଭ କରି କ୍ୟାଡେଟ, ସବ୍‌ଜୁନିଅର, ଜୁନିଅର, ଓ ସିନିଅର ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ। ପ୍ରଥମ ଦିନରେ ଆୟୋଜିତ ଏହି ପ୍ରତିଯୋଗିତାରେ ସିନିଅର ଆଡଭୋକେଟ କାଳିପ୍ରସାଦ ନନ୍ଦ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍

# ସେମିଫାଇନାଲ ଖେଳିବା ଲାଗି ଭାରତକୁ ସୁଯୋଗ

ଆମଷ୍ଟଲଭିନ୍,୨୨।୮ (ଏଜେନ୍ସି)



ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କ୍ରସ୍ ଓଭର ମୁକାବିଲାରୁ ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହେବ। ପୁଲ-ଇ'ରେ ସ୍ଥାନ ପାଇଥିବା ଭାରତ ପ୍ରଥମ କ୍ରସ୍ ଓଭର ମୁକାବିଲାରେ ନେଦରଲ୍ୟାଣ୍ଡସଠାରୁ ୨-୦ ଗୋଲରେ ପରାଜିତ ହୋଇଛି। ସେହିପରି ଏହି ପୁଲ୍‌ର ଅନ୍ୟ ଏକ ମ୍ୟାଚ୍ ଚୀନ୍ ଓ ଅଷ୍ଟ୍ରେଲିଆ ମଧ୍ୟରେ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଚୀନ୍‌ର ପଏଣ୍ଟ ସଂଖ୍ୟା ୨ରେ ପହଞ୍ଚିଛି। କିନ୍ତୁ ପୁଲ୍ ମୁକାବିଲାରେ ଚୀନ୍ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିବା ଭାରତର ପଏଣ୍ଟ ୧ ରହିଛି। କ୍ରସ୍ ଓଭରର ପ୍ରଥମ ରାଉଣ୍ଡ ପରେ ନେଦରଲ୍ୟାଣ୍ଡସ ୬ ପଏଣ୍ଟ ପାଇଛି ଓ ଶେଷ ରାଉଣ୍ଡରେ ଆସନ୍ତାକାଲି ଚୀନ୍ ସହ ଖେଳିବ। ହଟ୍ ଫର୍ମରେ ଥିବା ନେଦରଲ୍ୟାଣ୍ଡସ ଏହି ମୁକାବିଲାରେ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି। ଦ୍ୱିତୀୟ ରାଉଣ୍ଡରେ ଦ୍ୱିତୀୟ ପୁଲ୍ ମୁକାବିଲାରେ ଅଷ୍ଟ୍ରେଲିଆ ସହ ଭାରତର ମୁକାବିଲା ହେବ। ଅଷ୍ଟ୍ରେଲିଆ ମଧ୍ୟ ୧ ପଏଣ୍ଟ ପାଇଛି ଓ ଗୋଲ ବ୍ୟବଧାନରେ ଭାରତ ଉପରକୁ ତୃତୀୟ ସ୍ଥାନରେ ରହିଛି। ଆସନ୍ତାକାଲିର ମ୍ୟାଚ୍‌ରେ ଚୀନ୍ ବିପକ୍ଷରେ ନେଦରଲ୍ୟାଣ୍ଡସ ବିଜୟୀ ହେଲେ ଭାରତକୁ ସେମିଫାଇନାଲ ଖେଳିବା ଲାଗି ସୁବର୍ଣ୍ଣ ସୁଯୋଗ ମିଳିବ। କିନ୍ତୁ ଭାରତ ତାହାର ଦ୍ୱିତୀୟ କ୍ରସ୍ ଓଭର ମୁକାବିଲାରେ ଅଷ୍ଟ୍ରେଲିଆକୁ ହରାଇବାକୁ ହେବ। ଏହି ଗୋଟିଏ ମ୍ୟାଚ୍ ଜିତିପାରିଲେ ଭାରତ ମହିଳା ବିଶ୍ୱକପ୍‌ରେ ଇତିହାସ ସୃଷ୍ଟି କରି ଦୀର୍ଘ ୫୨ ବର୍ଷ ପରେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଭାରତ ଏହି ସୁଯୋଗକୁ କିପରି ବ୍ୟବହାର କରିବ, ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳକୁ ହରାଇବା ଲାଗି କି ରଣନୀତି ନେବ ଏସବୁ ଆସନ୍ତାକାଲି ମୁକାବିଲା ପରେ ଜଣାପଡ଼ିବ। ଏହି ମ୍ୟାଚ୍‌ଟି ଭାରତୀୟ ସମୟ ରାତି ୧୦ଟା ୩୦ରୁ ଆରମ୍ଭ ହେବ। ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କରେ ଏହା ପ୍ରସାରିତ ହେବ।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ମହିଳା ଦଳ ବେଶ ପ୍ରଭାବଶାଳୀ ଖେଳ ପ୍ରଦର୍ଶନ କରିଛି। ପୁଲ-ଡି'ର ପ୍ରଥମ ମୁକାବିଲାରେ ଚୀନ୍ ଓ ଶେଷ ମୁକାବିଲାରେ ଇଂଲଣ୍ଡ ସହ ମ୍ୟାଚ ଡ୍ର ରଖି ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକମାତ୍ର ମ୍ୟାଚ୍ ୬-୧ ଗୋଲ ବ୍ୟବଧାନରେ ଜିତିଛି। ଦଳ ଯେ ଖରାପ ଖେଳୁଛି ତାହା କହିହେବ ନାହିଁ, କିନ୍ତୁ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଓ ଦ୍ରୁତ ଗେମ୍ ଖେଳୁଥିବା ଦଳ ବିପକ୍ଷରେ ଭାରତକୁ ମ୍ୟାଚ୍ ଜିତିବାକୁ ହେବ। ଏହି ଗୋଟିଏ ମ୍ୟାଚ୍ ଜିତିପାରିଲେ ଭାରତ ଇତିହାସ ସୃଷ୍ଟି କରିବା ସହ ସେମିଫାଇନାଲରେ ପ୍ରବେଶ କରିବ।

### ନେଦରଲ୍ୟାଣ୍ଡସଠାରୁ ହାରିଲା ଭାରତ

ପୁରୁଷ ବିଭାଗ କ୍ରସ୍ ଓଭରରେ ଆଜି ଭାରତ ୧-୩ ଗୋଲରେ ନେଦରଲ୍ୟାଣ୍ଡସ ନିକଟରୁ ପରାଜିତ ହୋଇଛି। ଏହା ଫଳରେ ଭାରତର ସେମିଫାଇନାଲକୁ ଉନ୍ନୀତ ହେବା ଆଶାରେ ବଡ ବ୍ରେକ୍ ଲାଗିଛି। ଭାରତ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ଆର୍ଜେଣ୍ଟିନାକୁ ସୋମବାର ପରାସ୍ତ କଲେ ମଧ୍ୟ ସେମିଫାଇନାଲ ଖେଳିବା ଆଶା କମ୍ ବୋଲି ଆଜିର ମ୍ୟାଚ୍ ପରେ ଜଣାଯାଇଛି। ଭାରତର ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ତାହାର ଦୁଇଟି ମୁକାବିଲା ଆଜି ଆର୍ଜେଣ୍ଟିନା ଓ ପରେ ନେଦରଲ୍ୟାଣ୍ଡସ ନିକଟରୁ ପରାଜିତ ହେଲେ ମଧ୍ୟ ସେମିଫାଇନାଲ ଖେଳିବା ଆଶା ଖୁବ୍ କମ୍ ବୋଲି ଜଣାଯାଇଛି।

### ଚାମ୍ପିଅନ ଜର୍ମାନୀକୁ ହରାଇଲା ସ୍ପେନ୍

ପୁଲ୍-ଏଫ୍ କ୍ରସ୍ ଓଭରରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀକୁ ୨-୧ ଗୋଲରେ ପରାସ୍ତ କରିଛି ସ୍ପେନ୍। ଏହି ବିଜୟ ଫଳରେ ସ୍ପେନ୍ ପୁଲ୍‌ରେ ଅଷ୍ଟ୍ରେଲିଆ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ଓ ବେଲଜିୟମ ସହ ଖେଳାଯାଇଥିବା ମୁକାବିଲା ୧-୧ ଗୋଲରେ ଡ୍ର ରହିଛି। ଆସନ୍ତାକାଲି ଖେଳାଯିବାକୁ ଥିବା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଜର୍ମାନୀ ସହ ଅଷ୍ଟ୍ରେଲିଆ ଓ ବେଲଜିୟମ ସହ ସ୍ପେନ୍‌ର ମୁକାବିଲା ହେବ। ସେମିଫାଇନାଲରେ କେଉଁ ଦୁଇ ଦଳ ପ୍ରବେଶ କରିବେ ତାହା କହିବା ମୁସ୍କିଲ ହୋଇଛି।

ଆଜିଠୁ ଦୁଲୀପ ଟ୍ରଫି

# ଉତ୍ତରପୂର୍ବକୁ ଭେଟିବ ପୂର୍ବାଞ୍ଚଳ

ବେଙ୍ଗାଲୁରୁ, ୨୨।୮ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ ଟ୍ରଫିର ୬୩ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁଯାଉଛି। ଏହି ପ୍ରଥମଶ୍ରେଣୀ କ୍ରିକେଟ୍ ପ୍ରତିଯୋଗିତା ସହ ବିସିସିଆଇର ୨୦୨୬-୨୭ ସିଜନ ଆନୁଷ୍ଠାନିକ ଭାବେ ଆରମ୍ଭ ହେବ। ଏହି ଚାରିଦିବସୀୟ ପ୍ରତିଯୋଗିତାରେ ପ୍ରଥମେ କ୍ୱାର୍ଟର ଫାଇନାଲ ସଦୃଶ ଦୁଇଟି ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଇଶାନ କିଶାନଙ୍କ ପୂର୍ବାଞ୍ଚଳ ଦଳ ସହ ଉତ୍ତର-ପୂର୍ବାଞ୍ଚଳ ଦଳର ମୁକାବିଲା ହେବ। ସେହିଭଳି ଅନ୍ୟ ଏକ ମ୍ୟାଚରେ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ପରସ୍ପରକୁ ଭେଟିବେ। କହ୍ନେୟା ୱାଧୱାନ ଉତ୍ତରାଞ୍ଚଳ ଦଳର ଏବଂ ରୁତୁରାଜ ଗାଏକୱାଡ ପଶ୍ଚିମାଞ୍ଚଳ ଦଳର ନେତୃତ୍ୱ ନେଉଛନ୍ତି। ଏହି ଦୁଇ ମ୍ୟାଚର ବିଜେତା ସେମିଫାଇନାଲକୁ ଉନ୍ନିତ ହେବେ। ଯେଉଁଥିରେ ଗତ ସଂସ୍କରଣର ଦୁଇ ଫାଇନାଲିଷ୍ଟ କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ସହ ମୁକାବିଲା ହେବ। ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଶୁଭାଂଶୁ ସେନାପତି ସ୍ଥାନ ପାଇଛନ୍ତି।

ଆଜିଠାରୁ ଦ୍ୱିତୀୟ ଟେଷ୍ଟ

# ଭାରତର ଲକ୍ଷ୍ୟ କ୍ଲିନ୍ ସୁଇପ୍



ଖେଳ ଆରମ୍ଭ- ପୂର୍ବାହ୍ଣ ୧୦ଟା
ଟିଭି ପ୍ରସାରଣ- ସୋନି ସ୍ପୋର୍ଟ୍ସ
ଲାଇଭ୍ ଷ୍ଟ୍ରିମିଂ- ସୋନି ଲିଭ୍

କଲମ୍ବୋ,୨୨।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ଟେଷ୍ଟ ମ୍ୟାଚ୍ ସ୍ଥାନୀୟ ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ରବିବାରଠାରୁ ଖେଳାଯିବ। ଗଲ୍‌ରେ ଖେଳାଯାଇଥିବା ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୧୬୫ ରନ୍‌ରେ ବିଜୟୀ ହୋଇଛି। ଏଠାରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ଜିତି ଭାରତ ସିରିଜ୍ ସୁଇପ ଲକ୍ଷ୍ୟରେ ରହିଛି। ଏହି ବିଜୟ ହାସଲ କଲେ ଭାରତ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲର ପ୍ରଥମ ୩ଟି ଟେଷ୍ଟ ସ୍ଥାନ ଅଧିକାର କରିବ। ଏଣୁ ଏହି ବିଜୟ ଲାଗି ଭାରତ ସମସ୍ତ ପ୍ରକାର ଚେଷ୍ଟା କରିବ।

ଗଲ୍ ଟେଷ୍ଟ ଖେଳିଥିବା ଭାରତୀୟ ଦଳରେ ପରିବର୍ତ୍ତନ ହେବାର ଆଶା କମ୍। କେବଳ କୁଲଦୀପ ଯାଦବ ଗଲ୍‌ରେ ଫେଲ ମାରିଥିଲେ। ତାଙ୍କ ସ୍ଥାନରେ ଜଣେ ଅଫ୍ ସ୍ପିନର ବା ସାରାଂଶ ଜୈନ୍‌ଙ୍କୁ ସାମିଲ କରାଯିବାର ସାମାନ୍ୟ ସମ୍ଭାବନା ରହିଛି। ବ୍ୟାଟିଂ ଲାଇନ୍ ପୂର୍ବପରି ଅପରିବର୍ତ୍ତିତ ରହିବ। ସେହିପରି ଶ୍ରୀଲଙ୍କା ଦଳର ବୋଲିଂରେ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। କିନ୍ତୁ ଦଳର ବ୍ୟାଟିଂରେ ପରିବର୍ତ୍ତନ ହେବ ବୋଲି ଅଧିନାୟକ ଧନଞ୍ଜୟ ଡି ସିଲଭା ସୂଚନା ଦେଇଛନ୍ତି। ଗଲ୍ ଟେଷ୍ଟ ଖେଳିଥିବା ନିଶାନ ମଦୁସ୍କା ବାଦ୍ ପଡ଼ିଥିବାରୁ କାମିଲ ମିଶରା ଡେବ୍ୟୁ ସହ ଇନିଂସ ଓପନ କରିବେ। ଗତ ମ୍ୟାଚ୍‌ରେ କନକସନ ଖେଳାଳିଭାବେ ଡେବ୍ୟୁ କରିଥିବା ପାସିନ୍ଦୁ ସୁରିଆବାନ୍ଦରା କିମ୍ବା ସାହାନ ଆରାଚିଚଗେଙ୍କ ମଧ୍ୟରୁ ଜଣେ ଖେଳିବେ।

ପ୍ରଥମ ଦିନରେ ୧୮ ୱିକେଟ୍; ଷ୍ଟାର୍କଙ୍କୁ ୬, ଶୋରିଫୁଲଙ୍କୁ ମଧ୍ୟ ୬

# ବାଂଲାଦେଶ ୬୪, ଅଷ୍ଟ୍ରେଲିଆ ୧୬୫/୮

ମାକୟ, ୨୨।୮ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ଏଠାରେ ଶନିବାରଠାରୁ ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଅଷ୍ଟ୍ରେଲିଆର ଏହି ନବାଗତ ଟେଷ୍ଟ ଭେନ୍ୟୁରେ ପ୍ରଥମ ଦିବସରେ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଥିଲା। ପ୍ରଥମ ଦିବସରେ ମୋଟ୍ ୧୮ଟି ୱିକେଟ୍‌ର ପତନ ଘଟିଥିଲା। ପ୍ରଥମ ଟେଷ୍ଟରେ ଐତିହାସିକ ବିଜୟ ହାସଲ କରିଥିବା ବାଂଲାଦେଶ ଏଠାରେ ଆଜି ମାତ୍ର ୬୪ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଦଳ ଶନିବାର ଷ୍ଟମ୍ପ ସୁଦ୍ଧା ୪୦ ଓଭରରେ ୮ ୱିକେଟ ହରାଇ ୧୬୫ ରନ ସଂଗ୍ରହ କରିଛି। ଦୁଇ ୱିକେଟ୍ ବଳକା ଥାଇ ଅଷ୍ଟ୍ରେଲିଆ ୧୦୧ ରନରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ପ୍ରଥମ ଟେଷ୍ଟରେ ଲଜ୍ଜାଜନକ ଭାବରେ ୯ ୱିକେଟରେ ହାରିଥିବା ଅଷ୍ଟ୍ରେଲିଆ ଦଳ ଏଠାରେ ବିଜୟୀ ହୋଇ ସିରିଜକୁ ୧-୧'ରେ ଡ୍ର ରଖିବାକୁ ଲକ୍ଷ୍ୟ ରଖିଛି।

ଏହି ଦ୍ୱିତୀୟ ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ବାଂଲାଦେଶ ଭୟଙ୍କର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇନିଂସର ପ୍ରଥମ ବଲରେ ଓପନର୍ ସାଦମନ ଇସଲାମ ଦୁର୍ଦ୍ଧର୍ଷ ମିଚେଲ ଷ୍ଟାର୍କଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇ ଫେରିଥିଲେ। ଏହାପରେ ଆହୁରି ସାଂଘାତିକ ବିପର୍ଯ୍ୟର ସମ୍ମୁଖୀନ ହୋଇ ବାଂଲାଦେଶ ୧୨ ରନରେ ଅଧା ଓ ୩୯ ରନରେ ୯ଜଣ ବ୍ୟାଟରଙ୍କୁ ହରାଇଥିଲା। ଏପରିକି ବାଂଲାଦେଶ ଏହାର ସର୍ବନିମ୍ନ ଟେଷ୍ଟ ସ୍କୋର (୪୩ ରନ ବନାମ ୱେଷ୍ଟଇଣ୍ଡିଜ, ୨୦୧୮)କୁ ଟପିପାରିବା ନେଇ ଆଶଙ୍କା ଦେଖାଦେଇଥିଲା। ତେବେ ୧୦ମ ୱିକେଟରେ ତାଇଜୁଲ ଇସଲାମ (ଅପରାଜିତ ୧୧ ରନ) ଓ ଶୋରିଫୁଲ ଇସଲାମ (୧୪ ରନ) ୨୫ ରନର ଭାଗୀଦାରି ଗଢ଼ିବାରୁ ବାଂଲାଦେଶ ଅଲୋଡ଼ା କୀର୍ତ୍ତିମାନରୁ ବର୍ତ୍ତିଯାଇଥିଲା। ବାଂଲାଦେଶର ଏହା ଚତୁର୍ଥ ସର୍ବନିମ୍ନ ଟେଷ୍ଟ ସ୍କୋର ହୋଇଛି। ଶୋରିଫୁଲଙ୍କ ପରେ ତାଇଜୁଲ ଓ ମେହେଦୀ ହାସନ ମିରାଜ ଦ୍ୱିତୀୟ ସର୍ବାଧିକ ୧୧ ରନ ଲେଖାଏ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟାର୍କ ୧୦ ଓଭରରେ ୬ ମେଡେନ ସହ ୧୨ ରନ ବ୍ୟୟରେ ସର୍ବାଧିକ ୬ଟି ୱିକେଟ ନେଇଥିଲେ। ଅଧିନାୟକ ପ୍ୟାଟ୍ କମିନ୍ସ ୩ ଓ ଜୋଶ ହାଜଲେଉଡ୍‌ଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଶୋରିଫୁଲ (୧୧-୨-୩୫-୬)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ୪୦ ଓଭରରେ ୮ ୱିକେଟ ହରାଇ ୧୬୫ ରନରେ ସଂଘର୍ଷ କରୁଛି। କାମେରନ ଗ୍ରୀନ ୫୧ ଓ ନାଥନ ଲିୟନ ୧୦ ରନରେ ଅପରାଜିତ ରହିଛନ୍ତି। ଷ୍ଟିଭ ସ୍ମିଥ (୪୨) ଓ ଟ୍ରାଭିସ ହେଡ୍ (୨୨) କେବଳ ଦୁଇଅଙ୍କ ଛୁଇଁପାରିଥିଲେ।

ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍

# କଳିଙ୍ଗରେ ଜାସନ, ରାଜରାଜନ୍ ଦ୍ରୁତତମ

ଭୁବନେଶ୍ୱର, ୨୨।୮ (ତୁଷାର ସେନାପତି)



ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଶନିବାର ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଦୌଡ଼କୁଦ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଏକଦିବସୀୟ ପ୍ରତିଯୋଗିତାରେ ବିଶ୍ୱର ୨୬ଟି ଦେଶର ୧୯୮ଜଣ ଆଥଲେଟ୍ ଭାଗନେଇଥିଲେ। ଯେଉଁଥିରେ ଭାରତର ୮୮ଜଣ ଆଥ୍‌ଲେଟ ରହିଥିଲେ। ଏଥିରେ ପୁରୁଷ ଓ ମହିଳା ବିଭାଗରେ ୯ଟି ଲେଖାଏ ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ମେଗା ପ୍ରତିଯୋଗିତାରେ ଦକ୍ଷିଣ ଆଫ୍ରିକାର ସେପୋ ଜାସନ ୟାଣ୍ଟିନି ଓ ଭାରତର ଅବିନୟା ରାଜରାଜନ ଯଥାକ୍ରମେ ଦ୍ରୁତତମ ଧାବକ ଓ ଧାବିକା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପ୍ରତିଯୋଗିତାର ସବୁଠୁ ଆକର୍ଷଣୀୟ ଇଭେଣ୍ଟ ପୁରୁଷ ଓ ମହିଳା ୧୦୦ ମିଟର ରେସରେ ଜାସନ (୧୦.୧୧ ସେକେଣ୍ଡ) ଓ ରାଜରାଜନ (୧୧.୩୪ ସେକେଣ୍ଡ) ଯଥାକ୍ରମେ ଚାମ୍ପିଅନ ହୋଇଥିଲେ। ସେହିଭଳି ନିକଟରେ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପୁରୁଷ ସଟ୍ ପୁଟରେ ଚାମ୍ପିଅନ ହୋଇଥିବା ନାଇଜେରିଆର ଚୁକୁଏବୁକା ଏନେକ୍ୱେଚି କଳିଙ୍ଗରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଅପରାହ୍ଣରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ।

### ୮୮ ଭାରତୀୟଙ୍କ ମଧ୍ୟରୁ ୨୮ ଜଣଙ୍କୁ ପୋଡିୟମ

ଏହି ମେଗା ଇଭେଣ୍ଟରେ ଭାଗନେଇଥିବା ୮୮ଜଣ ଭାରତୀୟ କ୍ରୀଡ଼ାବିତଙ୍କ ମଧ୍ୟରୁ ୨୮ଜଣ ପୋଡିୟମ ଫିନିଶ କରିଥିଲେ। ସେମାନଙ୍କ ମଧ୍ୟରୁ ୯ଜଣ ଲେଖାଏ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିଭଳି ୧୦ଜଣ ତୃତୀୟ ସ୍ଥାନ ହାସଲ କରିଥିଲେ। ପୁରୁଷ ୫ ହଜାର ମିଟରରେ ହରମନଜୋତ୍ ସିଂହ (୧୪ ମିନିଟ ୧୧.୫୧ ସେକେଣ୍ଡ), ପୁରୁଷ ହାଇଜମ୍ପରେ ଆଦର୍ଶ ରାମ (୨.୨୨ ମିଟର), ପୁରୁଷ ଲଙ୍ଗ ଜମ୍ପରେ ମୁରଲୀ ଶ୍ରୀଶଙ୍କର (୮.୦୭ ମିଟର), ପୁରୁଷ ଜାଭେଲିନ ଥ୍ରୋ'ରେ ରୋହିତ ଯାଦବ (୮୭.୬୮ ମିଟର), ମହିଳା ୧୦୦ ମିଟରରେ ଅବିନୟା ରାଜରାଜନ (୧୧.୩୪ ସେକେଣ୍ଡ), ମହିଳା ୪୦୦ ମିଟରରେ ବିଦ୍ୟା ରାମରାଜ (୫୧.୯୬ ସେକେଣ୍ଡ), ୧୫୦୦ ମିଟରରେ ପୂଜା (୪ ମିନିଟ ୨୭.୨୪ ସେକେଣ୍ଡ), ହାଇଜମ୍ପରେ ସୁପ୍ରିୟା (୧.୭୫ ମିଟର) ଓ ଲଙ୍ଗ ଜମ୍ପରେ ଆନ୍ସି ସୋଜନା (୬.୭୧ ମିଟର) ପ୍ରଥମ ସ୍ଥାନରେ ରହିଥିଲେ।

### ଓଡ଼ିଆ ଆଥ୍‌ଲେଟ ନିରାଶ କଲେ

ଏଥିରେ ଅଂଶଗ୍ରହଣ କରିଥିବା ୬ଜଣ ଓଡ଼ିଆ ଅନିମେଶ କୁଜୁର (ପୁରୁଷ ୧୦୦ମି.ରେ ଷଷ୍ଠ), ବାପି ହାଁସଦା (୮୦୦ମି. ଫିନିଶ କରିପାରିଲେନି), ସ୍ୱାଧୀନ ମାଝୀ (ହାଇଜମ୍ପରେ ୭ମ), କିଶୋର ଜେନା (ଜାଭେଲିନ ଥ୍ରୋ, ଓହରିଗଲେ), ଶ୍ରାବଣୀ ନନ୍ଦ (୧୦୦ମି. ଷଷ୍ଠ ସ୍ଥାନ) ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୦୦ମିଟର ହର୍ଡଲ୍ସରେ ଚତୁର୍ଥ ସ୍ଥାନ) ପୋଡିୟମ ଫିନିଶ କରି ନ ପାରି ନିରାଶ କରିଥିଲେ।

### ଚାମ୍ପିଅନଙ୍କୁ ୧.୫୩ ଲକ୍ଷ ଟଙ୍କା

ଏହି ଏକଦିବସୀୟ ମେଗା ଇଭେଣ୍ଟ ଲାଗି ମୋଟ୍ ୭୫ ହଜାର ଡଲାର (୭୨ ଲକ୍ଷ ଟଙ୍କା) ପୁରସ୍କାର ରାଶି ରଖାଯାଇଥିଲା। ପୋଡିୟମର ପ୍ରଥମ ୬ଟି ସ୍ଥାନରେ ରହିଥିବା କ୍ରୀଡ଼ାବିତଙ୍କୁ ଯଥାକ୍ରମେ ୧୬୦୦ (୧.୫୩ ଲକ୍ଷ), ୧୨୦୦ (୧.୧୪ ଲକ୍ଷ) ଓ ୯୦୦ (୮୬ ହଜାର), ୬୦୦, ୩୦୦ ଓ ୨୦୦ ଡଲାର ଅର୍ଥରାଶି ପ୍ରଦାନ କରାଯାଇଥିଲା।

# ଆମନ୍ତ୍ରଣୀୟ କ୍ରିକେଟରୁ ଓଡ଼ିଶାର ପ୍ରସ୍ତୁତି

ଭୁବନେଶ୍ୱର,୨୨।୮ (ସମିସ): ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳି ଓଡ଼ିଶା ଦଳ ଆସନ୍ତା କ୍ରିକେଟ ଋତୁ ଲାଗି ପ୍ରସ୍ତୁତି କରିବାକୁ ଅଣ୍ଟା ଭିଡିଛି। ଓଡ଼ିଶାର ଉଭୟ ସିନିଅର ଓ ୨୩ ବର୍ଷରୁ କମ୍ ଦଳ ପୁଡୁଚେରୀରେ ଆମନ୍ତ୍ରଣୀୟ କ୍ରିକେଟ ଖେଳିବାକୁ ଯାଇଛି। ସେଠାରେ ଏହି ପ୍ରତିଯୋଗିତା ଏହି ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୨୦ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୪ରେ ଶେଷ ହେବ। ଓଡ଼ିଶା ବ୍ୟତୀତ ୨୩ ବର୍ଷରୁ କମ୍ ଟୁର୍ଣ୍ଣାମେଣ୍ଟରେ ବରୋଦା, ପୁଡୁଚେରୀ, ଝାଡଖଣ୍ଡ, ହିମାଚଳ ପ୍ରଦେଶ ଓ ବେଙ୍ଗଲ ସହ ଖେଳିବ। ସେହିପରି ସିନିଅର ଦଳ ସିପି ସେକ୍ରେଟାରୀ ଏକାଦଶ, ମୁମ୍ବଇ, ହିମାଚଳ ପ୍ରଦେଶ ଓ ବେଙ୍ଗଲ ଟିମ୍ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏଥର ଓଡ଼ିଶା କ୍ରିକେଟ ଦଳର ସମସ୍ତ ପ୍ରଶିକ୍ଷକ ରାଜ୍ୟର ପୂର୍ବତନ ଖେଳାଳିଙ୍କୁ ନିଯୁକ୍ତ କରାଯାଇଛି। ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରୁ ଓଡ଼ିଶା ତାହାର ସିଜନ ଲାଗି କିଭଳି ପ୍ରସ୍ତୁତି କରୁଛି ତାହା ଜଣାପଡ଼ିବ। ଉଭୟ ଦଳରେ ରାଜ୍ୟର ସମସ୍ତ ଶୀର୍ଷ ଖେଳାଳିଙ୍କୁ ସାମିଲ କରାଯାଇଛି।

# ଜାତୀୟ ଜଳକ୍ରୀଡ଼ାରେ କର୍ଣ୍ଣାଟକ ପଦକ ସଂଖ୍ୟା ୬୬

ଭୁବନେଶ୍ୱର,୨୨।୮ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୫୨ତମ ଜାତୀୟ ଜୁନିଅର ଜଳକ୍ରୀଡ଼ାର ୫ମ ଦିନରେ ମଧ୍ୟ ଓଡ଼ିଶା ପଦକ ଜିତିବାରେ ସମର୍ଥ ହୋଇପାରି ନାହିଁ। ପୂର୍ବପରି କର୍ଣ୍ଣାଟକ ଓ ମହାରାଷ୍ଟ୍ର ପଦକ ବିଜୟ ଅଭିଯାନ ଅବ୍ୟାହତ ରଖିଛନ୍ତି। ୫ମ ଦିନ ଶେଷ ସୁଦ୍ଧା କର୍ଣ୍ଣାଟକ ୬୬ଟି ପଦକ ଜିତି ତାଲିକାର ପ୍ରଥମ ସ୍ଥାନ ବଜାୟ ରଖିଛି। ଏଥିରେ ୩୩ ସ୍ୱର୍ଣ୍ଣ, ୨୦ ରୌପ୍ୟ, ୧୩ କାଂସ୍ୟ ରହିଛି। ମହାରାଷ୍ଟ୍ର ୧୪ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୨୨ କାଂସ୍ୟ ସହ ୫୨ଟି ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଛି। ତାମିଲନାଡୁ ୪ ସ୍ୱର୍ଣ୍ଣ ସହ ୨୯ ପଦକ ଜିତି ତୃତୀୟ ଓ ସର୍ଭିସେସ୍ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ୪ ସ୍ୱର୍ଣ୍ଣ ସହ ୧୦ ପଦକ ଜିତି ଚତୁର୍ଥ ସ୍ଥାନରେ ରହିଛି। ୫ମ ଦିନରେ ୧୪ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ମଧ୍ୟରୁ କର୍ଣ୍ଣାଟକ ୮ଟି ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଜିତି ପ୍ରାଧାନ୍ୟ ବିସ୍ତାର କରିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS